

'ପରମ ସୁନ୍ଦରୀ' ପାଇଁ ୧୨ କୋଟି
▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-70 ◆WEDNESDAY ◆3 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୦ ◆ବୁଧବାର ◆୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଝିଅ କବିତାଙ୍କୁ ଦଳରୁ ନିଲମ୍ବନ କଲେ କେସିଆର୍

■ **ହାଇଦରାବାଦ, ୨।୯ (ଏଜେନ୍ସି):** ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଭାରତୀୟ ରାଷ୍ଟ୍ର ସମିତି (ବିଆରଏସ)ରେ ଭାଇ-ଭଉଣୀ କଳି ଉଗ୍ରରୂପ ଧାରଣ କରିଛି। ଏହି କ୍ଷମତା କନ୍ଦଳରେ ବାପା ପୁଅର ପକ୍ଷ ନେଇ ଝିଅ ତଥା ଏମଏଲସି କେ. କବିତାଙ୍କୁ ତତ୍କାଳ ପ୍ରଭାବରେ ମଙ୍ଗଳବାର ଦଳରୁ ନିଲମ୍ବନ କରିଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଆରଏସ ପକ୍ଷରୁ କୁହାଯାଇଛି। ଦିନକ ତଳେ ସାମ୍ବାଦିକ ସମ୍ମିଳନୀ କରି କବିତା ଭାଇ କେଟିଆର୍ ଏବଂ ସମ୍ପର୍କୀୟ ଭାଇ ଟି ହରିଶ ରାଓଙ୍କ ବିରୋଧରେ ଗୁରୁତର ଅଭିଯୋଗ



ଆଣିଥିଲେ। ଦଳର ସହଯୋଗୀମାନେ କେସିଆର ଛବି ଖରାପ କରୁଥିବା କହିଥିଲେ। ସୂଚନା ଅନୁଯାୟୀ ଦୀର୍ଘ ଦିନ ହେଲା ଦଳର ନେତୃତ୍ୱକୁ ନେଇ ନିଜ ଭାଇ କେଟିରାମା ରାଓ ଓରଫ କେଟିଆର ଏବଂ ସମ୍ପର୍କୀୟ ଭାଇ ଟି. ହରିଶଙ୍କ ସହ ତାଙ୍କର ବିବାଦ ଚାଲିଛି। କବିତା ଅଭିଯୋଗ କରିଥିଲେ ଯେ ବିଆରଏସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟିଆର ଦଳକୁ ବିଜେପିରେ ମିଶାଇବାକୁ ଚାହୁଁଛନ୍ତି। ସେହିପରି ବରିଷ୍ଠ ନେତା ଟି ହରିଶ ରାଓ ଏବଂ ପୂର୍ବତନ ସାଂସଦ ମେଘା କୃଷ୍ଣ ରେଡ୍ଡୀ ତାଙ୍କ ବାପାଙ୍କୁ ଦୁର୍ନୀତି ମାମଲାରେ ବଳି ବୋଦା କରିବାକୁ ଚାହୁଁଛନ୍ତି। ତେଲଙ୍ଗାନାର ▶ପୃଷ୍ଠା-୧୦

## ପୁଲିସକୁ ଗୁଳିକରି ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ ଫେରାର

■ **ଚଣ୍ଡୀଗଡ଼, ୨।୯ (ଏଜେନ୍ସି):** ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ପଞ୍ଜାବ ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ହରମିତ୍ ସିଂହ ପଠାଣମାଜରା ପୁଲିସକୁ ଗୁଳିକରି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପୁଲିସ୍ ସୂଚନା ଅନୁଯାୟୀ, ଗିରଫ ପରେ ପଠାଣମାଜରାତାଙ୍କୁ ପଟିଆଲାର ଏକ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଉଥିବା ସମୟରେ ସେ ଏବଂ ତାଙ୍କ ସହଯୋଗୀମାନେ ପୋଲିସ ଉପରେ ଗୁଳି ଚଳାଇ ଏକ ଧଳା ଏସ୍‌ୟୁଭି ଗାଡ଼ିରେ ଖସି ପଳାଇଛନ୍ତି। ଜଣେ ପୁଲିସ୍ କର୍ମଚାରୀ ସେମାନଙ୍କ ଗୁଳିରେ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ପଠାଣମାଜରାଙ୍କୁ




ହରିୟାଣାର କରନାଲ ଜିଲ୍ଲାର ଡାବରି ଗାଁରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଥିଲା। ତାଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ଏକ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛି।

ସୋମବାର ରାତିରେ ସନୌର ବିଧାୟକ ହରମିତ୍ ସିଂହ ପଠାଣମାଜରାଙ୍କ ବିରୁଦ୍ଧରେ ପଟିଆଲାର ସିଭିଲ୍ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଜିରକପୁରର ଜଣେ ମହିଳାଙ୍କ ଅଭିଯୋଗ ଉପରେ ଏହି ଏଫଆଇଆର ରୁଜୁ ହୋଇଥିଲା। ପଠାଣମାଜରା ଏକ ଭିଡିଓ ଜାରି କରି ତାଙ୍କ ନିଜ ଦଳର ନେତୃତ୍ୱ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି।

### 'ସେମିକନ୍-୨୦୨୫' ସମ୍ମିଳନୀରେ ଓଡ଼ିଶାର ତିନି ଚିପ୍

## ଏନ୍‌ଆଇଟି ରାଉରକେଲା, ବ୍ରହ୍ମପୁର ପିଏମ୍‌ଇସିରୁ ପ୍ରସ୍ତୁତ ହୋଇଛି ଚିପ୍

■ **ଭୁବନେଶ୍ୱର, ୨।୯ (ସମିସ):** ଦିଲ୍ଲୀରେ ଆରମ୍ଭ ହୋଇଥିବା 'ସେମିକନ୍-୨୦୨୫' ସମ୍ମିଳନୀରେ ରାଜ୍ୟର ଦୁଇଟି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଦ୍ୱାରା ନିର୍ମିତ ୩ଟି ସେମିକଣ୍ଡକ୍ଟର ଚିପ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏଥି ମଧ୍ୟରୁ ଦୁଇଟି ଚିପ୍ ଏନ୍‌ଆଇଟି ରାଉରକେଲା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ଗୋଟିଏ ଚିପ୍ ବ୍ରହ୍ମପୁର ସ୍ଥିତ ପାରଳା ମହାରାଜ ଇଂଜିନିୟରିଂ କଲେଜ(ପିଏମ୍‌ଇସି)ରେ ପ୍ରସ୍ତୁତ ହୋଇଛି। ଦେଶର ୭୮ ଟି ବିଶ୍ୱବିଦ୍ୟାଳୟ ଓ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି ଚିପ୍ ପ୍ରସ୍ତୁତ କରିଛନ୍ତି। ସେମିକଣ୍ଡକ୍ଟର ଶିଳ୍ପର ବିକାଶ ଓ ପ୍ରସ୍ତୁତି କ୍ଷେତ୍ରରେ ଦେଶରେ ଆରମ୍ଭ ହୋଇଥିବା ବୈପ୍ଳବିକ ଯାତ୍ରାରେ ଓଡ଼ିଶାର ଯୋଗଦାନକୁ ଜାତୀୟ ସ୍ତରରେ ପ୍ରଶଂସା ମିଳିଛି। ଏହି ଚିପ୍‌ଗୁଡ଼ିକ ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍



ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକାକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଆମର ବିଗତ ଶତାବ୍ଦୀ ତେଲ ଦ୍ୱାରା ଗଢ଼ା ହୋଇଥିଲା। ବିଶ୍ୱର ଭାଗ୍ୟ ତୈଳ କୂପ ଦ୍ୱାରା ▶ପୃଷ୍ଠା-୧୦

### ଆଜିଠୁ ଜିଏସ୍‌ଟି ପରିଷଦ ବୈଠକ

## କମିବ ୧୭୫ ସାମଗ୍ରୀର ଟିକସ ହାର

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୯ (ସମିସ):** ବୁଧବାରଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି ଜିଏସ୍‌ଟି ପରିଷଦର ୫୬ତମ ବୈଠକ। ସେପ୍ଟେମ୍ବର ୩ ଏବଂ ୪ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ବୈଠକ ଉପରେ ସାରା ଦେଶର ନଜର ରହିଛି। ଭାରତ ଉପରେ ଆମେରିକା ୫୦% ଟାରିଫ୍ ଲଗାଇଥିବା ପରିପ୍ରେକ୍ଷୀରେ ଏହି ବୈଠକ ବହୁ ଗୁରୁତ୍ୱବହନ କରୁଛି। ନିକଟ ଅତୀତରେ ଜିଏସ୍‌ଟି ମନ୍ତ୍ରୀ ପରିଷଦ ବୈଠକରେ ଜିଏସ୍‌ଟିର ୪ଟି ବର୍ଗ ମଧ୍ୟରୁ ୧୨% ଓ ୨୮% ଟିକସ ଉଚ୍ଛେଦ ସହ ଅତ୍ୟଧିକ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ପର୍ଯ୍ୟନ୍ତ ଟିକସ ଲାଗୁ ନିମନ୍ତେ ପ୍ରସ୍ତାବ ରହିଥିଲା। ଆସନ୍ତାକାଲି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇପାରେ। ତେବେ କେନ୍ଦୁପତ୍ର ଓ ହସ୍ତତନ୍ତ ଉପରେ ଆଦାୟ ହେଉଥିବା ଜିଏସ୍‌ଟି ଉଚ୍ଛେଦ ପାଇଁ ହେଉଥିବା ବହୁଦିନର ଦାବି ସଂକ୍ରାନ୍ତରେ କି ନିଷ୍ପତ୍ତି ନିଆଯିବ ତାହା ଏଯାଏ ସ୍ଥିର ହୋଇନାହିଁ।




▶▶ ସିଗାରେଟ ଉପରେ ଲାଗିବ ୪୦% ଟିକସ

▶▶ ଜିଏସ୍‌ଟି ମୁକ୍ତ ହୋଇପାରେ ବୀମା ଦେୟ

ସୂଚନା ଅନୁସାରେ ଜିଏସ୍‌ଟି ପରିଷଦ ବୈଠକରେ ପ୍ରାୟ ୧୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇପାରେ। ବୈଠକର କାର୍ଯ୍ୟସୂଚୀରେ ୫% ଏବଂ ୧୮% ଦୁଇଟି ମୁଖ୍ୟ ଟିକସ ହାର ସ୍ଥିର କରିବାର ପ୍ରସ୍ତାବ ରହିଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଟିଭି, ଫ୍ରିଜ୍, କାର, ବାଇକ୍, ପ୍ରସାଧନ ସାମଗ୍ରୀ, ଟାୟାର ଓ ଅନ୍ୟ ଉତ୍ପାଦଗୁଡ଼ିକ ଶସ୍ତା ହୋଇପାରେ ବୋଲି ଆଶା କରାଯାଉଛି। ତେଣୁ ସ୍ୱାଭାବିକ ଭାବରେ ଭାରତୀୟ ଉଦ୍ୟୋଗ, ନିବେଶକ ଏବଂ ସେୟାର ବଜାରର ନଜର ଏବେ ଏହି ଜିଏସ୍‌ଟି ପରିଷଦ ବୈଠକ ଉପରେ ରହିଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୩୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ବୈଠକ ପୂର୍ବରୁ ରାଜ୍ୟଗୁଡ଼ିକର ଜିଏସ୍‌ଟି ଅଧିକାରୀମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଯେଉଁଥିରେ ଟିକସ ହାର ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଏବଂ ଅନୁପାଳନ ପ୍ରସଙ୍ଗ ଉପରେ ଗଭୀର ଆଲୋଚନା ହୋଇଛି। ଏହି ବୈଠକରେ ୫ ଏବଂ ୧୮ ପ୍ରତିଶତର ଦୁଇ-ସ୍ତରୀୟ ଟିକସ ହାର ପ୍ରଚଳନ ସହ ଉଚ୍ଚମୂଲ୍ୟର ବିଳାସପୂର୍ଣ୍ଣ ଗାଡ଼ି ଉପରେ ୪୦% ଟିକସ ଲାଗୁ ହୋଇପାରେ ବୋଲି କୁହାଯାଉଛି। ପୂର୍ବରୁ ମନ୍ତ୍ରୀ ▶ପୃଷ୍ଠା-୧୦

## ସୃଷ୍ଟି ହେଲା ଲଘୁଚାପ
## ସାରା ରାଜ୍ୟରେ ପ୍ରବଳ ବର୍ଷା

### ପୁଣି ଉତ୍ତରରେ ଫୁଲିବ ନଦୀ

### ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ

■ **ଭୁବନେଶ୍ୱର, ୨।୯ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ପ୍ରଭାବରେ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ଗୋଟିଏ ସ୍ଥାନରେ ଅତି ପ୍ରବଳ, ୪ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ୫ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। କେନ୍ଦୁଝରର ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଅଧିକ ଘନୀଭୂତ ହେବା ସହ ଏହା ସଦୃଶ ଲଘୁଚାପରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଓ ଓଡ଼ିଶା ମଧ୍ୟ ଦେଇ ଆଗକୁ ଯିବ। ଫଳରେ ବୁଧବାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ନେଇ ▶ପୃଷ୍ଠା-୧୦



ବାଲେଶ୍ୱର ସହରରେ ବନ୍ୟା

### ରାସ୍ତାରେ ଜାଲ ପକାଇଲେ

■ **ବାଲେଶ୍ୱର, ୨।୯ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ବାଲେଶ୍ୱର ସହର ଉବୁଟୁବୁ ହୋଇଛି। ରେମୁଣା ଗୋଲେଇଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ନୂଆସାହି-ବାଲିଆ ରାସ୍ତାରେ ୪ଫୁଟ୍‌ରୁ ଉର୍ଦ୍ଧ୍ୱ ଉଚ୍ଚର ଜଳ ପ୍ରବାହିତ ହେଉଛି। ଏଥିସହ ସହରର ଅନ୍ୟ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇ ଲୋକେ ହନ୍ତସନ୍ତ ହୋଇଛନ୍ତି। ଆଜି ସ୍ଥାନୀୟ ଲୋକମାନେ ସେହି ରାସ୍ତା ଉପରେ ଲହଡି ମାରୁଥିବା ପାଣିରେ ଜାଲ ପକାଇ ଅଭିନବ ଭାବେ ପ୍ରତିବାଦ କରିଛନ୍ତି। ଏପରିକି, ଘଟଣାକୁ ସ୍ଥଳକୁ ▶ପୃଷ୍ଠା-୧୦

### ହୀରାକୁଦରୁ ୬ ଗେଟ୍‌ରେ ଜଳ ନିଷ୍କାସନ



■ **ସମ୍ବଲପୁର, ୨।୯ (ସମିସ):** ହୀରାକୁଦ ଜଳଭଣ୍ଡାରର ଜଳସ୍ତରରେ ବୃଦ୍ଧି ପାଉଥିବାରୁ ଆଜି ପର୍ଯ୍ୟାୟକ୍ରମେ ୬ଟି ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପିଛା ୬୭,୧୨୯ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୩,୫୧୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୭,୦୧୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୨୫୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ▶ପୃଷ୍ଠା-୧୦

### ବିଜେପିକୁ ଅଡୁଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

## ସେପଟେ ଲବି, ଏପଟେ ଚାପ

■ **ଭୁବନେଶ୍ୱର, ୨।୯ (ସମିସ):** ରାଜ୍ୟ ବିଜେପି ସରକାରକୁ ୧୫ ମାସ ଚାଲୁଥିବା ବେଳେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ମନ୍ତ୍ରିମଣ୍ଡଳକୁ ନେଇ ଶୀର୍ଷ ନେତୃତ୍ୱ ସ୍ତରରେ ବାରମ୍ବାର ପ୍ରୟାସ ହୋଇଥିଲେ ହେଁ ବିଭିନ୍ନ କାରଣ ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ। ଏପଟେ ଖାଲିଥିବା ୬ ମନ୍ତ୍ରୀ ପଦ ପାଇଁ ଦଳର ଦୁଇ ଡଜନ ନେତା ଚାହିଁ ବସିଛନ୍ତି। ସେହିପରି ମନ୍ତ୍ରିମଣ୍ଡଳରେ ବର୍ତ୍ତମାନ ଥିବା କିଛି ମନ୍ତ୍ରୀଙ୍କୁ ବାଦ ଦିଆଯିବା ପାଇଁ ଯୋଜନା ହେଉଥିଲେ ହେଁ ଲବି ଓ ଚାପ ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ।

ନିକଟ ଅତୀତରେ ଦଳର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ମନ୍ତ୍ରିମଣ୍ଡଳକୁ ନେଇ ଦଳକୁ ଅଡୁଆରେ ପକାଇବା ଭଳି ଅନେକ ଅଭିମାନପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ବେଳେ ମଙ୍ଗଳବାର ପୁଣି ତାହାକୁ ଦୋହରାଇଛନ୍ତି। କେବଳ ଜୟ ନାରାୟଣ ନୁହନ୍ତି, ବିଧାୟକ ପ୍ରକାଶ ସୋରେନ ମଧ୍ୟ ବରିଷ୍ଠଙ୍କୁ

### ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ; ଓଡ଼ିଶାରେ ଅଭିମାନ

### ଖେଞ୍ଚ ମାରିଲେ ଜୟ, ଦାବି କଲେ ପ୍ରକାଶ

ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା କଥା କହି ନିଜ ଦାବି ଉପସ୍ଥାପନ କରିଛନ୍ତି।

ଜୟନାରାୟଣ କହିଛନ୍ତି ଯେ ସମ୍ପ୍ରସାରଣକୁ ନେଇ ଚର୍ଚ୍ଚା ଆଲୋଚନା ହୁଏ। ମନ୍ତ୍ରିମଣ୍ଡଳ ଯେହେତୁ ଖାଲି ଅଛି, ଚର୍ଚ୍ଚା ହେବା ଏକ ସ୍ୱାଭାବିକ କଥା। ସମ୍ପ୍ରସାରଣ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଅଧୀନ ବିଷୟ। ସେ ଯେତେବେଳେ ଚାହିଁବେ ଏହାକୁ ପୂରଣ କରିବେ। ଏପରିକି ସେ ଏକା ମଧ୍ୟ ମନ୍ତ୍ରିମଣ୍ଡଳ ଚଳାଇପାରିବେ। ମୁଁ ଦଳର ଗୋଟେ ଛୋଟିଆ କର୍ମୀ, ତୃଣମୂଳ କାମ କରିବା ଜାଣେ; ଉପର କଥା ଜାଣେ ନାହିଁ। ରାଜନୀତିରେ ବରିଷ୍ଠ ଅଭିଜ୍ଞର କୌଣସି ମୂଲ୍ୟ ନାହିଁ। ଦଳ ପାଇଁ ନିଷ୍ଠାର ସହ କାମ ଏବଂ କେସ ଖାଇବା ମୂଲ୍ୟହୀନ। ଏସବୁର କିଛି ଗୁରୁତ୍ୱ ନଥାଏ। ମୋ ପାଇଁ ସରକାର ଆସିଛି କି କାହା ପାଇଁ ଆସିଛି ସେକଥା କିଏ ଜାଣେ। ଲୋକେ ନିଷ୍ପତ୍ତି ନେବେ। ମାତ୍ର ଅନେକ ଲୋକ ତାଙ୍କ ପାଇଁ ସରକାର ଆସିଛି ତାହାକୁ ଆମେ ସ୍ୱୀକାର କରୁଛୁ ବୋଲି କହୁଛନ୍ତି ବୋଲି ଜୟ ନାରାୟଣ ମନ୍ତବ୍ୟ ରଖିଛନ୍ତି। ସେହିପରି ଦଳର ଅନ୍ୟତମ ବିଧାୟକ ପ୍ରକାଶ ସୋରେନ ମଧ୍ୟ ▶ପୃଷ୍ଠା-୧୦

## ଫୁଲବାଣୀ, ତାଳଚେର ମେଡିକାଲ କଲେଜରେ ଡାକ୍ତରୀ ପାଠ୍ୟକ୍ରମକୁ ମଞ୍ଜୁରୀ

■ **ଭୁବନେଶ୍ୱର, ୨।୯ (ସମିସ):** ୨୦୨୫-୨୬ ଶିକ୍ଷାବର୍ଷରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମ ଆରମ୍ଭ ହେବ। ଚଳିତ ଶିକ୍ଷା ବର୍ଷ ପାଇଁ ଉଭୟ କଲେଜରେ ୧୦୦ ଲେଖାଏଁ ଏମବିବିଏସ ସିଟ୍‌ରେ ନାମ ଲେଖା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ମାସରେ ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଥିଲେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏହାପରେ କେନ୍ଦ୍ର ସରକାର ଉପରୋକ୍ତ

### ୧୦୦ ଲେଖାଏଁ ସିଟରେ ନାମଲେଖାକୁ ଅନୁମୋଦନ

### ପ୍ରଧାନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି । ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ▶ପୃଷ୍ଠା-୧୦

### ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍ ରିପୋର୍ଟ

## ବସ୍ତାନୀ ବୋଝରେ ବଙ୍କା ପିଲାଙ୍କ ମେରୁଦଣ୍ଡ

■ **ଭୁବନେଶ୍ୱର, ୨।୯ (ସମିସ):** ଆଜିକାଲି ଅନେକ ପିଲା କିଶୋର ବୟସରେ ମେରୁଦଣ୍ଡ ଯନ୍ତ୍ରଣା, କାନ୍ଧରେ ଚାପ ଓ ପିଠି ଯନ୍ତ୍ରଣା ଭଳି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଓଜନିଆ ସ୍କୁଲ ବ୍ୟାଗ୍ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ପ୍ରତିଦିନ ପିଲାମାନଙ୍କ କାନ୍ଧରେ ଝୁଲୁଥିବା ଏହି ବ୍ୟାଗ ସେମାନଙ୍କ ସ୍ୱାସ୍ଥ୍ୟ, ଅଙ୍ଗଭଙ୍ଗୀ ଏବଂ ଶାରୀରିକ ବୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପକାଉଛି।

ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ପିଲାମାନେ ପ୍ରାୟତଃ ସେମାନଙ୍କ ଶରୀରର ଓଜନର ୧୦ ରୁ ୨୫ ପ୍ରତିଶତ ସ୍କୁଲ ବ୍ୟାଗ ବହନ କରନ୍ତି। ଯାହା ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ ବିପଦ ସୃଷ୍ଟି କରିଛି। ସାଧାରଣତଃ ଗୋଟିଏ ସ୍କୁଲ ପିଲା ଦିନକୁ ପ୍ରାୟ ୮ଟି ବିଷୟରେ ବିଦ୍ୟାଳୟରେ



### ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ଗୁରୁତର ପ୍ରଭାବ

### ପୁଅଙ୍କ ଅପେକ୍ଷା ଝିଅମାନଙ୍କ ସ୍ୱାସ୍ଥ୍ୟ ଅଧିକ ପ୍ରଭାବିତ

ପଢ଼ିଥାଏ। ତେଣୁ ସ୍କୁଲକୁ ଅତି କମରେ ୮ଟି ବହି ସମେତ ନୋଟବୁକ୍, ୱାର୍କସିଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ସାଥିରେ ନେଇଥାଏ। ଦିନକୁ ଅନ୍ୟୂନ ୨୦ ରୁ ୨୫ ମିନିଟ୍ ପାଇଁ ପିଲାମାନେ ତାକୁ କାନ୍ଧରେ ବୋହିଥାନ୍ତି। ଏଣୁ ସେମାନଙ୍କ ପିଠିରେ ଯନ୍ତ୍ରଣା ହୋଇଥାଏ। ଏହି ରିପୋର୍ଟ ଅନୁସାରେ ପୁଅମାନଙ୍କ ତୁଳନାରେ ଝିଅମାନେ ଏହି ଯନ୍ତ୍ରଣାରେ ଅଧିକ ପୀଡ଼ିତ ହୋଇଥାନ୍ତି। ବିଶେଷକରି ଭାରୀ ବ୍ୟାଗ୍ ବୋହିଥିବା ପିଲାମାନେ ବ୍ୟାଗ୍ ଓଜନରେ ସନ୍ତୁଳନ ଆଣିବା ପାଇଁ ପ୍ରାୟତଃ ଆଗକୁ ନଇଁ ଚାଲନ୍ତି। ଏହା ଶରୀରର ସ୍ଥିତିକୁ ଅସ୍ୱାଭାବିକ କରିବା ସହ ମେରୁଦଣ୍ଡକୁ କ୍ରମଶଃ ବଙ୍କା କରିଦିଏ। ସ୍କୋଲିଓସିସ୍ ପରି ମେରୁଦଣ୍ଡ ସମସ୍ୟା ଥିବା ପିଲାଙ୍କ କ୍ଷେତ୍ରରେ ଆହୁରି ଜଟିଳ ସ୍ଥିତି ସୃଷ୍ଟି ହୋଇଥାଏ। ପିଲାର ପିଠି, କାନ୍ଧ କିମ୍ବା ଗୋଡରେ ଯନ୍ତ୍ରଣା ହେବା ଆରମ୍ଭ ହେବା ଓଜନିଆ ବ୍ୟାଗ୍‌ର ପ୍ରଭାବ ହୋଇପାରେ। ଏହା ବ୍ୟତୀତ ପିଠି, ବେକ ଓ କାନ୍ଧରେ ଯନ୍ତ୍ରଣା ବା କଠିନ ହେବା, ହାତ ଝିମ୍‌ଝିମ୍ ହେବା, ଚାଲିବା ଓ ବସିବାରେ ଅସମାନତା, ଲଗାତାର ଅସ୍ଥିରତା, ହାଲୁକା ଜ୍ୱର କିମ୍ବା ଓଜନ ହ୍ରାସ, ପରିସ୍ରା ସମସ୍ୟା ତୀବ୍ର ହୁଏ କିମ୍ବା ଲାଗି ରହିବା ଏହାର ଅନ୍ୟତମ କାରଣ। ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ଖରାପ ପ୍ରଭାବ ପକାଇଥାଏ। ପିଲାଙ୍କ ମଧ୍ୟରେ ଚିଡ଼ିଚିଡ଼ା, ଅସ୍ଥିରତା ଏବଂ ସ୍କୁଲ୍ ନ ଯିବାକୁ ବାହାନା ଆଦି ଲକ୍ଷଣ ଦେଖାଯାଏ। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ▶ପୃଷ୍ଠା-୧୦

# ଚୀନ୍ ରଣନୀତିର ଶିକାର ହେବ ଭାରତ!

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜବାବୀ ଶୁଳ୍କ ବିଶ୍ୱ ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିଛି। ଏଥିରେ ଆମେରିକାର ଲାଭ ହେଉ କି ନ ହେଉ, କ୍ଷତି କିନ୍ତୁ ଅଧିକ ହେଉଛି। ଟ୍ରମ୍ପଙ୍କ ଏହି ଶୁଳ୍କ ନୀତି ଏବଂ ନୋବେଲ ଶାନ୍ତି ପୁରସ୍କାର ପାଇବାର ଅଭିଳାଷ ପାଇଁ ଅନେକ ବନ୍ଧୁ ରାଷ୍ଟ୍ର ୱାସିଂଟନଠାରୁ ଦୂରେଇ ଯାଇଛନ୍ତି। ଏହି ଦେଶଗୁଡିକ ମଧ୍ୟରେ ଭାରତ ସାମିଲ ରହିଛି। ଟ୍ରମ୍ପଙ୍କ ନୀତି ଯୋଗୁଁ ଶତ୍ରୁ ରାଷ୍ଟ୍ର ଚୀନ୍ ସହ ଭାରତର ଘନିଷ୍ଠତା ବଢ଼ି ଚାଲିଛି। ଦିନେ ତଳେ ଶେଷ ହୋଇଥିବା ଏସ୍‌ସିଓ ଶିଖର ସମ୍ମିଳନୀରେ ଏହାର ଝଲକ ଦେଖିବାକୁ ମିଳିଛି। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟରେ ଆମେରିକୀୟ ଶୁଳ୍କର ମୁକାବିଲା ପାଇଁ ଚର୍ଚ୍ଚା ହୋଇଛି। ଏସ୍‌ସିଓ ମଞ୍ଚରୁ ଜିନ୍‌ପିଙ୍ଗ ଆମେରିକାର ଏକଚାଟିଆ ନୀତିକୁ ବିରୋଧ କରି ବିଶ୍ୱରେ ନୂଆ ଆର୍ଥିକ ଏବଂ ସୁରକ୍ଷା ବ୍ୟବସ୍ଥା ଆପଣାଇବାକୁ ଆହ୍ୱାନ ଦେଇଛନ୍ତି। ଏହି ମଞ୍ଚରେ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଅଣଦେଖା କରି ଭାରତ ସହ ଘନିଷ୍ଠତା ବଢ଼ାଇବାର ସଙ୍କେତ ଦେଇଛନ୍ତି। କିନ୍ତୁ ଚୀନ୍ ବିଶ୍ୱାସର ପାତ୍ର ନୁହେଁ ବୋଲି ପୂର୍ବରୁ ସଙ୍କେତ ଦେଇସାରିଛି। ତେଣୁ ସତର୍କତାରେ ଚୀନ୍ ସହ ଘନିଷ୍ଠତା ବଢ଼ାଇବା ଉଚିତ ବୋଲି ବିଶେଷଜ୍ଞମତ ଦେଉଛନ୍ତି। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ ଲେଖିଥିବା ଗୁପ୍ତ ଚିଠି ପାଇଁ ଦୁଇ ଦେଶ ମଧ୍ୟରେ ପୁଣିଥରେ ଘନିଷ୍ଠତା ବଢ଼ିଲା ବୋଲି କୁହାଯାଉଛି। କିନ୍ତୁ ହାତ ବଢ଼ାଇ ଛୁରା ମାରିବାର ଉଦାହରଣ ମଧ୍ୟ ଚୀନ୍ ସୃଷ୍ଟି କରିଛି। ଦିବଂଗତ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ସମୟରେ ଚୀନ୍ ଏଭଳି କରିଥିଲେ। ଏପଟେ ବନ୍ଧୁତାର ହାତ ବଢ଼ାଇ ଭାରତ ଉପରେ ଆକ୍ରମଣ କରିଥିଲା। ତେଣୁ ଚୀନ୍‌କୁ ବିଶ୍ୱାସ କରିବା ଘାତକ ହୋଇପାରେ ବୋଲି କୁହାଯାଉଛି।

ଚୀନ୍ ରାଷ୍ଟ୍ରପତି ଭାରତ ପ୍ରତି ଯେଉଁ ରଣନୀତି ଆପଣାଇଛନ୍ତି ତାହାକୁ ନେଇ ସଂଶୟ ଲାଗି ରହିଛି। ସେ କେବଳ ଭାରତକୁ ବଜାର ଭାବେ ଦେଖୁଥିବା କୁହାଯାଉଛି। ଆଉ ତାଙ୍କର ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମେରିକୀୟ ଶୁଳ୍କ ସହାୟତା କରିଛି। ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଜିନପିଙ୍ଗ ପ୍ରଥମ ଥର ପାଇଁ ଭାରତ ଆସିଥିଲେ। ଏହି ସମୟରେ ମୋଦୀ ତାଙ୍କୁ ସାବରମତୀରେ ବୁଲାଇ ଥିଲେ। ସେହିପରି ମୋଦୀଙ୍କ ଚୀନ୍ ଗସ୍ତରେ ଜିନପିଙ୍ଗ ତାଙ୍କୁ ନିଜ ଗୃହ ସହର ସିଆନକୁ ନେଇଥିଲେ। ଏହା ଭାରତ-ଚୀନ୍ ମଧ୍ୟରେ ନୂଆ ସମ୍ପର୍କ ସୃଷ୍ଟି କରିବ ବୋଲି ଲାଗୁଥିଲା। କିନ୍ତୁ ଏହାର ଦୁଇ ବର୍ଷ ପରେ ଡୋକଲାମରେ ଭାରତ-ଚୀନ୍ ସେନା ମୁହାଁମୁହିଁ ହୋଇଥିଲେ। ୭୩ ଦିନ ଆଲୋଚନା ପରେ ଉଭୟ ଦେଶ ପଛକୁ ହଟି ଥିଲେ। ଏହା ମଧ୍ୟରେ ଆମେରିକା ଏବଂ ଭାରତ ଅଧିକ ଘନିଷ୍ଠ ହେବାରେ ଲାଗିଥିଲେ। ମାତ୍ର ଏହା ଦେଖି ଚୀନ୍ ସହି ପାରି ନ ଥିଲା। ଭାରତ ମଧ୍ୟ ରୋଡ ଆଣ୍ଡ ବେଲ୍ଟ ଇନିସିଏଟିଭ (ବିଆରସି)ରେ ସାମିଲ ହେବାକୁ ମନା କରିଦେଇଥିଲା। ଏହା ପରେ ୨୦୨୦ରେ ଗଲୱାନରେ ଭାରତ-ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ଅଧିକ ତିକ୍ତ କରିଦେଇଥିଲା। ସ୍ଥିତି ୧୯୬୨ ଯୁଦ୍ଧ ପରର ହୋଇଯାଇଥିଲା। କିନ୍ତୁ ଗତ ବର୍ଷ ଅକ୍ଟୋବରରେ ରୁଷରେ ଏସ୍‌ସିଓ ସମ୍ମିଳନୀ ଚାଲିଥିବା ସମୟରେ ଦୁଇ ଦେଶ ପୁଣିଥରେ ସମ୍ପର୍କ ବଢ଼ାଇବାର ସଙ୍କେତ ଦେଇଥିଲେ। ଆମେରିକା ଶୁଳ୍କ ଲଗାଇବା ପରେ ଏହି ସମ୍ପର୍କ ଅଧିକ ନିବିଡ଼ ହୋଇଥିଲା। କହିବାକୁ ଗଲେ ଗତ ୧୦-୧୧ ବର୍ଷ ହେଲା ଭାରତକୁ ନେଇ ଜିନପିଙ୍ଗ ସହଯୋଗ ଏବଂ ସଂଘର୍ଷର ଦୋମୁହାଁ ନୀତି ଆପଣାଉଛନ୍ତି।

## ଭାରତଠୁ କ'ଣ ଚାହୁଁଛନ୍ତି ଜିନ୍‌ପିଙ୍ଗ



ବିଶେଷଜ୍ଞଙ୍କ ଅନୁଯାୟୀ ମାଓ-ସେ-ତୁଙ୍ଗ ହେବାର ସ୍ୱପ୍ନକୁ ଜିନପିଙ୍ଗ ପୂରଣ କରିସାରିଛନ୍ତି। ଏବେ ସେ ୨୦୪୯ ସୁଦ୍ଧା ଚୀନ୍‌କୁ ବିଶ୍ୱ ନେତା କରିବାକୁ ଚାହୁଁଛନ୍ତି। ଏ ଦିଗରେ ସେ ଆଗକୁ ବଢୁଛନ୍ତି। ଏ ପର୍ଯ୍ୟନ୍ତ ଆମେରିକାର ନିୟମରେ ବିଶ୍ୱ ଚାଲୁଛି, କିନ୍ତୁ ଚୀନ୍ ନିଜ ହିସାବରେ ବିଶ୍ୱକୁ ଚଲାଇବାକୁ ଚାହୁଁଛି। ଗତ ଦୁଇ ତିନି ବର୍ଷ ହେଲା ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରଙ୍କ ସହ ଚୀନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛି। 'ଗ୍ଲୋବାଲ ସାଉଥ' ଦେଶକୁ ଏକାଠି କରି ଆମେରିକା ବିରୋଧୀ କରାଇବା ହେଉଛି ଜିନ୍‌ପିଙ୍ଗ ଲକ୍ଷ୍ୟ ବୋଲି ଆମେରିକାର ବରିଷ୍ଠ ସାମ୍ବାଦିକ ମାଇକେଲ ସୁମ୍ୟାନ କହିଛନ୍ତି।

ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରଭାବ ବଢ଼ାଇବା ଲାଗି ଆମେରିକା ଭାରତ ସହ ବନ୍ଧୁତାର ହାତ ବଢ଼ାଇ ଥିଲା। ଏବେ ଦୁଇ ଦେଶର ସମ୍ବନ୍ଧରେ ତିକ୍ତତା ଦେଖା ଦେଇଛି। ତେଣୁ ଏହି କ୍ଷେତ୍ରରେ ପ୍ରଭାବ ବଢ଼ାଇବା ଲାଗି ଚୀନ୍ ଭାରତର ନିକଟତର ହେବାରେ ଲାଗିଛି। ଏହି ଦେଶ ନିଜକୁ ଆମେରିକାଠାରୁ ଭରସାଯୋଗ୍ୟ ସହଯୋଗୀ ଭାବେ ଦେଖାଇବା ପାଇଁ ଚାହୁଁଛି। ଏହା ବ୍ୟତୀତ ଭାରତୀୟ ବଜାର ଉପରେ ଚୀନ୍‌ର ନଜର ରହିଛି। ଚୀନ୍ ପାଇଁ ଭାରତ ଏକ ବୃହତ ବଜାର। ଚୀନ୍‌ରେ ଉତ୍ପାଦନ ଏତେ ବଢ଼ି ଯାଇଛି ଯେ ଏହା ବିଦେଶକୁ ରପ୍ତାନୀ କରିବା ଜରୁରୀ ହୋଇ ପଡ଼ିଛି। ୨୦୨୪ରେ ଭାରତକୁ ଚୀନ୍ ୧୨୦ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। ଏହାକୁ ଅଧିକ ବଢ଼ାଇବା ପାଇଁ ଚୀନ୍ ଚାହୁଁଛି। ବିଶେଷଜ୍ଞଙ୍କ ଅନୁଯାୟୀ ଦକ୍ଷିଣ-ପୂର୍ବ ଏସିଆ ଦେଶର ଅର୍ଥବ୍ୟବସ୍ଥା ପାଶ୍ଚାତ୍ୟ ଦେଶର ରପ୍ତାନୀ ଉପରେ ନିର୍ଭରଶୀଳ। ୟୁରୋପ ଏକ ବଡ଼ ବଜାର ହୋଇଥିଲେ ବି ଏଠାରେ ସୁଯୋଗ କମ୍ ରହିଛି। ଏଭଳି ସ୍ଥିତିରେ ଭାରତୀୟ ବଜାର ଚୀନ୍‌କୁ ଆକୃଷ୍ଟ କରୁଛି।

ଏସିଆରେ ଚୀନ୍‌ର ପ୍ରତିଦ୍ୱନ୍ଦ୍ୱି ହେଉଛି ଭାରତ। ମାନବ ସମ୍ବଳ ହେଉ କି ପ୍ରାକୃତିକ ସମ୍ପଦ ସବୁଥିରେ ଚୀନ୍‌କୁ ଭାରତ ଟକ୍କର ଦେଉଛି। ମାତ୍ର ଗଣତନ୍ତ୍ର ଯୋଗୁଁ ପାଶ୍ଚାତ୍ୟ ଦେଶ ଭାରତକୁ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ସୁପରପାୱାର ହେବା ଦିଗରେ ଭାରତ ସମସ୍ୟା ନ ହେଉ ବୋଲି ଚୀନ୍ ଚାହୁଁଛି। ସୁଚିନ୍ତିତ ରଣନୀତି ଆପଣାଇ ଚୀନ୍ ଭାରତର ନିକଟତର ହେଉଛି। କିନ୍ତୁ ପରବର୍ତ୍ତିତ ଭୂ-ରାଜନୈତିକ ସ୍ଥିତି ଯୋଗୁଁ ଭାରତ ଚୀନ୍ ସହ ସମ୍ପର୍କ ବଢ଼ାଉଛି। ଭାରତ ଏବଂ ଚୀନ୍‌ର ବିଶେଷଜ୍ଞ ମିଶି ଆମେରିକା ଉପରୁ ନିର୍ଭରଶୀଳତା କମ୍ କରିବା ପାଇଁ ବାଟ ବାହାର କରିପାରନ୍ତି। ତେବେ ଦୀର୍ଘ ଦିନ ପର୍ଯ୍ୟନ୍ତ ଚୀନ୍ ଉପରେ ନିର୍ଭର ରହିଲେ ଭାରତର ଘରୋଇ ଉତ୍ପାଦନ କ୍ଷମତା ହ୍ରାସ ପାଇପାରେ। ସେହିପରି ସତର୍କତାର ସହ ଚୀନ୍ ସହ କୂଟନୈତିକ ସମ୍ପର୍କ ରଖିବା ଉଚିତ ବୋଲି ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ରାଜ୍ ଶୁକ୍ଳା କହିଛନ୍ତି।

## ଅକ୍ଟୋବର ୯ରୁ ବଜେଟ୍ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆସନ୍ତା ଅକ୍ଟୋବର ୯ରୁ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବ। ମଙ୍ଗଳବାର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୂ-ରାଜନୈତିକ ଅନିଶ୍ଚିତତା ଏବଂ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ଦ୍ୱାରା ଲାଗୁ ହୋଇଥିବା ୫୦ ପ୍ରତିଶତର ଭାରୀ ଶୁଳ୍କକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକବର୍ଷର ବଜେଟ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର ଆଗାମୀ ଆର୍ଥିକବର୍ଷର ବଜେଟ୍‌ରେ ଚାହିଦା ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଅର୍ଥନୀତିକୁ ୮%ରୁ ଅଧିକ ଅଭିବୃଦ୍ଧି ହାର ପ୍ରଦାନ ଉପରେ ଧ୍ୟାନ ଦେବେ। ସରକାର ଆକଳନ କରିଛନ୍ତି ଯେ ୨୦୨୬-୨୭ ଆର୍ଥିକବର୍ଷରେ ଭାରତୀୟ ଅର୍ଥନୀତି ୬.୩-୬.୮% ମଧ୍ୟରେ ଅଭିବୃଦ୍ଧି ହାସଲ କରିବ। ଅର୍ଥନୈତିକ ବ୍ୟାପାର ବିଭାଗର ବଜେଟ୍ ସର୍କୁଲାର (୨୦୨୬-୨୭) ଅନୁଯାୟୀ, ସଚିବ (ବ୍ୟୟ)ଙ୍କ ଅଧ୍ୟକ୍ଷତାରେ ପ୍ରାକ୍-ବଜେଟ୍ ବୈଠକ ଅକ୍ଟୋବର ୯ରୁ ଆରମ୍ଭ ହେବ। ସରକାର ଚଳିତ ଆର୍ଥିକ ବର୍ଷର ବଜେଟ୍ ରେ ନାମମାତ୍ର ଆଧାରରେ ୧୦.୧ ପ୍ରତିଶତ ଅଭିବୃଦ୍ଧି ହାର ଆକଳନ କରିଛନ୍ତି। ଅନ୍ୟପକ୍ଷରେ, ଆର୍ଥିକ ନିଅଣ୍ଟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୪ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି।

## ମରାଠା ସଂରକ୍ଷଣ; ଅନଶନ ଭାଙ୍ଗିଲେ ଜରାଙ୍ଗେ

- ଦାବି ପୂରଣ କରିବାକୁ ସରକାର ରାଜି

ମୁମ୍ବଇ, ୨।୯ (ଏଜେନ୍ସି): ମରାଠା ସଂରକ୍ଷଣ ପାଇଁ ଚାଲିଥିବା ଆନ୍ଦୋଳନ ସଫଳ ହୋଇଛି। ମରାଠା ନେତା ମନୋଜ ଜରାଙ୍ଗେ ପାଟିଲଙ୍କ ଦାବିକୁ ମହାରାଷ୍ଟ୍ର ସରକାର ମାନି ନେଇଛନ୍ତି। ହାଇଦରାବାଦ ରାଜପତ୍ରକୁ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଛି। ଏହି ରାଜପତ୍ରରେ ମରାଠାଙ୍କୁ କୁନବି ସମ୍ପ୍ରଦାୟର ବୋଲି କୁହାଯାଇଛି। ଏହା ସହିତ ସଂରକ୍ଷଣ ପାଇଁ ଆନ୍ଦୋଳନ କରୁଥିବା ବିକ୍ଷୋଭକାରୀଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବାକୁ ଏବଂ ସପ୍ତାହେ ଭିତରେ ପ୍ରାଣ ହରାଇଥିବା ବିକ୍ଷୋଭକାରୀଙ୍କୁ ସହାୟତା ପ୍ରଦାନ ନେଇ ସରକାର ସହମତି ପ୍ରକାଶ କରିଛନ୍ତି। ଦାବି ପୂରଣ ହେବାରୁ ଜରାଙ୍ଗେ ନିଜର ପାଞ୍ଚ ଦିନିଆ ଆମରଣ ଅନଶନ ଭାଙ୍ଗିଛନ୍ତି। ମନ୍ତ୍ରୀ ରାଧାକୃଷ୍ଣ ଭିଖେପାଟିଲ ତାଙ୍କୁ ପାଣି ପିଆଇ ଅନଶନ ଶେଷ କରିଛନ୍ତି। ଆମେ ଜିତିଲୁ ବୋଲି କହିଛନ୍ତି। ଏହି ଦାବି ପୂରଣ ନେଇ ନିର୍ଦ୍ଦେଶ ଜାରି କରିବା ପରେ ରାତି ସୁଦ୍ଧା ବିକ୍ଷୋଭସ୍ଥଳ ଖାଲି କରିଦିଆଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଏହି ଆନ୍ଦୋଳନକୁ ନେଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ପଡ଼ିଆ ଖାଲି କରିବା ପାଇଁ କହିଥିଲେ।

## ଡାକ୍ତରଖାନାରେ ମୂଷା କାମୁଡିଲା; ନବଜାତକ ମୃତ

ଇନ୍ଦୋର, ୨।୯ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ଏମ ୱାଇ ସରକାରୀ ଡାକ୍ତରଖାନାରୁ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଡାକ୍ତରଖାନାର ଶିଶୁ ୱାର୍ଡ ଏନଆଇସିୟୁରେ ମୂଷା ଆତଙ୍କ ସୃଷ୍ଟି କରିଛନ୍ତି। ଦୁଇ ନବଜାତକଙ୍କ ହାତ, ଆଙ୍ଗୁଠି ଏବଂ ମୁଣ୍ଡକୁ କାମୁଡି ରକ୍ତାକ୍ତ କରି ଭୟର ପରିବେଶ ସୃଷ୍ଟି କରିଛି। ଏହି ଶିଶୁଙ୍କ ମଧ୍ୟରେ ଜଣେ ମଙ୍ଗଳବାର ପ୍ରାଣ ହରାଇଛି। ଅନ୍ୟ ନବଜାତକର ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ତାକୁ ଭେଣ୍ଟିଲେଟରରେ ରଖାଯାଇଛି। ୱାର୍ଡରେ ମୂଷା ବୁଲୁଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି। ତେବେ ମୂଷା କାଟିବା ଯୋଗୁଁ ନବଜାତକର ମୃତ୍ୟୁ ହୋଇ ନଥିବା କହି ହସ୍ପିଟାଲ ପ୍ରଶାସନ ଦୋଷ ଝାଡ଼ିବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ ପ୍ରଶାସନ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛି। ସୂଚନା ଅନୁଯାୟୀ ହସ୍ପିଟାଲରେ ମୂଷା ଉତ୍ପାତ କରୁଛନ୍ତି। କିଛି ଦିନ ହେଲା ଏନଆଇସିୟୁରେ ଏକ ବଡ଼ ମୂଷାକୁ ଦେଖିବାକୁ ମିଳୁଛି। ଏହାକୁ ଦେଖି କର୍ମଚାରୀ ମଧ୍ୟ ଡରି ଯାଉଛନ୍ତି। ଏହି ମୂଷା କାମୁଡା ମାମଲାରେ ଦୁଇ ନର୍ସିଂ ଅଧିକାରୀଙ୍କୁ ନିଲମ୍ବନ କରିଦିଆଯାଇଛି।

## ସୁଦାନରେ ଭୂସ୍ଖଳନ; ୧୦୦୦ ମୃତ




ଖାର୍ତୁମ, ୨।୯ (ଏଜେନ୍ସି): ସୁଦାନର ପଶ୍ଚିମ ଦରାଫୁର କ୍ଷେତ୍ରର ମରା ପାର୍ବତ୍ୟାଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ପରେ ହୋଇଥିବା ଏହି ପ୍ରାକୃତିକ ବିପର୍ଯ୍ୟୟରେ ତାରାସିନ ଗାଁ ମାଟିରେ ମିଶିଯାଇଛି। ଏଥିରେ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ସୌଭାଗ୍ୟବଶତଃ କେବଳ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚି ଯାଇଛି। ସୁଦାନ ଲିବରେସନ ଆର୍ମି (ଏସଏଲଏମ/ଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଦ୍ଧାରକାର୍ଯ୍ୟରେ ସହଯୋଗ ପାଇଁ ଜାତିସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ଏଜେନ୍ସିଙ୍କୁ ଏସଏଲଏମ ସହାୟତା ମାଗିଛି। ସୂଚନା ଅନୁଯାୟୀ ଉତ୍ତର ଦରାଫୁର କ୍ଷେତ୍ରରେ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ର୍ୟାପିଡ ଆକ୍ସନ ଫୋର୍ସ ମଧ୍ୟରେ ଦୁଇ ବର୍ଷ ହେଲା ଗୃହଯୁଦ୍ଧ ଚାଲିଛି। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ମରା ପର୍ବତରେ ଶରଣ ନେଇଛନ୍ତି। ବିନା ଖାଦ୍ୟ ଏବଂ ଔଷଧରେ ବଞ୍ଚିବା ପାଇଁ ଲୋକେ ସଂଘର୍ଷ କରୁଛନ୍ତି।

## ଆଫଗାନିସ୍ତାନ ଭୂକମ୍ପ: ମୃତ୍ୟୁସଂଖ୍ୟା ୧୪୦୦ ଟପିଲା

କାବୁଲ, ୨।୯ (ଏଜେନ୍ସି): ଆଫଗାନିସ୍ତାନରେ ଆସିଥିବା ୬.୩ ତୀବ୍ରତାର ପ୍ରଳୟଙ୍କାରୀ ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି ସଂଖ୍ୟା ୧୪୧୧ରେ ପହଞ୍ଚି ଯାଇଛି। ୩୫୦୦ରୁ ଅଧିକ ଆହତ ହୋଇଛନ୍ତି। ହଜାର ହଜାର ଲୋକ ଏବେ ବି ନିଖୋଜ ଅଛନ୍ତି। ଅବଶେଷ ତଳୁ ଜୀବନ ଖୋଜା ଚାଲିଛି। ତେଣୁ ଆଗାମୀ ଦିନରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ବିଭିନ୍ନ ଏଜେନ୍ସି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଭୂକମ୍ପ ଯୋଗୁଁ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ରାସ୍ତାଘାଟ ବନ୍ଦ ରହିଛି। ଏଥିପାଇଁ ଉଦ୍ଧାରକାର୍ଯ୍ୟ ପ୍ରଭାବିତ ହେଉଛି। ଏହି ସବୁ ରାସ୍ତା ଖୋଲିବା ପାଇଁ ଉଦ୍ଧାରକାରୀ ଦଳ ପ୍ରୟାସ କରୁଛନ୍ତି। ଅଞ୍ଚଳରେ ୮ ହଜାରରୁ ଅଧିକ ଘର ଧ୍ୱଂସ ହୋଇଯାଇଛି ବୋଲି 'ଆଫଗାନ ରେଡ୍ କ୍ରିସେଣ୍ଟ ସୋସାଇଟି' ପକ୍ଷରୁ କୁହାଯାଇଛି। ମାଟି, କାଠ ଏବଂ ଇଟାରେ ଘରଗୁଡିକ ନିର୍ମାଣ ହୋଇଥିବାରୁ ଭୂକମ୍ପ ଝଟ୍‌କାରେ ସବୁ ତାସ୍ ପତା ଭଳି ଭୁଶୁଡ଼ି ଯାଇଥିଲା ବୋଲି କୁହାଯାଉଛି। ୬.୩ ଭୂକମ୍ପପରେ ଆହୁରି ଅନେକ ଥର ମୃଦୁ ଭୂକମ୍ପ ଆସିଥିଲା। ଏହା ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଥିଲା। ମଙ୍ଗଳବାର ସକାଳେ ମଧ୍ୟ ୫.୨ ତୀବ୍ରତାର ଭୂକମ୍ପ ହୋଇଛି।

ଏହି ଭୂକମ୍ପ କୁନାର ପ୍ରଦେଶରେ ସର୍ବାଧିକ କ୍ଷତି ଘଟାଇଛି। ନଦୀ କୂଳିଆ ଏବଂ ପାହାଡ଼ିଆ ଅଞ୍ଚଳରେ ରହୁଥିବା ଅନେକ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ଅବଶେଷ ତଳେ ଫସି ରହିଥିବା ସୂଚନା ମିଳିଛି। କୁନାର ଗ୍ରାମରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଆହୁରି ଅଧିକ ଦୂରାନ୍ତ ଅଞ୍ଚଳରେ ପହଞ୍ଚିବାକୁ ପ୍ରୟାସ କରାଯାଉଛି। ଆହତଙ୍କୁ ହେଲିକପ୍ଟରରେ ମେଡିକାଲ ନିଆଯାଉଛି ବୋଲି ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରାଦେଶିକ ମୁଖ୍ୟ ଇସାନୁଲ୍ଲାହ ଏହସାନ କହିଛନ୍ତି।

## "ବ୍ୟକ୍ତିଗତ ଲାଭ ପାଇଁ ଭାରତ ସହ ସମ୍ପର୍କ ଖରାପ କରୁଛନ୍ତି ଟ୍ରମ୍ପ"

### ଏସ୍‌ସିଓ ବୈଠକ କେବଳ ପ୍ରହସନ: ଆମେରିକା ଅର୍ଥମନ୍ତ୍ରୀ

ୱାସିଂଟନ, ୨।୯ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଦେଖୁଛନ୍ତି ବୋଲି ଆମେରିକାର ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜ୍ୟାକ୍ ସୁଲିଭାନ୍ ଅଭିଯୋଗ କରିଛନ୍ତି। ଏକ ସାକ୍ଷାତକାର ସେ କହିଛନ୍ତି ଯେ ପାକିସ୍ତାନ ସହିତ ପାରିବାରିକ ବ୍ୟବସାୟ ପାଇଁ ଟ୍ରମ୍ପ ଭାରତ ସହିତ ଆମେରିକାର ସମ୍ପର୍କକୁ ନଷ୍ଟ କରିଛନ୍ତି। ଏହାର ଫଳ ସମଗ୍ର ଦେଶକୁ ଭୋଗିବାକୁ ପଡିବ। ବ୍ୟକ୍ତିଗତ ଲାଭ ପାଇଁ ଟ୍ରମ୍ପ ଭାରତ-ପାକିସ୍ତାନ ବିବାଦ ବନ୍ଦ କରିବାକୁ ଦାବି କରିଛନ୍ତି। ଟ୍ରମ୍ପଙ୍କ ବୈଦେଶିକ ନୀତିର ଏହି ପ୍ରସଙ୍ଗକୁ ଏ ପର୍ଯ୍ୟନ୍ତ ଉତ୍ଥାପନ କରାଯାଇନାହିଁ। ସେ ବିଦେଶ ନୀତିରୁ ବିଚ୍ୟୁତ ହୋଇ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆମେରିକା ସବୁବେଳେ ଭାରତ ସହିତ ଭଲ ସମ୍ପର୍କ ରଖିବାକୁ ଚାହୁଁଛି। ଏହା ଦ୍ୱାରା ଦେଶର ଲାଭ ହେବ। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ କହିଛନ୍ତି ଯେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ମୋଦୀ ଛିଡ଼ା ହେବା ଲଜ୍ଜାଜନକ। ରୁଷ୍ ବଦଳରେ ସେ ଆମେରିକାର ସାଥିରେ ଛିଡ଼ା ହେବା ଉଚିତ। ଆମେରିକା ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ଭାରତର ତୈଳ କ୍ରୟ ଦ୍ୱାରା ରୁଷ୍‌ର ଯୁଦ୍ଧ ମେସିନକୁ ଶକ୍ତି ମିଳୁଛି। ସେ ଭାରତକୁ ଖରାପ ଖେଳାଳି ମାନ୍ୟତା ଦେଇଛନ୍ତି। ଏସ୍‌ସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରାଧାନ୍ୟକୁ ସେ ପ୍ରହସନ କହିଛନ୍ତି।

## ଚାଷୀଙ୍କ ଜମି କିଣିଲେ ଶାହାରୁଖଙ୍କ ଝିଅ ସୁହାନା

- ବିନା ଅନୁମତିରେ କିଣିଥିବା ଅଭିଯୋଗ
- ତହସିଲଦାରଙ୍କୁ ରିପୋର୍ଟ ମାଗିଲା ମୁମ୍ବଇ ପୁଲିସ

ମୁମ୍ବଇ, ୨।୯ (ଏଜେନ୍ସି): ବଲିଉଡ ଅଭିନେତା ଶାହାରୁଖ ଖାନଙ୍କ ଝିଅ ସୁହାନା ଚାଷୀଙ୍କଠାରୁ ଜମି କିଣିବା ମାମଲାରେ ଫସିଛନ୍ତି। ଏହି ମାମଲା ଅଲିବାଗ ଅନ୍ତର୍ଗତ ଥଲ ଗ୍ରାମର ଘଟଣା। ଏଠାରେ ଚାଷ ପାଇଁ ଚାଷୀଙ୍କୁ ସରକାର ଜମି ପ୍ରଦାନ କରିଥିଲେ। କିନ୍ତୁ ସୁହାନା ବିନା ଅନୁମତିରେ ଏହି ଜମି କିଣି ନେଇଛନ୍ତି। ଏଥିପାଇଁ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ପାଳନ କରିନାହାନ୍ତି। ସୁହାନା ପ୍ରାୟ ୧୨.୯୧ କୋଟି ଟଙ୍କା ଦେଇ ଏହି ଜମି କିଣିଥିଲେ। ସେ ମୁମ୍ବଇର କଫ ପରେଡରେ ରହୁଥିବା ଖୋଟେ ପରିବାର ସହ କାରବାର କରିଥିଲେ। ୭୭.୪୬ ଲକ୍ଷର ଷ୍ଟାମ୍ପ ଶୁଳ୍କ ବି ଦେଇଥିଲେ। ୨୦୨୩ ମେ' ୩୦ରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ମାଧ୍ୟମରେ ଏହି ଦେଣନେଣ ହୋଇଥିଲା। ଏବେ ମୁମ୍ବଇ ପୁଲିସର ରେସିଡେଣ୍ଟ ଡେପୁଟି କମିଶନର ଏହି ଚୁକ୍ତିର ଯାଞ୍ଚ ପାଇଁ ଅଲିବାଗ ତହସିଲଦାରଙ୍କୁ ରିପୋର୍ଟ ମାଗିଛନ୍ତି।

ମହାରାଷ୍ଟ୍ରର ନିୟମ ଅନୁଯାୟୀ ଜଣେ କୃଷକ କିମ୍ବା ପୂର୍ବରୁ ଚାଷ ଜମି ଥିବା ବ୍ୟକ୍ତି ହିଁ ଏଭଳି ଜମି କିଣିପାରିବ। ଯଦି ସରକାର କୌଣସି ଜମି କେବଳ ଚାଷ କାର୍ଯ୍ୟ ପାଇଁ ଚାଷୀ ପରିବାରକୁ ଦେଇଛନ୍ତି ତେବେ ସେ ସିଧାସଳଖ ଏହାକୁ ବିକିପାରିବେ ନାହିଁ। ଏଥିପାଇଁ ଜିଲ୍ଲାପାଳଙ୍କ ମଞ୍ଜୁରୀ ନେବା ଜରୁରୀ। କ୍ରେତା ଏବଂ ବିକ୍ରେତା ଉଭୟଙ୍କୁ ତହସିଲଦାର ଓ ଜିଲ୍ଲାପାଳଙ୍କଠାରୁ ଏନ୍‌ଓସି ନେବାକୁ ପଡ଼ିବ। କିନ୍ତୁ ଏହି ମାମଲାରେ ସୁହାନା କୌଣସି ପ୍ରକ୍ରିୟା ପାଳନ କରି ନ ଥିଲେ।

## ଜିନପିଙ୍ଗଙ୍କୁ ଭେଟିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟ

ବେଜିଂ, ୨।୯ (ଏଜେନ୍ସି): ଏସ୍‌ସିଓ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରିଥିବା ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଦୋମୁହାଁ ନୀତି ସାମ୍ନାକୁ ଆସିଛି। ଏସ୍‌ସିଓ ବୈଠକରେ ଦିନକ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନୀର ଆଜି ଚୀନ୍ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ଏହି ସମୟରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ସହଯୋଗ ଉପରେ ବ୍ୟାପକ ଆଲୋଚନା କରିଥିଲେ। ଚୀନ୍-ପାକିସ୍ତାନ ସମ୍ପର୍କର ଜିନପିଙ୍ଗ ଗୁରୁତ୍ୱାରୋପ କରିଥିଲେ। ଏକବିଂଶ ଶତାବ୍ଦୀରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ହେଉଥିବାବେଳେ ଦୁଇ ଦେଶ ନାଗରିକଙ୍କ ପାଇଁ ବ୍ୟାପକ ମଡେଲ ପ୍ରସ୍ତୁତ କରିବା ନିମନ୍ତେ କହିଥିଲେ। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତିରେ କାମ କରିବାକୁ ଚୀନ୍ ଆଗ୍ରହୀ ଥିବା କହିଥିଲେ। ଚୀନ୍ ଶ୍ରମିକ, ପ୍ରକଳ୍ପ ଏବଂ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ପାକିସ୍ତାନକୁ ଜିନପିଙ୍ଗ ଅନୁରୋଧ କରିଥିଲେ।

## ରାଷ୍ଟ୍ରପତିଙ୍କ ମାମଲାରେ ସମ୍ବିଧାନର ବାଖ୍ୟା କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): କେବଳ ରାଷ୍ଟ୍ରପତିଙ୍କ ମାମଲାରେ ସମ୍ବିଧାନର ବାଖ୍ୟା କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ କୌଣସି ରାଜ୍ୟ କିମ୍ବା ବ୍ୟକ୍ତିଙ୍କ ସମ୍ବନ୍ଧି ମାମଲାରେ ଏଭଳି କରାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ବିଲ୍ ଉପରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସମୟସୀମା ଧାର୍ଯ୍ୟ ମାମଲାର ଶୁଣାଣି କରି ମଙ୍ଗଳବାର ଭାରତର ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ଯଦି ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା କିମ୍ବା କର୍ଣ୍ଣାଟକ ଭଳି ରାଜ୍ୟର ଉଦାହରଣ ଦେବେ ତେବେ କେନ୍ଦ୍ରକୁ ମଧ୍ୟ ଜବାବ ଦାଖଲ କରିବାକୁ ହେବ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ ଅଲଗା ଅଲଗା ରାଜ୍ୟ ମାମଲାରେ ଚର୍ଚ୍ଚା କରାଯିବ ନାହିଁ। କେବଳ ସମ୍ବିଧାନର ଧାରା ଉପରେ ବିଚାର କରାଯିବ। ଏହା ପୂର୍ବରୁ ମେ' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖି ସମୟସୀମା ଧାର୍ଯ୍ୟ କରିବା ପ୍ରସଙ୍ଗରେ ପରାମର୍ଶ ମାଗିଥିଲେ।



## ବାସନକୁସନରେ ବନ୍ୟା ଜଳ ଭର୍ତ୍ତିକରି ରଖ: ପାକ୍ ମନ୍ତ୍ରୀ

### ବନ୍ୟା ବରଦାନ

ଇସଲାମାବାଦ,୨।୯ (ଏଜେନ୍ସି): ପାକିସ୍ତାନରେ ପଞ୍ଜାବ ପ୍ରଦେଶରେ ଭୟଙ୍କର ବନ୍ୟା ଆସିଛି। ଏଥିରେ ୯୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏପରି ସମୟରେ ବନ୍ୟାର ମୁକାବିଲା ପାଇଁ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଅଜବ ପରାମର୍ଶ ଦେଇ ଚର୍ଚ୍ଚାରେ ଅଛନ୍ତି। ସେ ବନ୍ୟାକୁ ବରଦାନ ଭାବେ ଦେଖିବା ପାଇଁ ଲୋକଙ୍କୁ କହିଛନ୍ତି। ବନ୍ୟା ଜଳକୁ ଡ୍ରେନରେ ଛାଡ଼ିବା ପରିବର୍ତ୍ତେ ତାହାକୁ ଟ୍ୟୁବ୍ସ, ବାସନକୁସନ ଆଦିରେ ସଂଗ୍ରହ କରି ରଖିବାକୁ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ଆଶୀର୍ବାଦ ଭାବି ଠୁଳ କରିବା ଆବଶ୍ୟକ ବୋଲି ବନ୍ୟାକୁ ନେଇ ବିକ୍ଷୋଭ କରୁଥିବା ଲୋକଙ୍କୁ କହିଛନ୍ତି। ଏହା ସହିତ ଆସିଫ ସାକ୍ଷତକାରରେ ପରାମର୍ଶ ଦେଇଛନ୍ତି ଯେ ବଡ଼ ଡ୍ୟାମ୍ ନିର୍ମାଣ ପାଇଁ ଅପେକ୍ଷା କରିବା ପରିବର୍ତ୍ତେ ଦ୍ରୁତ ବେଗରେ କ୍ଷୁଦ୍ର ବନ୍ଧ ନିର୍ମାଣ କରିବା ଉଚିତ। ଏହା ଦ୍ୱାରା ବନ୍ୟା ସ୍ଥିତିରୁ ମୁକ୍ତି ମିଳିବ।

## ୭ରେ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ

### ମଧ୍ୟାହ୍ନ ୧୨ଟା ୫୭ରୁ ପାକତ୍ୟାଗ

ପୁରୀ, ୨।୯(ସମିସ): ଆସନ୍ତା ୭ ତାରିଖ ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଗଠିତ ହେବ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ। ଏହା ଭାରତରେ ଦୃଶ୍ୟମାନ ହେବ। ରବିବାର ରାତି ୯ଟା ୫୮ ମିନିଟ୍‌ରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୬ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶ ହେଉଥିବାରୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ୍‌ରୁ ଅନ୍ନଭୋଜନ ଓ ଦେବନୀତି ନିଷେଧ ରହିବ। ବାଳକ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ନିୟମ ଲଂଘନୀୟ। ତେଣୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ପୂର୍ବରୁ ଦେବନୀତି ଶେଷ କରିବାକୁ ପଡ଼ିବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦବନୀତି ଓ ଅନ୍ନଭୋଜନ କରାଯାଇପାରିବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ମଙ୍ଗଳବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯାଇ ନୀତିକାନ୍ତିକୁ ଅନୁମୋଦନ ମିଳିଛି। ଉକ୍ତ ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରିବା ଉପରେ ବିଶେଷ ଆଲୋଚନା ହୋଇଛି। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ।



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ୭ ତାରିଖ ପୂର୍ବ ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଶେଷ କରି ମହାପ୍ରଭୁ ବାହୁଡ଼ା ବିଜେ କରିବା ନେଇ ସ୍ଥିର ହୋଇଛି। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି କରାଯିବ। ବୈଠକରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୬ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶୁଣାଣି

## ଚଳିତ ସପ୍ତାହରେ ପ୍ରଥମ ବୈଠକ

ଭୁବନେଶ୍ୱର, ୨।୯ (ସମିସ): ଚଳିତ ସପ୍ତାହରେ ଛତିଶଗଡ଼ ସହ ଜଳସମ୍ପଦ ବିଭାଗର ପ୍ରଥମ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଉଛି। ବିଭାଗୀୟ ସୂତ୍ରର ମିଳିଥିବା ସୂଚନା ଛତିଶଗଡ଼ ସହ ହେବାକୁ ଥିବା ବୈଠକ ପାଇଁ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। କମିଟିରେ ସର୍ବୋଚ୍ଚ ଯନ୍ତ୍ରୀ (ପ୍ଲାନିଂ ଓ ଡିଜାଇନ), ସର୍ବୋଚ୍ଚ ଯନ୍ତ୍ରୀ(ସ୍କିମ ଓ ମନିଟରିଂ)ଙ୍କ ପରି ବରିଷ୍ଠ ଅଧିକାରୀ ସ୍ଥାନ ପାଇଛନ୍ତି। ଛତିଶଗଡ଼ ସହ ବୈଠକ ବେଳେ କେଉଁ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ସେ ସଂକ୍ରାନ୍ତରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି।

ସୂଚନା ଅନୁଯାୟୀ, ଅନୁଷ୍ଠିତ ହେବାକୁ ଥିବା ସାପ୍ତାହିକ ବୈଠକରେ ବୈଷୟିକ କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ସଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା କରିବେ। ବିଶେଷକରି କେଉଁ କେଉଁ ପ୍ରସଙ୍ଗ ନେଇ ଉଭୟ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇ ପାରୁନାହିଁ, ସେନେଇ ଉଭୟ ରାଜ୍ୟର

**ଜଳସମ୍ପଦ ବିଭାଗ ଗଠନ କଲା ବୈଷୟିକ କମିଟି**

**ଛତିଶଗଡ଼ର ଆଭିମୁଖ୍ୟକୁ ନେଇ ସନ୍ଦେହରେ ବିଶେଷଜ୍ଞ**

ବରିଷ୍ଠ ଜଳସମ୍ପଦ ଅଧିକାରୀ ଆଲୋଚନା କରିବାକୁ ଯାଉଛନ୍ତି। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଗଠିତ କମିଟି ନିଜର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏନେଇ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ବୈଠକରେ କେଉଁ କେଉଁ ପ୍ରସଙ୍ଗ ଆଲୋଚିତ ହେବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଛି।

ଚଳିତ ମାସରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ୪ଟି ବୈଠକ ଅନୁଷ୍ଠିତ ହେବା ପରେ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ତେବେ ଏହି ପ୍ରସଙ୍ଗର ଆପୋସ ବୁଝାମଣା ଉଦ୍ୟମ ଯେ ଫଳପ୍ରଦ ହେବ, ସେନେଇ କେତେକ ଜଳ ବିଶେଷଜ୍ଞ ଏବେ ମଧ୍ୟ ସନ୍ଦେହ ଘେରରେ ଅଛନ୍ତି। ଅତୀତରେ ଟ୍ରିବ୍ୟୁନାଲରେ ଏକାଧିକ ଶୁଣାଣି ସମୟରେ ଛତିଶଗଡ଼ ଆବଶ୍ୟକୀୟ ସହଯୋଗ କରୁ ନ ଥିବା ଏବଂ ଶୁଣାଣି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବିତ କରୁଥିବା ନଜିର୍ ରହିଛି। ତେଣୁ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ, ମୁଖ୍ୟ ସଚିବ ସ୍ତରୀୟ ବୈଠକରେ ଯେ ଛତିଶଗଡ଼ ଓଡ଼ିଶାର ନ୍ୟାଯ୍ୟ ଦାବିଗୁଡ଼ିକୁ ସହଜରେ ମାନି ନେବ, ସେନେଇ ଜଳବିଶେଷଜ୍ଞ ଏବେ ମଧ୍ୟ ଭରସି ପାରୁନାହାନ୍ତି।

ଏହା ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ପରି ସଂଗଠନ ସ୍ୱାଗତ କରିଛନ୍ତି। ତେବେ ରାଜ୍ୟ ସରକାର ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକକୁ ଯାଉଥିବା ବେଳେ ଆସନ୍ତା ୬ ତାରିଖରେ ହେବାକୁ ଥିବା ଟ୍ରିବ୍ୟୁନାଲ ଶୁଣାଣି ଉପରେ ସମସ୍ତଙ୍କର ଧ୍ୟାନ ରହିଛି। ଉଭୟ ରାଜ୍ୟ ପାରସ୍ପରିକ ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଆସନ୍ତା ଶୁଣାଣିରେ ଉଭୟ ପକ୍ଷ ଟ୍ରିବ୍ୟୁନାଲରେ କେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ତାହାକୁ ନେଇ ବିଶେଷଜ୍ଞ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ଉଭୟ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଉଭୟ ରାଜ୍ୟ ଶୁଣାଣି ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିବାକୁ ଟ୍ରିବ୍ୟୁନାଲଙ୍କୁ ନିବେଦନ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

### ଛଣଗିରି ଅଳଙ୍କାର ଦୋକାନରୁ ଲୁଟ୍‌ର ପର୍ଦ୍ଦାଫାସ୍

## କେଜିଏ ସୁନା ଜବତ, ୪ ଗିରଫ

ଖୋର୍ଦ୍ଧା, ୨।୯ (ସମିସ): ଜଙ୍କିଆ ଥାନା ପୁଲିସ୍‌କୁ ଏକ ବଡ଼ଧରଣର ସଫଳତା ମିଳିଛି। ଛଣଗିରି ବଜାରରେ ଥିବା ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାରେ ପୁଲିସ୍ ୩ ଲୁଟେରାଙ୍କ ସମେତ ସେମାନଙ୍କଠାରୁ ଚୋରି ଅଳଙ୍କାର କିଣିଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ, କଟକ

- ୨କେଜି ଚାନ୍ଦି, ବନ୍ଧୁକ, ଗୁଳି ସହ ୯ ଲକ୍ଷ ଟଙ୍କା ଜବତ
- ଅପରେସନ ଗୋଲ୍ଡେନ୍ ଷ୍ଟ୍ରାଇକ୍‌କୁ ସଫଳତା: କେନ୍ଦ୍ରାଞ୍ଚଳ ଡିଆଇଜି

ଜିଲ୍ଲା ବେଣ୍ଟକାର ଥାନା ବୟାଳିଶିମୌଜା ଅଞ୍ଚଳର ବିଶ୍ୱଜିତ୍ ପଟ୍ଟନାୟକ ଓରଫ୍ ଲକି(୨୨), ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଗୋଡ଼ିପଡ଼ା ଅଞ୍ଚଳର ଅଶୋକ ସେନାପତି ଓରଫ୍ ବୁଲୁ (୩୨), ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡ଼ା ଅଞ୍ଚଳର ଚନ୍ଦନ ନାୟକ(୨୫)। ଏହାସହ ଏମାନଙ୍କଠାରୁ ଚୋରା ସୁନା କିଣିଥିବା ବୋଲଗଡ଼ ଥାନା ଶାମପୁର ଅଞ୍ଚଳର ନବ ସାହୁ (୩୨)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।

ଗିରଫ ଅଭିଯୁକ୍ତମାନଙ୍କଠାରୁ ୯୦୦ ଗ୍ରାମ୍ ୬୫୦ ମିଲିଗ୍ରାମ୍ ସୁନା ଅଳଙ୍କାର, ୨ କେଜି ୩୬୩ ଗ୍ରାମ ରୁପା ଅଳଙ୍କାର, ଚୋରି ସାମଗ୍ରୀ ବିକ୍ରି ବାବଦ ଅର୍ଥ ନଗଦ ୯ଲକ୍ଷ ୪୫ହଜାର ଟଙ୍କା, ଏକ ଦେଶୀ ପିସ୍ତଲ, ଗୁଳି ଏବଂ ଭୁଜାଲି ଜବତ ହୋଇଛି। ଜିଲ୍ଲା



ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ୍ ପକ୍ଷରୁ ଅପରେସନ 'ଗୋଲ୍ଡେନ୍ ଷ୍ଟ୍ରାଇକ୍' କରାଯାଇଥିଲା। ଖୋର୍ଦ୍ଧା, ପୁରୀ, କଟକ ଏବଂ ନୟାଗଡ଼ ପୁଲିସର ମିଳିତ ସହଯୋଗରେ ଅଭିଯୁକ୍ତମାନଙ୍କୁ ଧରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଗତ ଅଗଷ୍ଟ ୨୪ରେ ଛଣଗିରି ବଜାରରେ ଥିବା ସାଇସୋନୁ ଅଳଙ୍କାରରୁ ଲୁଟ୍ ହୋଇଥିଲା। ୪ଟି ବାଇକ୍‌ରେ ୮ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବଜାରେ ପହଞ୍ଚି ବୋମା ଫୁଟାଇ ଆତଙ୍କ ସୃଷ୍ଟି କରିବା ସହ ଉକ୍ତ ଦୋକାନରୁ ୧୧.୫ କିଲୋ ସୁନା ଓ ୫ କିଲୋ ଚାନ୍ଦିର ଅଳଙ୍କାର ଲୁଟି ନେଇଥିଲେ। ଏହି ସମୟରେ ସେମାନଙ୍କୁ ବାଧା ଦେବାକୁ ଚେଷ୍ଟା କରୁଥିବା ସରପାରୀ ଅଞ୍ଚଳର ରଞ୍ଜିତ ପ୍ରଧାନଙ୍କୁ ଜଣେ ଦୁର୍ବୃତ୍ତ ଗୁଳି ମାଡ଼ କରିଥିଲା। ଏନେଇ ଅଭିଯୋଗ ହେବା ପରେ ଜଙ୍କିଆ ପୁଲିସ୍ ୨୯୭/୨୫ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇଥିବା ବେଳେ ଡିଆଇଜି ଡ. ନାୟକଙ୍କ ତତ୍ତ୍ୱାବଧାନରେ ଅପରେସନ ଗୋଲ୍ଡେନ୍ ଷ୍ଟ୍ରାଇକ୍ କରାଯାଇଥିଲା। ଜିଲ୍ଲା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଡିପିଓ ଖୋର୍ଦ୍ଧା ଓ ବାଲୁଗାଁ, ଜଙ୍କିଆ, ସଦର ନିରାକାରପୁର, ବାଲୁଗାଁ, ବାଣପୁର, ଟାଙ୍ଗୀ ଥାନା ଅଧିକାରୀଙ୍କ ସମେତ ଖୋର୍ଦ୍ଧା, ନୟାଗଡ଼, କଟକ ଓ ପୁରୀର ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ବିଭିନ୍ନ ଟିମ୍ ଜିଲ୍ଲା ଓ ଜିଲ୍ଲା ବାହାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଘଟଣା ଘଟିବାର ଏକ ସପ୍ତାହ ମଧ୍ୟରେ ପୁଲିସକୁ ସଫଳତା ମିଳିଛି। ଏଥିରେ ସମ୍ପୃକ୍ତ ୧୦ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେଥିରୁ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ଉ ଚାଲିଛି, ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଡିଆଇଜି ଡ. ନାୟକ କହିଛନ୍ତି।

### ଆମ୍ବୁଲାନ୍ସ ଅକ୍ସିଜେନ ଅଭାବରୁ ରୋଗୀ ମୃତ୍ୟୁ ଘଟଣା

## ଡ୍ରାଇଭର ଓ ମାଲିକଙ୍କ ବିରୋଧରେ ଏତଲା

ଜଗତସିଂହପୁର,୨।୯ (ସମିସ): ଗତ ଅଗଷ୍ଟ ୩୧ ରାତିରେ ଏକ ଘରୋଇ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲ ଯାଉଥିବା ଜଣେ ରୋଗୀ ଅକ୍ସିଜେନ ଅଭାବରୁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ମୃତ ମହିଳାଙ୍କ ସ୍ୱାମୀ ଆଜି ଜଗତସିଂହପୁର ସଦର ଥାନାରେ ଉକ୍ତ ଆମ୍ବୁଲାନ୍ସର ଡ୍ରାଇଭର ଓ ମାଲିକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ବରିଷ୍ଠ ଆଇନଜୀବୀ ପୀତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା ୩୧ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ୧୦୮ ଆମ୍ବୁଲାନ୍ସ କିମ୍ବା ଚିକିତ୍ସାଳୟରେ ସେବା ଯୋଗାଉଥିବା ଅନ୍ୟ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ବାଧ୍ୟ ହୋଇ ମା' କୁତାମଚଣ୍ଡୀ ନାମକ ଏକ ଘରୋଇ ଆମ୍ବୁଲାନ୍ସରେ ଅକ୍ସିଜେନ ଲଗାଇ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସିଲିଣ୍ଡରରେ ଅକ୍ସିଜେନ୍ ନଥିବାରୁ ମାତ୍ର ୨ କିମି ଯିବା ପରେ ଜଗତସିଂହପୁର ସହରର ଗୋପାଳସାଗର ନିକଟରେ ମହିଳା ରୋଗୀ ନିସ୍ତେଜ ହୋଇଯାଇଥିଲେ। ପରେ ଆମ୍ବୁଲାନ୍ସକୁ ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିଥିଲେ। ସେଠାରେ ଉପସ୍ଥିତ ଥିବା ପୁଲିସ ଆମ୍ବୁଲାନ୍ସକୁ ଥାନାକୁ ନେଇଥିଲା। ଆଜି ଏନେଇ ମୃତ ମହିଳାଙ୍କ ସ୍ୱାମୀ ସଦର ଥାନାରେ ଏତଲା ଦେଇଛନ୍ତି। ଆସନ୍ତାକାଲି ମହିଳାଙ୍କ ସ୍ୱାମୀ ଆଇନଜୀବୀ ପୀତାମ୍ବର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ଘଟଣା ସମ୍ପର୍କରେ ଅଭିଯୋଗ କରିବେ ବୋଲି କହିଛନ୍ତି।

## ଘର ସମ୍ମୁଖରେ ଦଳିଦେଲା ଦନ୍ତା

ହିନ୍ଦୋଳ, ୨।୯(ସମିସ): ଘର ସମ୍ମୁଖରେ ଦଳିଦେଲା ଦନ୍ତା। ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ସେକ୍ସନ୍‌ରେ ଗତରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କର୍ଣ୍ଣପୁର ବିଟ୍ ଅଧୀନ ନୂଆଗାଁ ଗ୍ରାମର ସଂସାରି ଗଡ଼ନାୟକ (୬୬)। ଗତରାତିରେ ଗାଁରେ



ଗଣେଶ ଭସାଣି ଚାଲିଥିଲା। ଗାଁର ଅନ୍ୟ ୨ଜଣଙ୍କ ସହ ସେ ମଣ୍ଡପରେ ବସି ଭସାଣି ଦେଖୁଥିଲେ। ଏହି ସମୟରେ ଏକ ଦନ୍ତାହାତୀ ଗାଁ ଭିତରକୁ ଅତର୍କିତ ଭାବେ ପଶି ଆସିଥିଲା। ସମସ୍ତେ ଜୀବନ ବିକଳରେ ଦୌଡ଼ି ପଳାଇଥିବା ବେଳେ ସଂସାରି ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହ ପାଦରେ ଦଳି ଦେଇଥିଲା। ଗ୍ରାମବାସୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୁଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନାନୁଯାୟୀ, ହିନ୍ଦୋଳ ସେକ୍ସନ୍‌ରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଦିନେ ଛଡ଼ା ଦିନେ ହାତୀ ଆକ୍ରମଣରେ ଜୀବନହାନୀ ଘଟୁଛି। କିନ୍ତୁ ଏଥିପ୍ରତି ବନ ବିଭାଗ ବେଫିକର୍ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହାତୀ ଆକ୍ରମଣଜନିତ ମୃତ୍ୟୁ ଘଟିଲେ, ପ୍ରତିଥର ବନ ବିଭାଗ ପ୍ରତିଶ୍ରୁତିରେ ପୋତି ପକାଏ। ସୋଲାର ବାଡ଼ ଲଗାଯିବା ସହ ହାତୀ କରିଡର୍, ଲାଇଟ ଲାଗିବ ଓ ଅଧିକ ଗଜସାଥୀ ନିଯୁକ୍ତି କରି ହାତୀ ଆକ୍ରମଣକୁ ରୋକାଯିବ ବୋଲି ପ୍ରତିଶ୍ରୁତି ଦେଇଥାଏ। କିନ୍ତୁ ସେହି ପ୍ରତିଶ୍ରୁତି ପରେ ପାଣିଫୋଟକା ଭଳି ମିଳାଇଯାଏ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଖବର ପାଇ ଡିଏଫଓ ସୁମିତ କରଙ୍କ ସହ ଫୋନ୍‌ରେ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହାତୀ ଶାବକର ଶବ ଉଦ୍ଧାର

ନରସିଂହପୁର,୨।୯(ସମିସ): ନରସିଂହପୁର ପୂର୍ବ ବନାଞ୍ଚଳ ଅଧୀନ ପାଞ୍ଚଗୋଛିଆ ବିଟ୍ ପତ୍ରଭାଗ ଜଙ୍ଗଲରୁ ବନ ବିଭାଗ ଆଜି ଏକ ଅଣ୍ଡିରା ହାତୀ ଶାବକର ଶବ ଉଦ୍ଧାର କରିଛି। ଶବଟି ଏକ ନାଳରେ ପଡ଼ିରହିଥିଲା। ପ୍ରାୟ ୩ ଦିନ ତଳେ ଉକ୍ତ ହାତୀ ଶାବକଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣରୁ ମୃତ୍ୟୁ



ହୋଇଛି, ତାହା ସ୍ପଷ୍ଟ ହୋଇନଥିବା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୁହାଯାଇଛି। ଖବର ପାଇ ଆଠଗଡ଼ ଉପଖଣ୍ଡ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ, ରେଞ୍ଜର ଖୁଲେଶ କୁମାର ସାହୁ, ନରସିଂହପୁର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ବନପାଳ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ଶାବକଟିର ବ୍ୟବଚ୍ଛେଦ ପରେ ସେହି ସ୍ଥାନରେ ପୋତି ଦିଆଯାଇଛି।

## ଭିସୁଟ୍ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସମ୍ବଲପୁର,୨।୯ (ସମିସ): ସମ୍ବଲପୁର ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ଛାତ୍ରଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଛାତ୍ରଜଣଙ୍କ ହେଲେ, ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନାରୀଗାଁର ଅଞ୍ଜନେୟ ଦାଶ। ସେ ଭିସୁଟ୍ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଶେଷ ବର୍ଷର ଛାତ୍ର।



ଗତକାଲି ବିଳମ୍ବିତ ରାତିରେ ସେ ସମ୍ବଲପୁର-ବରଗଡ଼ ଜାତୀୟ ରାଜପଥ ୫୩ର ବୁର୍ଲା ନିକଟ ପାୱାର୍ ଚ୍ୟାନେଲ ବ୍ରିଜ୍ ତଳେ ଗୁରୁତର ଅବସ୍ଥାରେ ପଡ଼ିଥିବା ଖବର ପାଇ କିଛି ବନ୍ଧୁ ତାଙ୍କୁ ଉଦ୍ଧାର କରି ଭୀମସାର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଅଞ୍ଜନେୟଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଦାଦା ବୁର୍ଲା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁର୍ଲା ଏସ୍‌ଡିପିଓ ବାଲେଶ୍ୱର ଗିଧି କହିଛନ୍ତି,

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ବ୍ରିଜ୍ ତଳୁ ଗୁରୁତର ଅବସ୍ଥାରେ ଉଦ୍ଧାର, ହସ୍ପିଟାଲରେ ମୃତ୍ୟୁ

ଛାତ୍ର ମୃତ୍ୟୁ ମାମଲାକୁ ସବୁ ଦିଗରୁ ତଦନ୍ତ କରାଯାଉଛି। ଶବ ବ୍ୟବେଚ୍ଛଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଉପରୁ ରହସ୍ୟ ହଟିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

ଅପରପକ୍ଷେ, ଅଞ୍ଜନେୟ କାହିଁକି ରାତିରେ ପିସି ବ୍ରିଜ୍ ନିକଟକୁ ଯାଇଥିଲେ? ତଳକୁ କିପରି ଖସିପଡ଼ିଲେ ନା ତାଙ୍କୁ କିଏ ଠେଲି ଦେଇଛି, ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ତେବେ ଭିସୁଟ୍ କୁଳପତି ଏବଂ କୁଳସଚିବ ଏକ ବୈଠକରେ ଯୋଗଦେବାକୁ ସମ୍ବଲପୁର ବାହାରେ ଥିବାରୁ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

### ୪କୋଟି ସରକାରୀ ଟଙ୍କା ହେରଫେର ଅଭିଯୋଗ

## ବନ୍ଧା ହେଲେ ନିଲମ୍ବିତ ଜାମଦା ତହସିଲଦାର

ବାରିପଦା, ୨।୯ (ସମିସ): ସରକାରୀ ଅର୍ଥ ହେରଫେର୍ ମାମଲାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁମିତା ସିଂଙ୍କୁ ଆଜି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ୪ କୋଟି ଟଙ୍କାର ସରକାରୀ ଅର୍ଥ ହେରଫେର୍ ଅଭିଯୋଗରେ ତାଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିବା ପରେ ମଙ୍ଗଳବାର



ଇଓଡବ୍ଲ୍ୟୁ ଗିରଫ କରିଛି। ସୂଚନାଯୋଗ୍ୟ, ମଧୁମିତା ବେଲପାହାଡ଼ରେ କାର୍ଯ୍ୟରତ ଥିବା ବେଳେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର୍ କରିଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା। ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ପରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ବେଳେ ଆର୍ଥିକ ଅନିୟମିତତା ଯୋଗୁଁ ଭିଜିଲାନ୍ସ କୋର୍ଟରେ ମଧୁମିତା ସିଂ ଦଣ୍ଡିତ ହେବା ସହ ୩୦ ତାରିଖରେ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ଆଜି ତାଙ୍କୁ ଗିରଫ କରାଯାଇଛି।

### ୭ ମାସ ମଧ୍ୟରେ ରାଜ୍ୟ ପୁଲିସ କିଣିଛି ୧୨ଟି ଡ୍ରୋନ୍

## ଟେଣ୍ଡର୍ ପ୍ରକ୍ରିୟାକୁ ଗୁପ୍ତ ରଖି ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା

ଭୁବନେଶ୍ୱର,୨।୯(ସମିସ): ପୁଲିସର ଆଧୁନିକୀକରଣ ପାଇଁ କୋଟି କୋଟି ଟଙ୍କା ପାଣି ଯୋଗାଇ ଦିଆଯାଉଛି । ମାତ୍ର ଏହି ପାଣ୍ଠି କିପରି ଓ କେଉଁଠି ଖର୍ଚ୍ଚ ହେଉଛି ତାହାର କିଛି ହିସାବ ନାହିଁ। ଏପରିକି ନିମ୍ନମାନର ସାମଗ୍ରୀ କିଣି ଏ ବାବଦ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ମଧ୍ୟ ଆସୁଛି। ଏପରିକି ଟେଣ୍ଡର ପ୍ରକ୍ରିୟାକୁ ଗୋପନ ରଖି ନିର୍ଦ୍ଦିଷ୍ଟ ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କୁ ଅନୁଗୃହୀତ କରାଯାଉଥିବା ମଧ୍ୟ କୁହାଯାଉଛି। ଗତ କେଇମାସ ମଧ୍ୟରେ ରାଜ୍ୟ ପୁଲିସ ପକ୍ଷରୁ କିଣାଯାଇଥିବା ଡ୍ରେରାନ୍‌କୁ ନେଇ ଆସିଛି ଅନୁରୂପ ଅଭିଯୋଗ। ଟେଣ୍ଡର ପ୍ରକ୍ରିୟାକୁ ସାର୍ବଜନୀନ ନ କରି ନିର୍ଦ୍ଦିଷ୍ଟ କମ୍ପାନୀଠାରୁ ଦୁଇଟି ପର୍ଯ୍ୟାୟରେ ୧୮ ଟି ଡ୍ରୋନ୍ କ୍ରୟ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବିଡ଼ମ୍ବନା ହେଉଛି ଯେଉଁ ଡ୍ରେରାନ୍ କ୍ରୟ କରାଯାଇଛି ସେହି ଡ୍ରେରାନର ମାନ ଓ କ୍ଷମତାକୁ ନେଇ ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନକ୍ସଲ ଗତିବିଧି ଉପରେ ନଜରରଖିବା

**ଗୋଟିଏ ଡ୍ରୋନର ମୂଲ୍ୟପ୍ରାୟ ୧.୨୦କୋଟି ଟଙ୍କା**

ଓ ସୂଚନା ସଂଗ୍ରହ ପାଇଁ ୨୦୨୪ ମସିହାରେ ରାଜ୍ୟ ପୁଲିସ ୬ଟି ଡ୍ରୋନ୍ କିଣିଥିଲା । ପରବର୍ତ୍ତୀ ସମୟରେ ୨୦୨୫ ରେ ଉପକୂଳ ସୁରକ୍ଷା ଓ ଅପରେସନ ୱିଙ୍ଗ ପାଇଁ ଆଉ ୧୨ଟି ଡ୍ରୋନ କିଣିଥିଲା। ଏହି ଡ୍ରେରାନର ମୂଲ୍ୟ ପ୍ରାୟ ୧.୨ କୋଟି ଟଙ୍କା ଓ ଦୁଇଟି ପର୍ଯ୍ୟାୟରେ କିଣାଯାଇଥିବା ୧୮ ଟି ଡ୍ରେରାନ୍ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ହୋଇଥିବା କୁହାଯାଉଛି । ଏବେ ପୁଣି ପୁଲିସ ଆଉ ୨ଟି ଡ୍ରୋନ୍ କିଣିବାକୁ ନିଷ୍ପତ୍ତି ନେଇଛି । ତେବେ ରହସ୍ୟଜନକ କଥାଟି ହେଉଛି ପୂର୍ବରୁ ଡ୍ରୋନ୍ ଯୋଗାଣ କରିଥିବା ସଂସ୍ଥା ରାଜ୍ୟ ପୁଲିସ ପାଇଁ ଏକମାତ୍ର ଯୋଗ୍ୟ ବିଡ଼ର ରହିଥିବାବେଳେ ଏବେ ଡ୍ରେରାନ୍ କ୍ରୟ ସମୟରେ ମଧ୍ୟ ଅନୁରୂପ ଭାବରେ ସେହି ଗୋଟିଏ ସଂସ୍ଥାକୁ ଡ୍ରୋନ୍ ଯୋଗାଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଅଭିଯୋଗ ହୋଇଛି । ତେଣୁ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଓ ପ୍ରତିଯୋଗିତାକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ତା'ଛଡ଼ା ଯେଉଁସବୁ ଡ୍ରୋନ୍ କ୍ରୟ ହୋଇଛି ତାହା ବାସ୍ତବରେ ମୂଲ୍ୟ ଅନୁପାତରେ ଉପଯୋଗୀ କି ନୁହେଁ ତାହାର ମୂଲ୍ୟାୟନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ମାସରେ କ୍ରୟ ହୋଇଥିବା ଡ୍ରୋନ ୪୦-୫୦କିମି ବେଗରେ ବୋହୁଥିବା ପବନକୁ ପ୍ରତିରୋଧ କରିପାରିବ ନାହିଁ କିମ୍ବା ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ାଣ ମଧ୍ୟ କରିବାରେ ସକ୍ଷମ ନୁହେଁ ବୋଲି ପୁଲିସ ବାହିନୀର ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି। ଏହା ସତ୍ତ୍ୱେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଡ୍ରୋନକୁ କ୍ରୟ ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

### ଥାନାରେ ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ

## ପ୍ରେମିକ, ଲଜ୍ ମାଲିକ ଗିରଫ

ବ୍ରହ୍ମପୁର, ୨।୯(ସମିସ): ଗୋପାଳପୁର ଥାନା ପରିସରରେ ଜଣେ ନାବାଳିକା ଛାତ୍ରୀ ତରଳ ରାସାୟନିକ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୁଲିସ ଆଜି ନାବାଳିକାଙ୍କ ପ୍ରେମିକ ସହ ଲଜ୍ ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀର କେଦାର ଦାସ (୨୮) ଓ ଲଜ୍ ମାଲିକ ତଥା ଗୋପାଳପୁରର ଯୋଗେନ୍ଦ୍ର କୁମାର ସିଂ(୩୯)। ନାବାଳିକାଙ୍କୁ ଅପହରଣ କରି ଘରେ ରଖିବା ଓ ସେଠାରେ ତାଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ପୁଲିସ କେଦାରଙ୍କୁ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ଲଜ୍‌ରେ ରହିବାକୁ ଅନୁମତି ଦେବା ଅଭିଯୋଗରେ ଯୋଗେନ୍ଦ୍ରଙ୍କୁ ଗିରଫ କରାଯାଇଛି। ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କ ମୋବାଇଲ ଜବତ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି।

ସୂଚନାଯୋଗ୍ୟ, କେଦାର ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ। ସୋମବାର ମଧ୍ୟାହ୍ନରେ ସେ ନାବାଳିକାଙ୍କୁ ଫୋନ୍ କରି ଖଲ୍ଲିକୋଟ କଲେଜ ନିକଟକୁ ଡାକିଥିଲା। ସେଠାରୁ ସେ ତାଙ୍କୁ ବାଇକ୍‌ରେ ଗୋପାଳପୁର ନେଇଥିଲା। ସେଠାରେ ସେ ଜଣେ ବ୍ୟକ୍ତିଙ୍କୁ ୨ଘଣ୍ଟା ପାଇଁ ଘରଭଡ଼ା ଦେବାକୁ କହିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତି ମନା କରିବା ପରେ ଗୋପାଳପୁର ଅଞ୍ଚଳର ଏକ ଲଜ୍‌ର ମାଲିକ ଯୋଗେନ୍ଦ୍ର ସିଂ ଦୁଇଘଣ୍ଟା ପାଇଁ କେଦାରଙ୍କୁ ଅନୁମତି ଦେଇ ତାଙ୍କଠାରୁ ଅନ୍‌ଲାଇନରେ ୭୦୦ ଟଙ୍କା ନେଇଥିଲେ। କେଦାର ଓ ନାବାଳିକାଜଣକ ସେଠାରେ କିଛି ସମୟ ଅତିବାହିତ କରିବା ମଧ୍ୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପାଟି ଶୁଣି ଲଜ୍ ମାଲିକ ଉଭୟଙ୍କୁ ତୁରନ୍ତ ରୁମ୍ ଖାଲି କରିବାକୁ କହିଥିଲେ। ତେବେ ରୁମ୍ ଭଡ଼ା ବାବଦ ଟଙ୍କା ନେଇ ସେମାନଙ୍କୁ ବାହାର କରିଦେବା ଘଟଣାକୁ ନେଇ କେଦାର ଓ ନାବାଳିକାଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଥିଲା ଯେ ଛାତ୍ରୀଜଣଙ୍କ ନାବାଳିକା। ତେଣୁ ପୁଲିସ ତାଙ୍କ ପୁରୁଷବନ୍ଧୁ କେଦାରଙ୍କୁ ଥାନାରେ ଅଟକ ରଖିବା ସହ ନାବାଳିକାଙ୍କ ପରିବାରଲୋକଙ୍କୁ ସୂଚନା ଦେଇଥିଲା। ପୁଲିସ୍ କେଦାରଙ୍କୁ ପଚରାଉଚରା କରୁଥିବା ବେଳେ ନାବାଳିକାଜଣଙ୍କ ବ୍ୟାଗ୍‌ରେ ଆଣିଥିବା ତରଳ ରସାୟନିକ ପିଇ ବାନ୍ତି କରିବା ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁଲିସ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସୁସ୍ଥ ହେବା ପରେ ତାଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

## ଭାଇଚାରା ଫେରାଇ ଆଣିବାକୁ ବିକାଶ ପରିଷଦର ଦାବିପତ୍ର

**ପଟ୍ଟାମୁଣ୍ଡାଇ, ୨।୯ (ସମିସ):** ଦିନକୁ ଦିନ ପଟ୍ଟାମୁଣ୍ଡାଇ ସହରରେ ଶାନ୍ତିଭଙ୍ଗ ହେଉଥିବାରୁ ଉଦବେଗ ପ୍ରକାଶ କରିଛି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ। ସହରରେ ଶାନ୍ତି ଫେରାଇ ଆଣିବା ସହିତ ଭାଇଚାରା ବଜାୟ ରଖିବାକୁ ପ୍ରଶାସନ ଉଦ୍ୟମ କରିବାକୁ ବିକାଶ ପରିଷଦର ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ପଟ୍ଟାମୁଣ୍ଡାଇ ତହସିଲଦାର, ଏସଡିପିଓ, ଆଦର୍ଶ ଥାନା ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହରରେ ଭାଇଚାରା ନଷ୍ଟ ହେବା ସହିତ ମହିଳାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାରୁ ଉଦବେଗ ପ୍ରକାଶ କରିଛି ବିକାଶ ପରିଷଦ। ଭାଇଚାରା ଓ ସାମାଜିକ ସୁରକ୍ଷା ବଞ୍ଚାଇ ରଖିବାକୁ ବିକାଶ ପରିଷଦ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯିବା ସହିତ ପଟ୍ଟାମୁଣ୍ଡାଇର ପ୍ରଶାସନିକ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ମୁଖ୍ୟ, ଲୋକ ପ୍ରତିନିଧି, ବିଭିନ୍ନ ସମ୍ପ୍ରଦାୟର ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନର ମୁଖ୍ୟ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଛି।

## ଅଳପୁଆ ଆଞ୍ଚଳିକ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ, ୨।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତର ତଳାପଡ଼ିଆ ଦୁର୍ଗା ମଣ୍ଡପରେ ଆଞ୍ଚଳିକ ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ସଫଳତାର ସହ ଆୟୋଜନ କରିବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଭ୍ରୁବାହାନ ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ୧୫ନଂ ଜୋନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ପୂର୍ବତନ ସରପଞ୍ଚ ରମେଶ ଦାସ, ପୂର୍ବତନ ସମିତ ସଭ୍ୟ ଚନ୍ଦନ ସାହୁ, ରତିକାନ୍ତ ଧଳ, ରବୀନ୍ଦ୍ର ଧଳ, ଦିଲ୍ଲୀପ ବିଶ୍ୱାଳ, ପ୍ରଧାପକ ଅଶୋକ ନାୟକ, କିଶୋର ରାଉତ, ନିରଞ୍ଜନ ଧଳ, କିଶୋର ବିହାରୀ, ରବୀନ୍ଦ୍ର ପରିଡ଼ା, ଅଚ୍ୟୁତାନନ୍ଦ ଦାଶ, ଗଦାଧର ନାୟକ, ନିରାକାର ବିଶ୍ୱାଳ, ଅଖିଳ ଦାସ, ସୁଶାନ୍ତ ସେଠୀ, ଅଧର ଜେନା, ପଦ୍ମନାଭ ନାୟକ, ଜାନକୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ଦିଲ୍ଲୀପ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ୮ ଫୁଟ ଲମ୍ବର ଅଜଗର ଉଦ୍ଧାର

**ରାଜନଗର, ୨।୯ (ସମିସ):** ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତର ରଗଡ଼ାପାଟିଆ ଗାଁରୁ ୮ ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ଗ୍ରାମର ଖାଣ୍ଟୁ ମହିଷାଳଙ୍କ ବାଡ଼ରେ ଦିଆଯାଇଥିବା ଜାଲରେ ଅଜଗର ସାପ ଲାଗିଥିବା ଦେଖିଥିଲେ। ଏ ନେଇ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ କର୍ମଚାରୀ ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଏହି ଉଦ୍ଧାର କାର୍ଯ୍ୟରେ ବନରକ୍ଷୀ କଳ୍ପତରୁ ସେଠୀ, ଯଶୋବନ୍ତ ବେହେରା, କୁନା ବେହେରା, ବାବୁଲି ବିଶ୍ୱାଳ, ବାବୁଲି ଦାସ ନିୟୋଜିତ ଥିଲେ।

## ବିଦ୍ୟାଳୟରେ ଉଡ଼ିଲା ପାକିସ୍ତାନ ପତାକା

**ଡେରାବିଶ, ୨।୯ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଏକ ଉଚ୍ଚବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ର ପାକିସ୍ତାନ ପତାକା ସାଇକଲରେ ଉଡ଼ାଇ ବିଦ୍ୟାଳୟକୁ ଆସିବା ସହିତ ଶ୍ରେଣୀଗୃହକୁ ନେଇ ଉଡ଼ାଇଥିଲା। ଏହି ଘଟଣାରେ ଶ୍ରେଣୀ ଶିକ୍ଷକ ତାଗିଦ କରିବାରୁ ଛାତ୍ର ଜଣକ ଶିକ୍ଷକଙ୍କ ସହିତ ବଚସା କରିଥିଲା। ଘଟଣାଟି ତୁରନ୍ତ ପ୍ରଚାର ହେବା ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ପ୍ରଧାନଶିକ୍ଷକ ଛାତ୍ରକୁ ଏହି ପତାକା ଉଡ଼ାଇବାରୁ ନିବୃତ୍ତ ରଖିବା ସହ ତା'ର ଅଭିଭାବକଙ୍କୁ ବିଦ୍ୟାଳୟକୁ ଡକାଇଥିଲେ। ଛାତ୍ରର ଅଭିଭାବକ ବିଦ୍ୟାଳୟକୁ ଆସି କ୍ଷମା ପ୍ରାର୍ଥନା କରିବା ସହ ଏପରି ଆଗକୁ ଆଉ ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଗୁଞ୍ଜରିତ ହେବା ପରେ ଏହି ଘଟଣାଟିକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚାପିଦେଇଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାକିସ୍ତାନ ପତାକା କେଉଁଠୁ ଆସିଲା, ତାହାର ବିଧିବଦ୍ଧ ତଦନ୍ତ କରାଯାଇ ଦେଶଦ୍ରୋହୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।

## ରୋଲସନ ପାଇବେ ରାଷ୍ଟ୍ରପତି ପୁରସ୍କାର



**ଗରଦପୁର, ୨।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଗରଦପୁର ବ୍ଲକ ଜଗଦଳପୁର ଗ୍ରାମର ଇଞ୍ଜିନିୟର ଏସ୍.ପି. ରୋଲସନ ରାଉତ ରାଷ୍ଟ୍ରପତି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସିଟିଟିସିରେ ବୃତ୍ତିଗତ ତାଲିମ ଓ ଉଦ୍ୟମିତା ବିକାଶରେ ଉତ୍କର୍ଷତା ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ସେ ମନୋନୀତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆସନ୍ତା ୫ ତାରିଖରେ ଇଂ ଶ୍ରୀ ରାଉତଙ୍କୁ ମାନପତ୍ର, ମେଡାଲ ଓ ୫୦ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଏଥିପାଇଁ ତାଙ୍କୁ ଦିଲ୍ଲୀ ବିଜ୍ଞାନ ଭବନକୁ ନିମନ୍ତ୍ରଣ କରାଯାଇଛି। ଭୁବନେଶ୍ୱରସ୍ଥ ସିଟିଟିସିରେ ଶ୍ରୀ ରାଉତ କାର୍ଯ୍ୟରତ ଅଛନ୍ତି। ଶ୍ରୀ ରାଉତ ତାଙ୍କ ଦକ୍ଷତାର ପ୍ରତିପାଦନ କରିବା ସ୍ୱରୂପ କିଛିଦିନ ତଳେ ଲିଓନ ଫ୍ରାନ୍ସରେ ହେଉଥିବା ୱାର୍ଲ୍ଡ ସ୍କିଲ ପ୍ରତିଯୋଗିତାରେ ଭାରତ ପାଇଁ ତାଙ୍କ ଛାତ୍ର ବ୍ରୋଞ୍ଜ ପଦକ ଆଣିଥିଲେ। ଏଥିପାଇଁ ଶ୍ରୀ ରାଉତଙ୍କୁ ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ତାଙ୍କ ମାତା ସୁଲୋଚନା ରାଉତ ଓ ପିତା ପ୍ରମୋଦ ରାଉତ ପୁଅର ଏହି ସଫଳତା ପାଇଁ ଖୁସି ବ୍ୟକ୍ତ କରିଛନ୍ତି।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ୪ ଆହତ; ଥାନାରେ ଏତଲା

**ପଟ୍ଟାମୁଣ୍ଡାଇ, ୨।୯ (ସମିସ)**



- ସଂଖ୍ୟାଲଘୁ ମହିଳାଙ୍କ ଧାରଣା, ପୁଲିସର ଫ୍ଲାଗମାର୍ଚ୍ଚ
- ଆସନ୍ତାକାଲି ଶାନ୍ତି କମିଟି ବୈଠକ

ଆଜି କେତେକ ଦୁର୍ବୃତ୍ତଙ୍କ ଆକ୍ରମଣରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୪ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣ ପଟ୍ଟାମୁଣ୍ଡାଇ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ଦୁଇ ଗୁରୁତରଙ୍କୁ ଜିଲ୍ଲା ମେଡିକାଲକୁ ପଠାଇ ଦିଆଯାଇଛି। ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦାଏର ହୋଇଛି। ଏହାକୁ ନେଇ ଅଶାନ୍ତ ହୋଇଉଠିଛି ପଟ୍ଟାମୁଣ୍ଡାଇ ସହର। ଭାଇଚାରାର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏବେ ଦିନକୁ ଦିନ ବଢ଼ିଚାଲିଛି ଆତଙ୍କରାଜ। ଏହାକୁ ନେଇ ପ୍ରଶାସନର ମୁଣ୍ଡବିନ୍ଧା ଆରମ୍ଭ ହୋଇଥିବାବେଳେ ସହରର ବୁଦ୍ଧିଜୀବୀ ଏହି ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ତେବେ ଏହି ଘଟଣାକୁ ପ୍ରଶାସନ ଗୁରୁତର ଭାବେ ଗ୍ରହଣ କରିଥିବାବେଳେ ଆସନ୍ତାକାଲି ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ପୌରୋହିତ୍ୟରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହେବାକୁ ପ୍ରଶାସନ ସ୍ଥିର କରିଛି। ଏଣେ ସହର ଅଶାନ୍ତ ହେଉଥିବାରୁ ପୁଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛନ୍ତି।

ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସହରରେ ଶାନ୍ତିଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ପାଇଁ ଗଣ୍ଡଗୋଳକାରୀ ଉଭୟ ଗୋଷ୍ଠୀଙ୍କୁ ନିବେଦନ କରିବା ସହିତ ଉଭୟ ଗୋଷ୍ଠୀର ମୁରବୀଙ୍କୁ ଥାନାକୁ ଡକାଇ ଆଲୋଚନା କରିଛନ୍ତି। ଏଥିସହିତ ସହରରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। କିଛିଦିନ ପୂର୍ବେ ପଟ୍ଟାମୁଣ୍ଡାଇ ବଜାରରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ ଦୁର୍ବୃତ୍ତ। ଅନ୍ୟପଟେ ଗୋରୁ ଚାଲାଣକୁ ନେଇ ଚାରିଦିନ ତଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ଫଳରେ ଦୁଇ ଗୁରୁତର ଏବେ ସୁଦ୍ଧା କଟକ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ପୁଣି ଆଜି ସକାଳେ ମରଣାନ୍ତକ ଆକ୍ରମଣରେ ପଟ୍ଟାମୁଣ୍ଡାଇ ବସ୍ତି ୧୧ ନମ୍ବର ୱାର୍ଡର ଦୁଇଜଣ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ଦୁଇ ଗୁରୁତରଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ମହିଳା ପଟ୍ଟାମୁଣ୍ଡାଇ ଥାନା ଓ ମେଡିକାଲରେ ପହଞ୍ଚିବା ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ମହିଳାମାନେ ଦାବି କରିଥିଲେ। ଗଣ୍ଡଗୋଳର କାରଣ ଅସ୍ପଷ୍ଟ ଥିବାବେଳେ ଥାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ବିନା କାରଣରେ ମାଡ଼ ମାରିବା ସହିତ ଭୁଜାଲିରେ ହାଣିବା ପାଇଁ ଦୁର୍ବୃତ୍ତ ଉଦ୍ୟମ କରିଥିବା କହିଛନ୍ତି ଆହତ ସେକ ମୁସ୍ତାକ। ଏ ଘଟଣାରେ ଶତାଧିକ ମହିଳା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଜଗନ୍ନାଥପୁର ଗ୍ରାମ ହତ୍ୟା ଘଟଣା

## ଶୁଣିଲାନି ନିକିରାଇ ଥାନା, ଜିଲ୍ଲାପାଳଙ୍କୁ ଭେଟିଲେ ମୃତକଙ୍କ ପରିବାର

**ପଞ୍ଚୁପାଣ୍ଡବ, ୨।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଧୀନରେ ଥିବା ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ହୋଇଥିଲା। ନିକିରାଇ ପୁଲିସ ପକ୍ଷରୁ ମାମଲା ବାଟବଣା ହୋଇଥିବାବେଳେ ଆଜି ମୃତକ ନୃସିଂହ ସେଠୀଙ୍କ ସ୍ତ୍ରୀ ଉର୍ମିଳା ସେଠୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି।

ଆମ ଜମିକୁ ୬ଟି ପରିବାର ଜବରଦସ୍ତ ଦଖଲ କରିଥିବାବେଳେ ମୋ ସ୍ୱାମୀଙ୍କୁ ପାଞ୍ଚଥର ଆକ୍ରମଣ କରିଛନ୍ତି। ମୁଁ ଏ ସମ୍ପର୍କରେ ନିକିରାଇ ଥାନାରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ମୋତେ କିଛି ନ୍ୟାୟ ମିଳି ନ ଥିଲା। ଯଦ୍ୱାରା ମୋ ସ୍ୱାମୀଙ୍କୁ ଗତ ୧୪ ତାରିଖରେ ଗାଁ ଦାଣ୍ଡରେ ପିଟି ପିଟି ହତ୍ୟା କରିଥିଲେ। ସୋମବାର ରାତିରେ କଳ୍ପତରୁ ସେଠୀ, ଗଙ୍ଗାଧର ସେଠୀ, ପାଣ୍ଡବ ସେଠୀ, ଗଣେଶ ସେଠୀ, ନିରଞ୍ଜନ ସେଠୀ ଓ ଗୀତାଞ୍ଜଳି ସେଠୀ ଖଣ୍ଡା ଭୁଜାଲି ନେଇ ଆମକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଉର୍ମିଳା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।



ଆମେ ନିକିରାଇ ଥାନାର ଭାରପ୍ରାପ୍ତ ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ଲୁଚି ଥିବା ଆସାମୀଙ୍କ ଖବର କହିଲେ ସେ କହୁଛନ୍ତି ଆମେ ଖବର ପାଇଛୁ ସେମାନେ ଘରେ ରହୁନାହାନ୍ତି, ତୁମେ ଧରି ଆଣି ଦିଅ। ମୋ' ସ୍ୱାମୀ ମୃତ୍ୟୁରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଉର୍ମିଳା କହିଛନ୍ତି।

ସୂଚନା ମୁତାବକ, ଜଗନ୍ନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇ ନୃସିଂହ ଚରଣ ସେଠୀ (୪୨)ଙ୍କ ମୃତ୍ୟୁ ହୋଇଥିଲା। ନୃସିଂହଙ୍କ ସ୍ତ୍ରୀ ଉର୍ମିଳା ସେଠୀ ନିକିରାଇ ଥାନାରେ ୧୯ ଜଣଙ୍କ ବିରୋଧରେ ଅଭିଯୋଗ କରିଥିଲେ। ନିକିରାଇ ପୁଲିସ ସନ୍ଦେହରେ ଗ୍ରାମରୁ କିଛି ଲୋକଙ୍କୁ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରୁ ଉର୍ମିଳା ସେଠୀ ୨ ଜଣଙ୍କୁ ଚିହ୍ନଟ କରିବାରୁ ପୁଲିସ ଅନ୍ୟମାନଙ୍କୁ ଛାଡ଼ିଦେଇଥିଲା। ଏହି ମାମଲାରେ ପୁଲିସ ଦୁଇଜଣଙ୍କୁ ଜେଲ ପଠାଇ ଚୁପ୍ ବସିଥିବାବେଳେ ମୁଖ୍ୟ ଆସାମୀକୁ ଧରିବାରେ ବିଫଳ ହୋଇଛି।

## ବନିତା ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଯାଜପୁରରୁ ଗିରଫ

**ପଟ୍ଟାମୁଣ୍ଡାଇ, ୨।୯ (ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବନିତା ରାଉତ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଯାଜପୁରରୁ ଗିରଫ କରିଛି। ଅଭିଯୁକ୍ତ ପୁଲିସ ଆଗରେ ଦୋଷ ସ୍ୱୀକାର କରିଥିବା ଜଣାପଡ଼ିଛି। ରହସ୍ୟାବୃତ୍ତ ହୋଇରହିଥିବା ଏହି ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ କରିବାକୁ ପୁଲିସ ପୂରା ଦମରେ ଲାଗି ପଡ଼ିଥିବାବେଳେ ଅଭିଯୁକ୍ତକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ତିନୋଟି ସ୍କ୍ୱାର୍ଡ ଗଠନ କରାଯାଇଥିଲା। ଖସିଯିବାର ସମସ୍ତ ରାସ୍ତା ବନ୍ଦ ହୋଇଯିବାରୁ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ୩୧ନଂ ଭେଣ୍ଡିଂ ଜୋନ କ୍ୟାବିନରେ ଅଣ୍ଡା ଆମଲେଟ ଓ ଚକୁଳି ବିକୁଥିବା ଯାଜପୁର ବରୀ ଅଞ୍ଚଳର ସନ୍ତୋଷ ପରିଡ଼ା ଓରଫ ବାୟା ଯାଜପୁର ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ବାଧ ହୋଇଥିଲା। ପଟ୍ଟାମୁଣ୍ଡାଇ ଥାନାର ଏକ ସ୍ୱତନ୍ତ୍ର ପୁଲିସ ଟିମ ଆଜି ବିଳମ୍ବିତ ରାତିରେ ଅଭିଯୁକ୍ତ ସନ୍ତୋଷକୁ ଯାଜପୁରରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ଆଣିଛି। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମସାଗର ପଣ୍ଡା, ଆଇଆଇସି ବନ୍ଦନା ପାତ୍ର ଅଭିଯୁକ୍ତ ସନ୍ତୋଷକୁ ଜେରା କରିବା ବେଳେ ସନ୍ତୋଷ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ଏହି ହତ୍ୟାକାଣ୍ଡ ଘଟଣା ପଛରେ ପ୍ରକୃତ କାରଣ କ'ଣ ରହିଛି, ଏ ନେଇ ପୁଲିସ ଅଧିକ ଖୋଳତାଡ଼ ଆରମ୍ଭ କରିଛି।





ପୁଲିସ ଆଗରେ ଦୋଷ ସ୍ୱୀକାର

### 'ଏକ ପେଡ୍ ମାଆ କେ ନାମ୍' କାର୍ଯ୍ୟକ୍ରମ

## ଜିଲ୍ଲାରେ ଲାଗିବ ଅଢ଼େଇ ଲକ୍ଷ ଚାରା



**କେନ୍ଦ୍ରାପଡ଼ା, ୨।୯ (ସମିସ):** ଆସନ୍ତା ୧୭ ତାରିଖରୁ ଏକ ବିଶାଳ ଚାରାରୋପଣ ଅଭିଯାନ ଚାଲିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ପାଖାପାଖି ଅଢେଇ ଲକ୍ଷ ଗଛ ଲଗାଯିବ। 'ଏକ ପେଡ ମାଆ କି ନାମ ୨.୦' ଅଧୀନରେ ଏସବୁ ଚାରା ଲଗାଯିବ। ଜିଲ୍ଲାରେ ଏହି ଅଭିଯାନ କିପରି ସଫଳତାର ସହ ଆୟୋଜିତ ହେବ, ଏ ନେଇ ମଙ୍ଗଳବାର ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓସ୍ୱାନ ହଲରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା, ଉଦ୍ୟାନ, ବନବିଭାଗ, କ୍ରୀଡ଼ା, ମିଶନ ଶକ୍ତି, ମୃତ୍ତିକା ସଂରକ୍ଷଣ, ସାମାଜିକ ସୁରକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜ ଅଧ୍ୟକ୍ଷ ଓ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଚାରାରୋପଣ ପ୍ରସ୍ତୁତିକୁ ନେଇ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରଙ୍କଠାରୁ ପଚାରି ବୁଝିଥିଲେ। ଚାରାରୋପଣ ପାଇଁ ସ୍ଥାନ ଓ ଜାଗା ଚିହ୍ନଟ ସହିତ ଚାରାରୋପଣ ସ୍ଥାନର ରୋଡ଼ମ୍ୟାପ ଚୂଡାନ୍ତ କରିବାକୁ କୁହାଯାଇଛି। ଚାରାରୋପଣ ସହ ମେରୀଲାଇଫ ପୋର୍ଟାଲରେ ତଥ୍ୟ ଓ ଜିଓଟ୍ୟାଗ ଫଟୋ ଅପଲୋଡ଼ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା।

### କପିଳେଶ୍ୱର କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା

## ୬ଦିନ ପରେ ଛାତ୍ରୀଙ୍କ ବାପାଦେଲେ ଏତଲା

**ରାଜକନିକା, ୨।୯ (ସମିସ):** ବାପାମାଆଙ୍କ ଅନୁପସ୍ଥିତିରେ ଝିଅ କଲେଜ ଯାଇ ଗଣେଶ ପୂଜା ସାରି ଘରକୁ ଫେରି ଆତ୍ମହତ୍ୟା କରିବା ଘଟଣାରେ ଛାତ୍ରୀଙ୍କ ବାପା ଗତକାଲି ଥାନାରେ ଏତଲା ଦେଇ ଝିଅ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିବାବେଳେ ଝିଅର ବାପା କେରଳରୁ ଆସି ରାଜକନିକା ଥାନାରେ ଏତଲା ଦେଇ ଖଣ୍ଡେଇତା ଗାଁର ଜଣେ ଯୁବକଙ୍କ ସହ ଝିଅର ସମ୍ପର୍କ ଓ ବଚସା କାରଣରୁ ଝିଅ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଉଲ୍ଲେଖ କରି ତଦନ୍ତ ଦାବି କରିଛନ୍ତି। ଏତଲା ପାଇବା ପରେ ପୁଲିସ ୪୫୫/୨୫ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି। ରାଜକନିକା ଥାନା କାଟଣାବଣିଆ ପଞ୍ଚାୟତର ଡାଏଣିଗିରି ଗ୍ରାମର ବିନୋଦ ସେଠୀଙ୍କ ଝିଅ ପୂର୍ଣ୍ଣିମା (୧୬) କପିଳେଶ୍ୱର କଲେଜରେ +୨ ପ୍ରଥମବର୍ଷରେ ପଢୁଥିଲେ। ସେ କଲେଜରେ ଗଣେଶ ପୂଜା ସାରି ଘରକୁ ଫେରିବା ପରେ ଅପରାହ୍ନରେ ଓଢ଼ଣୀ ଦେଇ ଶୋଇବା ଘରେ ଆତ୍ମହତ୍ୟା କରିଥିଲେ। ଛାତ୍ରୀଙ୍କ ବାପାମାଆ ଝିଅର ମୋବାଇଲକୁ ବାରମ୍ବାର କଲ କରି ନିରାଶ ହେବା ପରେ ପଡୋଶୀଙ୍କୁ ଝିଅ କାହିଁକି ଫୋନ ଉଠାଉନାହିଁ କହିବାରୁ ଗାଁ ଲୋକେ ଘରେ ଝିଅ ରଶି ଲଗାଇଥିବା ଦେଖି ପୁଲିସରେ ଖବର କରିଥିଲେ। ପୁଲିସ ଶବ ଜବତ କରି

## ପଲ୍ଲୀ ଶିକ୍ଷାଶ୍ରମ, ଅଙ୍ଗନବାଡି କେନ୍ଦ୍ର ଓ କୁତରଙ୍ଗ ବିଦ୍ୟାଳୟ ଗସ୍ତ

# କୁନି କୁନି ପିଲାଙ୍କୁ ପଢ଼ାଇଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା, ୨।୯ (ସମିସ)**

ସ୍କୁଲ ପିଲାଙ୍କୁ ପାଠ ପଢ଼ାଇଲେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର। ଜିଲ୍ଲାପାଳ ଭାବେ ଯୋଗଦେବା ପରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଜିଲ୍ଲାପାଳ ଅଣ୍ଟା ଭିଡିଛନ୍ତି। ସେ ମଙ୍ଗଳବାର କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପଞ୍ଚାୟତର ପଲ୍ଲୀ ଶିକ୍ଷାଶ୍ରମ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ପିଲାଙ୍କୁ ପାଠ ପଢ଼ାଇଛନ୍ତି। ଜିଲ୍ଲାପାଳ ପିଲାଙ୍କୁ ସାଧାରଣ ଜ୍ଞାନ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏଥିସହ ପିଲାଙ୍କୁ ସାଧାରଣ ଜ୍ଞାନ ବିଷୟରେ ପ୍ରତିଦିନ ଶିକ୍ଷା ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଥିଲେ। ଛାତ୍ରଛାତ୍ରୀ ପାଠ୍ୟକ୍ରମ ସହ ସାଧାରଣ ଜ୍ଞାନ ପଢ଼ିବା ନିହାତି ଆବଶ୍ୟକ। ସାଧାରଣ ଜ୍ଞାନ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବେଶ ସହାୟକ ହେବ। ସାଧାରଣ ଜ୍ଞାନ ବିଷୟରେ ଶିଶୁ ବାଟିକା ଓ ବିଦ୍ୟାଳୟ ସ୍ତରରୁ ଶିକ୍ଷାଦାନ ଦିଆଗଲେ ପିଲାଙ୍କ ମଧ୍ୟରେ ପିଲାଟି ଦିନରୁ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହେବ। ଭବିଷ୍ୟତରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ଏହି ସାଧାରଣ ଜ୍ଞାନ ବେଶ ସହାୟକ ହେବ ବୋଲି ଜିଲ୍ଲାପାଳ କହିଥିଲେ।

> **ନୂତନ କୌଶଳ ଆପଣେଇବାକୁ ପରାମର୍ଶ**
>
> **'କୌଣସି ମାନରେ ସରକାରୀ ବିଦ୍ୟାଳୟ କମ୍ ନୁହେଁ'**

ଜିଲ୍ଲାପାଳ ପିଲାଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥିଲେ। ଏଥିସହ ନିଜେ କେତେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ନୂଆ ନୂଆ କୌଶଳ ଆପଣେଇ ପିଲାଙ୍କୁ ପାଠ ପଢ଼ାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଆଜି ସରକାରୀ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟଠାରୁ କୌଣସି ଗୁଣରେ କମ୍ ନ ଥିବା କହିଥିଲେ। କେବଳ ପାଠପଢ଼ା ଶୈଳୀ ଓ କୁନି କୁନି ପିଲାଙ୍କ ଯତ୍ନ ଆମକୁ ସଫଳତା ଦେବ ବୋଲି ସେ କହିଛନ୍ତି।

ପିଲାଙ୍କୁ ପଢ଼ାଇ ସାରିବା ପରେ ଜିଲ୍ଲାପାଳ ଦୁଇଟି ବିଦ୍ୟାଳୟ ପରିସରରେ ପାନୀୟଜଳ ବ୍ୟବସ୍ଥା ଅଛି କି ନାହିଁ ତାହା ଯାଞ୍ଚ କରିଥିଲେ। କେଉଁ ଉତ୍ସରୁ ପିଲାଙ୍କୁ ପାନୀୟଜଳ ପିଇବାକୁ ଦିଆଯାଉଛି, ତାହା ସୁରକ୍ଷିତ ଅଛି କି ନାହିଁ, ସେ ସମ୍ପର୍କରେ ଯାଞ୍ଚ କରିଥିଲେ। ପିଲାମାନଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କହିଥିଲେ। ସେହିପରି ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉଛି କି ନିମ୍ନମାନର ରନ୍ଧା ଖାଦ୍ୟ ଦିଆଯାଉଛି ତାହା ଜିଲ୍ଲାପାଳ ନିଜେ ପରୀକ୍ଷା କରିଥିଲେ। ପିଲାଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟରୁ ଜିଲ୍ଲାପାଳ କିଛି ଖାଇ ତାହାର ମାନ ପରୀକ୍ଷା କରିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ରକ୍ଷା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଦେଇଥିଲେ।

## ସିମେଣ୍ଟ କୁଣ୍ଡରେ ବିରଳ ପଦ୍ମ



**ମାର୍ଶାଘାଇ, ୨।୯ (ସମିସ):** ଆପଣ ପୋଖରୀ କିମ୍ବା ନାଳରେ ପଦ୍ମଫୁଲ ଫୁଟିବା ଦେଖିଥିବେ। କେବେ ଭାବି ନ ଥିବେ ସିମେଣ୍ଟ କୁଣ୍ଡରେ ଛାତ ଉପରେ ପଦ୍ମ ଫୁଟିପାରିବ। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଗ୍ରାମର ଦିଲ୍ଲୀପ ସ୍ୱାଇଁ ତାଙ୍କ ଛାତ ଉପରେ ୫୦ ପ୍ରକାରରୁ ଊର୍ଦ୍ଧ୍ୱ ପ୍ରଜାତିର ପଦ୍ମ ଫୁଲ ଫୁଟାଇ ପାରିଛନ୍ତି। ତାହା ମଧ୍ୟରୁ ବିରଳ ହେଉଛି ହଜାର ପାଖୁଡ଼ାର ପଦ୍ମ ଫୁଲ। ଦିଲ୍ଲୀପ ତିନିବର୍ଷ ପୂର୍ବେ ବିଦେଶରୁ ପଦ୍ମ 'ତ୍ରିବର' ମଗାଇ ଛାତ ଉପରେ ସିମେଣ୍ଟ କୁଣ୍ଡରେ ଲଗାଇଥିଲେ। ସବୁ ପ୍ରଜାତିର ପଦ୍ମ ଫୁଟୁଥିବାବେଳେ ହଜାର ପାଖୁଡାର ପଦ୍ମ ଫୁଟୁ ନ ଥିଲା। ଆଜି ଏହି ବିରଳ ପଦ୍ମ ଦିଲ୍ଲୀପଙ୍କ ଛାତ ଉପରେ ଫୁଟିବା ପରେ ପରିବାର ସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି। ଏହି ବିରଳ ପଦ୍ମକୁ ଦେଖିବାକୁ ବହୁ ଫୁଲପ୍ରେମୀ ଭିଡ଼ ଲଗାଇଛନ୍ତି। ଏହି ପଦ୍ମ ଓଡ଼ିଶାରେ ପ୍ରଥମ ଥର ଢେଙ୍କାନାଳରେ ଜଣଙ୍କ ଘରେ ଫୁଟିଥିଲା।

ସକାଳ THE SAKALA
ବୁଧବାର ୩ ସେପ୍ଟେମ୍ବର ୨୦୨୫


# ୟୁରିଆ ସାରର ବ୍ୟାପକ କଳାବଜାର

## ଚାଷୀ ହଟହଟା; ଆନ୍ଦୋଳନ ଚେତାବନୀ

**ନିଶ୍ଚିନ୍ତକୋଇଲି,୨।୯ (ସମିସ):** ଡବଲ ଇଞ୍ଜିନ ସରକାରରେ କୃଷି ଓ କୃଷକ ସଶକ୍ତିକରଣକୁ ମିଶନ ଭାବେ ଗ୍ରହଣ କରି ବିଭିନ୍ନ ସମୟରେ ନାନା ପ୍ରକାର ଯୋଜନାମାନ ପ୍ରଣୟନ କରୁଛି । ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ସରକାରଙ୍କର ଲକ୍ଷ୍ୟଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି । ଏଭଳି ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖାଯାଇଛି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ । ସରକାର ଚାଷୀଙ୍କୁ ସହଜ ଓ ସଠିକ୍ ମୂଲ୍ୟରେ ସାର ଯୋଗାଇଦେବା ପାଇଁ ସମବାୟ ସମିତି ମାଧ୍ୟମରେ ବ୍ୟବସ୍ଥା କରିଥିଲା ବେଳେ ଏହି ବ୍ଲକ ଅଞ୍ଚଳରେ ରହିଥିବା କୃଷି ଋଣ ସମବାୟ ସମିତି ଗୁଡ଼ିକୁ ସଠିକ୍ ଭାବେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ଦିଆଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ଚାଷୀମାନେ ସଠିକ୍ ଭାବେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ପାଇପାରୁ ନ ଥିବାରୁ ବଜାରରୁ ଚଢ଼ାଦରରେ ୟୁରିଆ କିଣୁଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସମବାୟ ସମିତି ଗୁଡ଼ିକୁ ସାର ଯୋଗାଇଦେବା ପାଇଁ ସରକାରଙ୍କର ସାର ଯୋଗାଣର ମୁଖ୍ୟ ସଂସ୍ଥା ମାର୍କଫେଡ଼ ରହିଥିବା ବେଳେ ସେ ମଧ୍ୟ ସଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ପାରୁନାହିଁ । ଏହି ମାର୍କଫେଡ଼ ସଂସ୍ଥା ପର୍ଯ୍ୟାପ୍ତ ପରିମାଣରେ ସାର ଉଠାଉଥିଲା ବେଳେ କଣ ପାଇଁ ସମବାୟ ସମିତି ଗୁଡ଼ିକୁ ଆବଶ୍ୟକୀୟ ୟୁରିଆ ଯୋଗାଉ ନାହିଁ ସେ ନେଇ ପ୍ରଶ୍ନ ଉଠିଛି ।



ଅପରପକ୍ଷରେ ଏହି ବ୍ଲକରେ ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ଯୋଗାଇବା ପାଇଁ ଡିଲର ନିଯୁକ୍ତି ହୋଇଥିଲେ ମଧ୍ୟ ସେମାନେ ସଠିକ୍ ଭାବେ ସାର ଯୋଗାଇ ପାରୁନାହାନ୍ତି । ଏହି ବ୍ଲକରେ ଥିବା ଏକମାତ୍ର ସାର ହୋଲସେଲିଂ ଡ଼ିଲରକୁ କମ୍ପାନୀ ପର୍ଯ୍ୟାପ୍ତ ସାର ଯୋଗାଇ ପାରୁ ନ ଥିବାରୁ ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ପାଇପାରୁ ନାହିଁ । ଯାହାଦ୍ୱାରା ଏହି ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସରେ ବହୁ ବେପାରୀ ୟୁରିଆ ସାରର କଳାବଜାର କରି ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ସମବାୟ ସମିତି ଗୁଡ଼ିକରେ ସାର ମିଳୁ ନ ଥିବାରୁ ବଜାରରେ ବେଆଇନ ଭାବେ ବହୁ ବ୍ୟବସାୟୀ ଅତ୍ୟଧିକ ଚଢ଼ାଦରରେ ସାର ବିକ୍ରି କରୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୃଷି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଫଳରେ ଦୁର୍ନୀତିଖୋର ବ୍ୟବସାୟୀଙ୍କ ଠାରୁ ଚାଷୀମାନେ ଚଢ଼ାଦରରେ ସାର କିଣି ନାହିଁ ନ ଥିବା ହଟହଟା ହେଉଛନ୍ତି । ଖରିଫ ଧାନ ଚାଷର ରୁଆପୋତା ସମୟରେ ଚାଷୀମାନେ ବହୁତ ଚଢ଼ା ଦରରେ ସାର କିଣି ଧାନ ତଳି ରୁଆପୋତା କାର୍ଯ୍ୟ କରିଥିଲେ । ବର୍ତ୍ତମାନ ଧାନରେ ୟୁରିଆ ପକାଇବା ସମୟ ହୋଇଥିବାରୁ ଚାଷୀମାନେ ଏବେ ୟୁରିଆ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି । ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ସାର ବସ୍ତା ପ୍ରତି ୫୦କେଜି ଡ଼ିଏପି ମୂଲ୍ୟ ୧୩୩୩ ଟଙ୍କା, ପିପିଏଲ ୨୮-୨୮ ୫୦ କେଜି ପ୍ରତି ୧୬୯୧ ଟଙ୍କା ଏବଂ ୟୁରିଆ ୪୫ କେଜି ପ୍ରତି ୨୬୬ ଟଙ୍କା ରହିଥିବା ବେଳେ ଦୁର୍ନୀତିଖୋର ବ୍ୟବସାୟୀମାନେ ସାର କଳାବଜାର କରି ୟୁରିଆ ବସ୍ତା ୩୮୦ରୁ ୪୦୦ ଟଙ୍କା, ପିପିଏଲ ୨୮-୨୮ ବସ୍ତା ପ୍ରତି ୧୮ଶହରୁ ୨ହଜାର ଟଙ୍କା ଏବଂ ଡ଼ିଏପି ବସ୍ତା ପ୍ରତି ୧୫ଶହରୁ ୧୮ଶହ ଟଙ୍କା ବିକ୍ରି କରୁଥିବା ଦେଖାଦେଇଛି । ଏହି ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଖରିଫ ଧାନ ଚାଷ ପାଇଁ ପର୍ଯ୍ୟାପ୍ତ ୟୁରିଆର ଆବଶ୍ୟକତା ରହିଥିବା ବେଳେ ଚାଷୀମାନେ ସମବାୟ ସମିତି ଓ ସରକାର ଡ଼ିଲରମାନଙ୍କଠାରୁ ସାର ନ ପାଇ ଖୋଲା ବଜାରରେ ଲାଇସେନ୍ସ ନ ଥିବା ଦୁର୍ନୀତିଖୋର ବ୍ୟବସାୟୀଙ୍କ ଠାରୁ ଚଢ଼ା ଦାମରେ ସାର କିଣିବା ପାଇଁ ବାଧ୍ୟ ହେଉଥିବା ପ୍ରକାଶ କରିଛନ୍ତି । ଯଥାଶୀଘ୍ର ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇଦେବା ପାଇଁ ଦାବି ହୋଇଛି । ଏହି ବ୍ଲକ ଅଞ୍ଚଳକୁ ଆବଶ୍ୟକ ମୁତାବକ ୟୁରିଆ ଯୋଗାଇ ନ ଦେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

### ୟୁରିଆ ଓ ପଟାସ ସାରର କୃତ୍ରିମ ଅଭାବ

**କଣ୍ଟାପଡ଼ା,୨।୯ (ସମିସ):** ସାରା ଓଡ଼ିଶାରେ ସାର ସମସ୍ୟା ଲାଗି ରହିଥିବା ବେଳେ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକର ନାହାଳପୁର, ନୂଆଗାଁ ଓ ଗୋବିନ୍ଦପୁର ପଞ୍ଚାୟତରେ ୟୁରିଆ ଓ ପଟାସ ସାରର କୃତ୍ରିମ ଅଭାବ ହେଉଥିବା ପରିଲକ୍ଷିତ ହେଉଛି । ଏହି ତିନି ପଞ୍ଚାୟତରେ ନାହାଳପୁର ଓ ଗୋବିନ୍ଦପୁର ଦୁଇଟି ସେବା ସମବାୟ ସମିତି ଥିଲେ ମଧ୍ୟ ଏହା ଚାଷୀଙ୍କ ହିତରେ ନ ଲାଗି ଅହିତରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ସୁଧା ଏହି ଦୁଇ ସମିତି କୌଣସି ପ୍ରକାରର ଗୋଟିଏ ବସ୍ତା ସାର ଚାଷୀଙ୍କୁ ଯୋଗାଇ ଦେଇନାହାଁନ୍ତି । ଅପରପକ୍ଷରେ ଏହି ବ୍ଲକ ଅନ୍ତର୍ଗତ ଅଡଶପୁର ସେବା ସମବାୟ ସମିତି ପକ୍ଷରୁ ଗତ ଦୁଇଦିନ ହେଲା ଚାଷୀଙ୍କୁ ସାର ବଣ୍ଟନ କରିଚାଲିଛି । କିନ୍ତୁ ଏହି ଦୁଇ ସମିତିରେ ପଞ୍ଜିକୃତ ହୋଇଥିବା ଚାଷୀ ସାର ପାଇବାରୁ ବଞ୍ଚିତ ହୋଇଛନ୍ତି । ଫଳରେ ଏଠାରେ ସାରର କୃତ୍ରିମ ଅଭାବ ହେଉଥିବା ଦେଖିବାକୁ ମିଳିଛି । ସରକାର ମଣ୍ଡିରେ ଧାନ କିଣିବା ପାଇଁ ଚାଷୀ ପଞ୍ଜିକରଣଠାରୁ ଆରମ୍ଭ କରି ରିଆତି ମୂଲ୍ୟରେ ବିହନ ବିକ୍ରୟ କଲେ ହେଲେ ରିଆତି ମୂଲ୍ୟରେ ସମିତିକୁ ସାର କାହିଁକି ଆସୁନି ତାହା, ଚାଷୀ ମହଲରେ ସନ୍ଦେହ ସୃଷ୍ଟି କରିବା ସହ ଘଟଣାରେ ସମିତି କର୍ମଚାରୀ ଓ ଅସାଧୁ ସାର ବ୍ୟବସାୟୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ଚାଷୀ ମହଲରେ ଆଲୋଚନା ବିଷୟବସ୍ତୁ ପାଲଟିଛି । ଘଟଣାର ଗୁରୁତ୍ୱ ଓ ଚାଷୀଙ୍କ ହିତ ପାଇଁ କୃଷି ବିଭାଗ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ସ୍କୁଟି ଡିକିରୁ ଲୁଟିଲେ ୩ ଲକ୍ଷ ଟଙ୍କା



**ଚୌଦ୍ୱାର,୨।୯ (ସମିସ):** ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକିରୁ ୩ ଲକ୍ଷ ଟଙ୍କା ଲୁଟ କରିଥିବା ଚୌଦ୍ୱାର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମଙ୍ଗଳବାର ମଧ୍ୟାହ୍ନ ସମୟରେ ଗୁରୁଡ଼ିଝାଟିଆ ଥାନା ନଇମାଳିଆ ଗ୍ରାମର ବୈକୁଣ୍ଠ ନାଥ ରାଉତ ଚୌଦ୍ୱାର ଧୂମାବତୀ ନିକଟସ୍ଥ ଷ୍ଟେଟବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖି ସ୍କୁଟି ଚଳାଇ ଯାଇ ଚୌଦ୍ୱାର ଚାରବାଟିଆ ବଜାରର ଶାନ୍ତି ପ୍ଲାଜା ନିକଟରେ ଛିଡ଼ା ହୋଇଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସି ରାସ୍ତାରେ ପଡିଥିବା କିଛି ଦଶଟଙ୍କିଆ ନୋଟକୁ ଦେଖାଇ ଟଙ୍କା ତାଙ୍କର କି ବୋଲି ପଚାରିଥିଲେ । ଉକ୍ତ ଟଙ୍କା ତାଙ୍କର ବୋଲି କହି ବୈକୁଣ୍ଠ ରାସ୍ତାରେ ପଡ଼ିଥିବା ଟଙ୍କା ଗୋଟାଇବାରେ ଲାଗି ପଡିଥିଲେ । ଏହି ସମୟରେ ଅନ୍ୟଜଣେ ବ୍ୟକ୍ତି ଆସି ବୈକୁଣ୍ଠଙ୍କ ସ୍କୁଟି ଡିକି ଖୋଲି ଡିକି ଭିତରେ ଥିବା ଟଙ୍କାକୁ ନେଇ ପାଖରେ ବାଇକରେ ଥିବା ଜନୈକ ଯୁବକଙ୍କ ସହିତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଟଙ୍କା ଉଠାଇବାକୁ କହିଥିବା ବ୍ୟକ୍ତି ଜଣକ ମଧ୍ୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ବୈକୁଣ୍ଠ ତୁରନ୍ତ ଏ ସମ୍ପର୍କରେ ଚୌଦ୍ୱାର ଥାନାକୁ ଖବର ଦେବା ପରେ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି ।

# ଚଳନ୍ତା କାର୍ ଉପରେ ଭାଙ୍ଗିପଡ଼ିଲା ଗଛ ଡାଳ

**କନ୍ଦରପୁର,୨।୯ (ସମିସ):** କଟକ-ପାରାଦୀପ ଏନଏଚ ୫୫ର ନାହାଭଙ୍ଗା ନିକଟରେ ଆଜି ଦିନ ୧୦ଟାରେ ଏକ ବଡ ଆକାଶୀ ଗଛ ଭାଙ୍ଗି ପଡିଥିଲା । ଗଛର ମୋଟା ଡାଳ କାର ଉପରେ ପଡ଼ିଥିଲା । ସେହି କାରର ହୁଡ୍ ଭାଙ୍ଗି ଯାଇଥିବାବେଳେ ଯାତ୍ରୀ ସୁରକ୍ଷିତ ଥିଲେ । ମାତ୍ର କାରକୁ ଅତିକ୍ରମ କରି ଯାଉଥିବା ୨ ବାଇକ ଆରୋହୀଙ୍କ ଶରୀରରେ ଗଛ ଡାଳର ଆଘାତ ଲାଗିଛି । ଉଭୟଙ୍କୁ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ କଟକ ବଡ଼ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇ ଦିଆଯାଇଥିଲା । ରାସ୍ତାରେ ସିସିଟିଭି ଲାଗିଥିଲା ବେଳେ ପ୍ରତ୍ୟେକ ଦିନ ବିଚାରପତି, ଆଇଏଏସ ଅଫିସର, ମନ୍ତ୍ରୀ, ନେତା ଯାତାୟାତ କରୁଛନ୍ତି । ରାସ୍ତାରେ ପରିବହନ ସମସ୍ୟା ଉପରେ କାହାର ନଜର ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ନାହାଭଙ୍ଗା ଭଙ୍ଗା ଅଞ୍ଚଳର ଯୁବନେତା ତଥା ଯାଦବ ମହାସଭାର କଟକ ଜିଲ୍ଲା ସଭାପତି ସମର ବେହେରା କହିଛନ୍ତି । ଏହି ରାସ୍ତା ପାଶ୍ୱର୍ରେ ବହୁ ସଂଖ୍ୟାରେ ଟ୍ରକ ରହଣୀ କରୁଥିବାରୁ ଏଥିରେ ଧନଜୀବନ କ୍ଷତି ଘଟିବା ନିଶ୍ଚିତ ହୋଇଯାଉଛି ।

# କେୟାର ଆଣ୍ଡ ସେୟାର ଫାଉଣ୍ଡେସନ ପକ୍ଷରୁ କୃତଜ୍ଞତା




**ବଡମ୍ବା,୨।୯ (ସମିସ):** ବଡମ୍ବା ବ୍ଲକ ଅଧୀନ ବଡମ୍ବା ହାଟ ନିକଟସ୍ଥ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ରାଜ୍ୟସରକାରଙ୍କ ତରଫରୁ ବଡମ୍ବା ନରସିଂହପୁରକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା ପରେ କେୟାର ଆଣ୍ଡ ସେୟାର ଫାଉଣ୍ଡେସନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ବଡମ୍ବା ନରସିଂହପୁର ବିଧାୟକଙ୍କ ଉଦ୍ୟମକୁ ମଧ୍ୟ ପ୍ରଶଂସା କରାଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ ଯୁବ ଇଞ୍ଜିନିୟର ଲାଲମୋହନ ସାହୁ, ସମାଜସେବୀ ଜ୍ୟୋତି ରଞ୍ଜନ ବଳବନ୍ତରାୟ, ଯୁବ ଇଞ୍ଜିନିୟର କୁମାରେଶ ବେଉରା, ବରିଷ୍ଠ ଆଇନଜୀବୀ ସନ୍ତୋଷ ପଣ୍ଡା, ସମାଜସେବୀ ପ୍ରକାଶଚନ୍ଦ୍ର ମହାପାତ୍ର, ସମାଜସେବୀ ପ୍ରକାଶଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

# ସାଂସଦ ଖେଳ ମହୋତ୍ସବ ପାଇଁ ସଚେତନତା

**ତିଗିରିଆ,୨।୯ (ସମିସ):** ସେପ୍ଟେମ୍ବର ୨୧ ତାରିଖରୁ ଆରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ପ୍ରତିଯୋଗିତା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଅଭୟ କୁମାର ବାରିକ ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଓ ଅତିରିକ୍ତ ଉପଜିଲ୍ଲାପାଳ ମାନସ କୁମାର ବେହେରା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ପୂର୍ବତନ ସମିତିସଭ୍ୟ ସଞ୍ଜୟ କର, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦତ୍ତ, ଯୁବନେତା ତପନ ଲେଙ୍କା ଯୋଗଦେଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମସ୍ତ ଅତିଥି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚଳିତ ମାସ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ସାଂସଦ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ । ଏଥିସହିତ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆ ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ ।



# ଗଣମାଧ୍ୟମ ପ୍ରତିନିଧି ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୨।୯ (ସମିସ):** ସାଲେପୁର ଏନ୍ଏସି ମାନ୍ୟତା ପାଇବା ପରେ ସାଲେପୁରକୁ ଏନ୍ଏସି ଘୋଷଣା ଦାବି ନେଇ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନକୁ ଲିଖିତ ଅବଗତ କରିବା ଓ ସାଲେପୁର ଏନ୍ଏସି ମାନ୍ୟତା ପ୍ରଦାନ ଦାବି କରି ବିଭିନ୍ନ ସମୟରେ ସଂଗ୍ରାମ କରିଆସିଥିବା ବ୍ୟକ୍ତିବିଶେଷ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଜେପି ନେତା ହିମାଂଶୁ ମହାନ୍ତି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ସାଲେପୁର ଏନ୍ଏସି ମାନ୍ୟତା ପାଇବାର ଶ୍ରେୟ ମୁଖ୍ୟତଃ ଗଣମାଧ୍ୟମ ଓ ସହରାଞ୍ଚଳ ବିକାଶ ପରିଷଦର ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ । ସହରାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ନନ୍ଦ କିଶୋର ଭୂୟାଁ ଓ ସାଲେପୁର ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ମିଠା ବାଣ୍ଟି ଖୁସି ମନାଇଥିଲେ । ଏହି ଅବସରରେ ସାଲେପୁର ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମିହିର ଜେନା ମଧ୍ୟ ହିମାଂଶୁ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସାଲେପୁର ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ଅନ୍ତର୍ଯ୍ୟାମୀ ସାହୁ, ଶଶିକାନ୍ତ ମହାନ୍ତି, ମାନସ କରଣ, ରାଜୀବ ଦ୍ୱିବେଦୀ, ରିତେଶ ଦାଶ, ମଳୟ ରଞ୍ଜନ ଦାସ, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ବାବୁନା ଲେଙ୍କା, ସଞ୍ଜୟ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।



# ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ଚାରାରୋପଣ



**କନ୍ଦରପୁର,୨।୯ (ସମିସ):** କଟକ ସଦରର ସାମାଜିକ ସଂଗଠନ "ବିଷ୍ଣୁପ୍ରିୟା ସେବା ସମିତି' ପକ୍ଷରୁ ରାଜହଂସ କାଠଯୋଡି ନଦୀ ପଠାରେ ଚାରାରୋପଣ କାର୍ଯ୍ୟକ୍ରମ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଷ୍ଣୁପ୍ରିୟା ସେବା ସମିତିର ଅଧ୍ୟକ୍ଷା ତଥା କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ଅଖିଳ ଭାରତ ଯୁବ ଯାଦବ ମହାସଭାର ସଭାପତି ଇଂ ପ୍ରଦୀପ ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପାଖାପାଖି ୪୦୦ ଚାରାରୋପଣ କରାଯାଇଥିଲା । ହୃଷୀକେଶ ଜେନା, ଉଗ୍ରସେନ ଭୂୟାଁ, ସମର ବେହେରା, ଅଶୋକ ପାତ୍ର, ନିର୍ମଳ ଦାସ, ଅନିରୁଦ୍ଧ ରାଉଳ, ରାକେଶ ବେହେରା, ସନ୍ତୋଷ ରାଉତ ପ୍ରମୁଖ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ ।

# ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ସ୍ମାରକପତ୍ର

**କଟକ,୨।୯ (ସମିସ):** ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଧାରିବା ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କଟକ ଜିଲ୍ଲା ପକ୍ଷରୁ ଦାବି କରାଯାଇଛି । ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଦେବା ପାଇଁ ନିଷ୍ପତି ନିଆଯାଇଥିଲା । କଟକ ଜିଲ୍ଲା ମାଧ୍ୟମିକ ଶିକ୍ଷକ ସଂଘର ନିଷ୍ପତ୍ତିକ୍ରମେ ଆଜି ଶିକ୍ଷକଙ୍କ ଚାକିରି ସର୍ତ୍ତାବଳୀ, ସଂଶୋଧନ କରିବା, ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ସଂଶୋଧିତ ହାରରେ ପେନସନ ପ୍ରଦାନ, ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ପାଇଁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି । କଟକ ଜିଲ୍ଲା ଶିକ୍ଷକ ସଂଘର ସମ୍ପାଦକ ବିଜୟ କୁମାର ଛତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ବଡ଼ମ୍ବା ବ୍ଲକ ସଭାପତି ଶ୍ୟାମବନ୍ଧୁ ବେହୁରା, କଲ୍ୟାଣୀ ରାଉତ, ସୁଭ୍ରଜିତ ପ୍ରଧାନ, ପ୍ରମୋଦ ସିଂ, କଳିଙ୍ଗ କେଶରୀ ପ୍ରଧାନ, ଶ୍ରୀମନ୍ତ ମହାପାତ୍ର, କିଶୋର ପ୍ରଧାନ, ମନମୋହନ ମହାରଣା, ଦିଲ୍ଲୀପ ପଣ୍ଡା, ପ୍ରଦୋଷ ଧଳ, ସନ୍ତୋଷ ପରିଡ଼ା, ଭକ୍ତବତ୍ସଳ ସାହୁ ଉପସ୍ଥିତ ଥିଲେ ।



# ଥାନାପତି ବଡ଼ ଗଣେଶଙ୍କ ବିସର୍ଜନ

**ମାହାଙ୍ଗା,୨।୯ (ସମିସ):** କଲ୍ୟାଣପୁରଠାରେ ବଡ଼ ଗଣେଶ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁହୁଣ୍ଡା ପଞ୍ଚାୟତ "ଯୁଗଜ୍ୟୋତି ସାଂସ୍କୃତିକ ପରିଷଦ' କଲ୍ୟାଣପୁର ପକ୍ଷରୁ ଦୀର୍ଘ ୪୮ ବର୍ଷ ଧରି ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ଚଳିତ ବର୍ଷ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତି ପୌରାଣିକ କଥାବସ୍ତୁ ଉପରେ ନିର୍ମାଣ ହୋଇଥିଲା । ମଙ୍ଗଳବାର ବଡ଼ ଗଣେଶଙ୍କ ବିସର୍ଜନ ଉତ୍ସବ ଦେଖିବା ପାଇଁ କଲ୍ୟାଣପୁର ଗାଁରୁ କୋଠପଦା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ବାଜା ବାଣ ରୋଶଣିରେ ଦୁଲୁକିଥିଲା ଗାଁ' ଦାଣ୍ଡ । ଗାଁ'ର ମୁରବୀ ରବୀନ୍ଦ୍ର ନାଥ ଦାସ, ଅଖିଳେଶ ମହାନ୍ତି, ହେମନ୍ତ ପ୍ରଧାନ, ନିମାଇଁ ଚରଣ ବେହେରା,ବିଭୂତି ଭୂଷଣ ଦାସ, ଦିଲ୍ଲୀପ ବାରିକ, ସୁଶାନ୍ତ ଦାସ, ସୁମନ୍ତ ପଲେଇ, ଶିବ ପ୍ରସାଦ ବେହେରା, ପ୍ରଦୀପ ପଲେଇ, ହିମାଂଶୁ ବେହେରା, ରାକେଶ ବେହେରା, ପ୍ରଣବ ବେହେରା, ଗଦାଧର ସାହୁ, ଅଚ୍ୟୁତାନନ୍ଦ ପଣ୍ଡା, ରମେଶ ମହାନ୍ତି, ମାନସ ବେହେରା ପ୍ରମୁଖ ଅନୁଷ୍ଠାନର ଅଗ୍ରଣୀ ଯୁବକ ପରିଚାଳନା କରିଥିଲେ । ବିରୂପା ନଦୀର କଲ୍ୟାଣପୁର ଘାଟରେ ବଡ଼ ଗଣେଶ ଏବଂ ସାନ ଗଣେଶ ଉଭୟ ବିଗ୍ରହକୁ ବିସର୍ଜନ କରାଯାଇଥିଲା ।



# ହ୍ୟୁଜ୍ ଇଣ୍ଡିଆନ୍ ଆପ୍‌ରେ ଠକେଇ
# ଟାଙ୍ଗୀ ଆଞ୍ଚଳିକ ମୁଖ୍ୟ ଗିରଫ

**ଟାଙ୍ଗୀ,୨।୯ (ସମିସ):** ଅନଲାଇନ୍ ଗେମ୍ ହ୍ୟୁଜ୍ ଇଣ୍ଡିଆ ଆପରେ କୋଟି କୋଟି ଟଙ୍କା ଠକେଇ ଘଟଣା ସମଗ୍ର ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ କଟକ ଜିଲ୍ଲା ଟାଙ୍ଗୀ ପୁଲିସ ଉକ୍ତ ସଂସ୍ଥାର ଟାଙ୍ଗୀ ମୁଖ୍ୟ ବୋଲାଉଥିବା ଟୁକୁ ନନା ଓରଫ ପ୍ରଦୀପ କୁମାର ଦାସ(୬୩)ଙ୍କୁ ଗିରଫ କରି ମଙ୍ଗଳବାର ଅଦାଲତ ଚାଲାଣ କରିଛି । ଅଭିଯୁକ୍ତ ଜଣକ ଟାଙ୍ଗୀ ଥାନା ଜରିପଡ଼ା ପଞ୍ଚାୟତ ଜଗନ୍ନାଥପୁର ବାସିନ୍ଦା । ଥାନା କେସ୍ ନଂ-୨୭୬, ଦଫା ୩୧୮(୪), ୩୧୯(୨), ୩(୫) ଭାରତୀୟ ନ୍ୟାୟ ସଂହିତା ଓ ଆଉବ୍ଲୁ ସେକ୍ସନ ୬୬(ସି) ଏବଂ (ଡ଼ି) ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଶ୍ରୀ ଦାସ ନିକଟରୁ କମ୍ପାନୀର ନିଯୁକ୍ତି ପତ୍ର ସହ ନଗଦ ୪୫ ହଜାର ୫୦୦ ଟଙ୍କା, ୬ଟି ଡେବିଟ କାର୍ଡ, ଗୋଟିଏ ପାନ କାର୍ଡ, ଗୋଟିଏ ମୋବାଇଲ ଫୋନ, ଆଧାର ଓ ଭୋଟର କାର୍ଡ ଜବତ କରାଯାଇଥିବା ଥାନା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକଙ୍କ ସୂଚନା ଅନୁଯାୟୀ ଅନଲାଇନ ଗେମର କଟକ ଜିଲ୍ଲା ମୁଖ୍ୟଭାବେ ପାର୍ଥସାରଥୀ ଦାସ, ଟାଙ୍ଗୀ ମୁଖ୍ୟ ପ୍ରଦୀପ ଦାସ ଓ ପ୍ରଫୁଲ୍ଲ କୁମାର ସ୍ୱାଇଁ ନାମକ ୩ ଜଣ ବ୍ୟକ୍ତି ଜରିପଡ଼ା ପଞ୍ଚାୟତ ଟିକରା ନିକଟରେ ଏକ ବିରାଟ ମିଟିଂ ଆୟୋଜନ ପୂର୍ବକ ସଂସ୍ଥାରେ ନିବେଶ କଲେ ଘରେ ବସି ପୁଳାପୁଳା ଟଙ୍କା ରୋଜଗାର ବିଷୟ ବୁଝାଇଥିଲେ । ଫଳରେ ଉକ୍ତ ପଞ୍ଚାୟତର ୨ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଅଧିକ ଲୋଭ ଆଶାରେ ଟଙ୍କା ନିବେଶ କରି ଠକାମୀର ଶିକାର ହୋଇଥିଲେ । ଏ ସଂକ୍ରାନ୍ତରେ କଣି ଗ୍ରାମର କୈଳାସ ବେହେରା ନାମକ ନିବେଶକାରୀ ଗତ ଅଗଷ୍ଟ ୨୩ ତାରିଖରେ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ମାମଲା ରଜୁପୂର୍ବକ ତଦନ୍ତ ଆରମ୍ଭ କରିଥିଲା । ଅନ୍ୟପକ୍ଷରେ ଏଭଳି ଠକେଇ ଜରିପଡ଼ା ସମେତ କନ୍ହେଇପୁର, ଭଟିମୁଣ୍ଡା, ଗୋବିନ୍ଦପୁର ଆଦି ଟାଙ୍ଗୀ ଥାନାର ବିଭିନ୍ନ ପଞ୍ଚାୟତରେ ଘଟିଥିବା ଆଇଆଇସି ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି ।



# ସମ୍ପାଦକୀୟ



ଭୁଲ୍ କରିବା ମଣିଷ ପ୍ରକୃତି; ଭୁଲ୍ ସ୍ୱୀକାର କରିବା ଉତ୍ତମ ସଂସ୍କୃତି; ଭୁଲ୍ ସୁଧାରିବା ହିଁ ହେଉଛି ପ୍ରଗତି।
-ଗୌରଗୋପାଳ ଦାସ

ସକାଳ THE SAKALA

## ଡ୍ରାଗନ୍‌କୁ ସାବଧାନ!

ସଦ୍ୟ ସମାପ୍ତ ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତ ଉପରେ ଆମେରିକାର ଅଯୌକ୍ତିକ ଅତିରିକ୍ତ ଶୁଳ୍କ ଲାଗୁ ନିଷ୍ପତ୍ତିକୁ ଚୀନ୍ ନିନ୍ଦା କରିଛି। ସାମ୍ପ୍ରତିକ ପରିସ୍ଥିତିରେ ହାତୀ(ଭାରତ)-ଡ୍ରାଗନ୍(ଚୀନ୍) ହାତ ମିଳାଇବା ଜରୁରୀ ଏବଂ ସର୍ବାଦୌ ସଠିକ୍ ନିଷ୍ପତ୍ତି ବୋଲି ମଧ୍ୟ ଚୀନ୍ ଘୋଷଣା କରିଛି। ଗୋଟିଏ ମଞ୍ଚରେ ଭାରତ, ଚୀନ୍, ରୁଷ୍ ଏକତ୍ର ହେବା ଏବଂ ଭାରତ ସପକ୍ଷରେ ଯାଇ ଆମେରିକାକୁ ଚୀନ୍ ନିନ୍ଦା କରିବା ଭାରତ ପାଇଁ ଯେତିକି ଆଶ୍ୱସ୍ତିକର ଆମେରିକା ପାଇଁ ସେତିକି ଅବାଞ୍ଛିତ। ତେଣୁ ଏବେ ପୁଣି ଆମେରିକା ଭାରତ ପ୍ରତି କୋହଳ ହେବ ବୋଲି ସାମାନ୍ୟ ସଙ୍କେତ ମିଳିଛି। ସାମ୍ପ୍ରତିକ ଅସ୍ଥିର-ବାଣିଜ୍ୟ ପୃଷ୍ଠଭୂମିରେ ଏସିଆର ଦୁଇ ମହାଶକ୍ତି ପୂର୍ବ ତିକ୍ତତା ଭୁଲ୍ ଏକାଠି ହେଲେ ବିଶ୍ୱ ଭୂରାଜନୈତିକ-କୂଟନୈତିକ-ଅର୍ଥନୈତିକ ସମୀକରଣ ବଳଦିଯିବ। କିନ୍ତୁ ସ୍ୱଭାବ, ଆଚରଣ ଓ ଉଦାହରଣ ଆଧାରରେ ଚୀନ୍‌ର କୋମଳ କଥା ଓ ସମବେଦନାରେ ଭାରତ ଏତେ ଶୀଘ୍ର ଭଳି ଯିବା ଉଚିତ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଯେଉଁ ମତ ଦେଇଛନ୍ତି ତାହାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ।

ସବୁବେଳେ ନ୍ୟସ୍ତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ଆମେରିକା ଏବେ ପାକିସ୍ତାନକୁ କୋଳେଇ ନେଇ ଭାରତ ଉପରେ ଶୁଳ୍କ ଦାଉ ସାଧୁଛି। ଏହାଦ୍ୱାରା ଭାରତର ରପ୍ତାନି ଶିଳ୍ପ ପ୍ରଭୂତ କ୍ଷତି ସହିବାକୁ ଯାଉଛି। ଏହି ପୃଷ୍ଠଭୂମିରେ ଭାରତର ଚୀନ୍ ସହିତ ବନ୍ଧୁତ୍ୱ ଓ ବାଣିଜ୍ୟ ସହଯୋଗ ଲୋଡ଼ିବାରେ କିଛି ଅସ୍ୱାଭାବିକତା ନାହିଁ। ଏଥିରେ ଉଭୟ ଦେଶର ଲାଭ ନିହିତ। କିନ୍ତୁ ପରିସ୍ଥିତିରୁ ଫାଇଦା ଉଠାଇବାରେ ଚୀନ୍ ଅଭ୍ୟସ୍ତ ଥିବାରୁ ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ଭାରତର ବଜାରକୁ କବ୍‌ଜା କରିବା ବଶମ୍ବଦ କରି ରଖିବା ବିଚିତ୍ର ନୁହେଁ। ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ ହେଉ କିମ୍ବା ପୁନରୁଦ୍ଧାର ପାଇଁ ବିଶ୍ୱାସ ହିଁ ମୂଳାଧାର। କିନ୍ତୁ ଡ୍ରାଗନ୍ ପାଖରେ ବିଶ୍ୱାସ ଶବ୍ଦର କୌଣସି ମୂଲ୍ୟ ନାହିଁ। ୧୯୫୦ ଦଶକରେ ଚୀନ୍‌କୁ ଭାରତ ବନ୍ଧୁତ୍ୱର ହାତ ବଢ଼ାଇଥିଲା, ଯାହାର ପ୍ରତ୍ୟୁତ୍ତର ୧୯୬୨ରେ ଚୀନ୍ ଯୁଦ୍ଧ ଜରିଆରେ ଦେଇଥିଲା। ୧୯୮୦ରେ ସମ୍ପର୍କର ପୁନଃସ୍ଥାପନ ପାଇଁ ଭାରତ ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ଚୀନ୍ ପ୍ରତ୍ୟାଖ୍ୟାନ କରିଥିଲା ଏବଂ ୨୦୧୩, ୨୦୧୪, ୨୦୧୭, ୨୦୨୦ରେ ସୀମାନ୍ତରେ ଡ୍ରାଗନ୍‌ର ସାମରିକ ଫୁତ୍କାର ଶୁଣିବାକୁ ମିଳିଥିଲା। ଆମେରିକା ନେତୃତ୍ୱାଧୀନ 'କ୍ୱାଡ୍'ରେ ଭାରତର ସଦସ୍ୟତାକୁ ଚୀନ୍ ଏତେଶୀଘ୍ର ଭୁଲିଯାଇ ନ ଥିବ। ଏହାଛଡ଼ା ଚୀନ୍‌ର ବିଆରଓ ପ୍ରକଳ୍ପକୁ ଭାରତ ବିରୋଧ କରି ଆସୁଥିବାରୁ ଏହି ମୌକାକୁ ଯେ ଚୀନ୍ ଅପେକ୍ଷା କରୁ ନ ଥିବ ତାହା କିଏ କହିବ?

ଚୀନ୍ ସହିତ ଭାରତର ବାଣିଜ୍ୟ ନିଅଣ୍ଟ(ରପ୍ତାନି ତୁଳନାରେ ଆମଦାନୀ ଅଧିକ) ୧୦, ୦୦୦ କୋଟି ଡଲାର। ତେଣୁ ଏହି ମୌକାରେ ଭାରତୀୟ ବଜାରକୁ କବ୍‌ଜା କରିବାର ସୁବର୍ଣ୍ଣ ସୁଯୋଗକୁ ଡ୍ରାଗନ୍ ସ୍ୱପ୍ନ ଦେଖୁଥାଇପାରେ। ଏସ୍‌ସିଓ ବୈଠକର ବାର୍ତ୍ତା ଉପରକୁ ସକାରାତ୍ମକ ଜଣାପଡୁଥିଲେ ହେଁ ଅବିଶ୍ୱାସୀ ପଡ଼ୋଶୀ ଡ୍ରାଗନ୍‌କୁ ସହଜରେ ବିଶ୍ୱାସ କରି ବଜାର ଖୋଲିଦେବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏହା ବିଜ୍ଞ ଭାରତୀୟ କୂଟନୀତିଜ୍ଞ ଓ ନୀତି ନିର୍ଦ୍ଧାରକଙ୍କୁ କହିବା ଆବଶ୍ୟକ ନୁହେଁ। ●

## ଶିକ୍ଷକଙ୍କ ଯୋଗ୍ୟତା

ଶିକ୍ଷାଦାନର ଗୁଣବତ୍ତା ବିନା ଶିକ୍ଷାର ମୂଳ ଓ ମହତ୍ ଲକ୍ଷ୍ୟ ସାଧିତ ହେବ ନାହିଁ କି ଶିକ୍ଷା ଆହରଣ ସଫଳ ହେବ ନାହିଁ। ପୁଣି ଯଦି ଶିକ୍ଷକର ଆବଶ୍ୟକ ଦକ୍ଷତା କିମ୍ବା ଯୋଗ୍ୟତା ନଥିବ ସେ ଶିକ୍ଷାର୍ଥୀର ମୂଲ୍ୟାୟନ କରିବ କିପରି? ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ହୃଦୟଙ୍ଗମ କରି ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ) ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅଧୀନରେ ୨୦୧୧ ମସିହାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ପାଇଁ 'ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)' ବାଧ୍ୟତାମୂଳକ କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏକାଧିକ ପ୍ରଚେଷ୍ଟା ସତ୍ତ୍ୱେ ଅନେକ ଶିକ୍ଷକ ଟିଇଟିରେ ଉତ୍ତୀର୍ଣ୍ଣ ହୋଇପାରୁନାହାନ୍ତି, ଅଥଚ ସମାନ ବେତନ ଦାବି କରି ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଉଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ଶିକ୍ଷକର ଗରିମା ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ଯୁଗାନ୍ତକାରୀ ରାୟରେ କହିଛନ୍ତି ଯେ ଟିଇଟିରେ ଉତ୍ତୀର୍ଣ୍ଣ ନ ହେଲେ ଶିକ୍ଷକମାନଙ୍କୁ ପଦୋନ୍ନତି ମିଳିବ ନାହିଁ। ଟିଇଟି ବିନା ନବନିଯୁକ୍ତି ମଧ୍ୟ ହୋଇପାରିବ ନାହିଁ। ଏପରିକି ୨୦୦୯ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ଟିଇଟିରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ରାୟ ଅନୁଯାୟୀ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ଚାକିରି କାର୍ଯ୍ୟକାଳ ପାଞ୍ଚବର୍ଷରୁ ଅଧିକ ଅଛି ସେମାନେ ଯଦି ଦୁଇବର୍ଷ ଭିତରେ ଟିଇଟିରେ କୃତକାର୍ଯ୍ୟ ହୋଇପାରିବେ ନାହିଁ ତେବେ ସେମାନଙ୍କୁ ପଦୋନ୍ନତି ଦୂରେ ଥାଉ ବାଧ୍ୟତାମୂଳକ ଅବସର ଦିଆଯିବ। ଯେଉଁମାନଙ୍କର ଚାକିରି କାର୍ଯ୍ୟକାଳ ପାଞ୍ଚ ବର୍ଷରୁ କମ୍ ରହିଛି ସେମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ମଧ୍ୟ ଚାକିରି ହରାଇବେ ନାହିଁ, କିନ୍ତୁ ପଦୋନ୍ନତି ମଧ୍ୟ ପାଇବେ ନାହିଁ। ଶିକ୍ଷାଦାନ ଓ ଶିକ୍ଷା ଆହରଣକୁ ଗୁଣାତ୍ମକ କରିବା ପାଇଁ ଏହା ଏକ ସମୟୋପଯୋଗୀ ଅପରିହାର୍ଯ୍ୟ ମାନଦଣ୍ଡ ଏବଂ ସ୍ୱାଗତଯୋଗ୍ୟ ରାୟ।

ଅପରପକ୍ଷରେ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ଦୁଇବର୍ଷ ମଧ୍ୟରେ ଅକୃତକାର୍ଯ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଯଦି ବାଧ୍ୟତାମୂଳକ ଅବସର ଦିଆଯାଏ ତେବେ ଗଣଶିକ୍ଷାରେ ଏକପ୍ରକାର ଶିକ୍ଷକ ମରୁଡ଼ି ସୃଷ୍ଟି ହୋଇ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବାର ଆଶଙ୍କା ଅଧିକ। ଏହା ମହଙ୍ଗାରୁ ଯାଇ ମରୁଭୂମିରେ ପଡ଼ିବା ଭଳି ହେବ। କେବଳ ଆମ ରାଜ୍ୟ ବିଷୟ ଦେଖାଯାଉ। ଓଡ଼ିଶାରେ ୭୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ଏ ପର୍ଯ୍ୟନ୍ତ ଏକାଧିକବାର ପ୍ରଚେଷ୍ଟା ସତ୍ତ୍ୱେ ଓଟିଇଟିରେ କୃତକାର୍ଯ୍ୟ ହୋଇପାରୁନାହାନ୍ତି। ତେଣୁ ଆଗାମୀ ଦୁଇବର୍ଷ ମଧ୍ୟରେ ସେମାନେ ଏଥିରେ ଉତ୍ତୀର୍ଣ୍ଣ ନ ହେଲେ ୭୫ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ପଦବୀ ଖାଲି ପଡ଼ିବ ଏବଂ ଶିକ୍ଷାଦାନ, ପରୀକ୍ଷା ଓ ମୂଲ୍ୟାଙ୍କନ ବ୍ୟବସ୍ଥାରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବ। ତେଣୁ ଏହି ସମ୍ବେଦନଶୀଳ ଦିଗଟି ପ୍ରତି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରି ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିକଳ୍ପ ଓ ବିହିତ ବ୍ୟବସ୍ଥା କରିବାକୁ ଶିକ୍ଷକ/ଶିକ୍ଷୟିତ୍ରୀ ସଂଘ ଓ ରାଜ୍ୟ ସରକାରମାନେ ପୁନଃବିଚାର ପାଇଁ ଆବେଦନ କରିବା ଉଚିତ ହେବ। ●

## ଯୋଜନ ଯୋଜନ ଦୂରରେ ଯୋଜନା

ଡ. ସ୍ୱାଧୀନ କୁମାର ଦାଶ

ରାଜ୍ୟ ଓ ଦେଶର ନିର୍ବାଚନ ସରିବାର ବର୍ଷେ ଅତିକ୍ରମ କରିଛି। ଇତିମଧ୍ୟରେ କେନ୍ଦ୍ର ଓ ରାଜ୍ୟରେ ଦୁଇଦୁଇଟି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହୋଇସାରିଛି। ଆମେ ଏଠାରେ ବଜେଟ୍ ବିଷୟରେ ନୁହେଁ, ବଜେଟ୍‌ରେ ବ୍ୟୟ ବରାଦ କରାଯାଇଥିବା ଯୋଜନା ସମୂହର ବାସ୍ତବିକ ଚିତ୍ର ଓ କାର୍ଯ୍ୟକାରିତା ଉପରେ ଆଲୋଚନାକୁ ସୀମିତ ରଖିବା। ମୁଖ୍ୟତଃ ଜନହିତକର, ନୂତନ ପ୍ରକଳ୍ପ, ବିଭିନ୍ନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ସରକାରଙ୍କର ପ୍ରତିଶ୍ରୁତିପୂର୍ଣ୍ଣ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବଜେଟ୍‌ରେ ଅର୍ଥ ବ୍ୟୟବରାଦ କରାଯାଇଥାଏ। ବଜେଟ୍ ଘୋଷଣା ପରେ ସାଧାରଣତଃ ଧନିକ, ବଣିକ, ବେତନଭୋଗୀ କର୍ମଚାରୀ ଓ ମଧ୍ୟବିତ୍ତମାନଙ୍କ ସ୍ତରରେ ଆଲୋଚନାର ଆସର ଜନ୍ମ ନିଏ। କିନ୍ତୁ ଗରିବ, ଖଟିଖିଆ ଓ ନିମ୍ନବିତ୍ତ ବର୍ଗର ଜନତାଙ୍କ ପାଇଁ ଅର୍ଥନୀତି, ମୁଦ୍ରାସ୍ଫୀତି, ରାଜସ୍ୱ, ଅର୍ଥ ଆୟୋଗ, ରାଜ୍ୟ ଯୋଜନା ବୋର୍ଡ ଆଦି ବିଷୟ ସେମାନଙ୍କର ବୋଧ ପରିଧିର ବାହାରେ। ସେମାନେ କେବଳ ଏତିକି ବୁଝନ୍ତି ଯେ ସରକାର ଏସନ କ'ଣ କ'ଣ ସୁବିଧା ସୁଯୋଗ ବା ରିହାତି ଦେଲେ, ଯଦ୍ୱାରା ଏ ଅଭାବୀ ବର୍ଗର ତେଲଲୁଣ ସଂସାରରେ କିଛି ମାତ୍ରାରେ ଆଶ୍ୱସ୍ତି ଆଣିପାରିବ।

ଏକ ସଶକ୍ତ ସମାଜ ନିର୍ମାଣ ଲାଗି ପ୍ରଥମ ଉନ୍ନତିର ସୋପାନ ହେଉଛି ସୁଦୃଢ଼ ଭିତ୍ତିଭୂମି ନିର୍ମାଣ, ଦକ୍ଷତାର ବିକାଶ ଓ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳତା କରିବାର ଯୋଜନା। ଏହି ତିନିଟି ଯୋଜନାର ସଫଳ ରୂପାୟନ ହୋଇପାରିଲେ ପ୍ରଗତି ସମ୍ଭବ। ଆମ ଦେଶର ଅର୍ଥନୀତି ବିଶ୍ୱରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଖବର କିଛିଦିନ ତଳେ ଗଣମାଧ୍ୟମର ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ସୋପାନ ଅତିକ୍ରମ କରିବାର ମାନସାଙ୍କ କେଉଁ କେଉଁ ମାନଦଣ୍ଡକୁ ନେଇ କରାଯାଇଛି ତାହା ସ୍ପଷ୍ଟ ନଥିବାରୁ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆମ ଦେଶରେ ଅନେକ ରାଜ୍ୟର ଅଧିବାସୀମାନଙ୍କର ମୁଣ୍ଡପିଛା ଆୟ ବର୍ତ୍ତମାନ ଯୁଗର ଚଳଣି ମୂଲ୍ୟ ତୁଳନାରେ ବହୁତ କମ୍। ଦରଦାମ୍ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରି ପରିସ୍ଥିତିରେ ବିଶ୍ୱ ଅର୍ଥନୀତିରେ ଭାରତ ତୃତୀୟ ସ୍ଥାନ ଅଳଙ୍କୃତ କରିଥିବା ସରକାରୀ ଘୋଷଣା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦିଓ ରାଷ୍ଟ୍ର ଓ ରାଜ୍ୟର ବଜେଟ୍‌ର କାୟା ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି, ପରିତାପର ବିଷୟ ନିମ୍ନ ଓ ନିମ୍ନ-ମଧ୍ୟବିତ୍ତ ବର୍ଗଙ୍କର ଆର୍ଥିକ ସ୍ଥିତି ଯଥା ପୂର୍ବଂ ତଥା ପରଂ ଭଳି ରହିଛି।

ଏଠାରେ ଗୋଟିଏ ପ୍ରଶ୍ନ ଆମ ମନକୁ ଆନ୍ଦୋଳିତ କରେ ଯେ ଏହି ମାଳ ମାଳ ଯୋଜନାର ଗୋଲାପୀ ଚିତ୍ର, ଯାହା ସରକାର ବିଜ୍ଞାପିତ କରୁଛନ୍ତି, ତାହା କ'ଣ ବାସ୍ତବରେ କାର୍ଯ୍ୟକାରୀ ହୋଇ ଜନହିତରେ ଆସୁଛି? ଗରିବ, ଖଟିଖିଆ, ଦୁଃସ୍ଥ, ଶ୍ରମିକ, ମହିଳା, ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଖୁସି କରିବା ଭଳି ଯୋଜନା ଖାଲି ଯୋଜନାରେ ରହି ଯାଉନି ତ! ନା ଏହା କେବଳ ନିର୍ବାଚନୀ ଥୋପ? କେବଳ ଯୋଜନା ଘୋଷଣା କରିଦେଲେ ତାହାର ରୂପାୟନ ଆପେ ଆପେ ହୋଇଯାଏ ନାହିଁ। ହିତାଧିକାରୀମାନଙ୍କ ପାଖରେ ନ ପହଞ୍ଚିବା ପର୍ଯ୍ୟନ୍ତ ଯୋଜନାର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। ସରକାରଙ୍କର ଯୋଜନାଗୁଡ଼ିକର ସଫଳ ରୂପାୟନରେ ଆନ୍ତରିକତା, ପ୍ରତିଶ୍ରୁତିବଦ୍ଧତା ଓ କାର୍ଯ୍ୟକାରିତା ଉପରେ ବାରମ୍ବାର ସମୀକ୍ଷା କରାଗଲେ ଅର୍ଥନୀତିର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ। ଏହା ମଧ୍ୟ ସରକାରଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପରାୟଣତାର ମୂଲ୍ୟାୟନ କରେ।

ଆମ ରାଜ୍ୟର ୨୦୨୫-୨୬ ଆର୍ଥିକ ବର୍ଷର ଖର୍ଚ୍ଚ (ଋଣ ପରିଶୋଧକୁ ବାଦ୍‌ଦେଲେ) ୨, ୬୬, ୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯାହା ୨୦୨୪-୨୫ ଆର୍ଥିକ ବର୍ଷ ସଂଶୋଧିତ ଆକଳନ ଠାରୁ ଶତକଡ଼ା ୯ ପ୍ରତିଶତ ଅଧିକ। ଏହାସହିତ ରାଜ୍ୟ ୨୩, ୨୦୦ କୋଟି ଟଙ୍କାର ଋଣ ପରିଶୋଧ ମଧ୍ୟ କରିବ। ଅନ୍ୟ ଏକ ପରିସଂଖ୍ୟାନରୁ ଜଣାପଡ଼େ ସାରା ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା ଆଧାରରେ ଆମ ରାଜ୍ୟ ୧୮ତମ ସ୍ଥାନରେ ରହିଛି। ଏହାର ଅର୍ଥ ରାଜ୍ୟରେ ପ୍ରଚୁର ଖଣିଜ ସମ୍ପଦ, ପର୍ଯ୍ୟାପ୍ତ ଜଙ୍ଗଲ ଓ ବିସ୍ତୀର୍ଣ୍ଣ ବେଳାଭୂମି ଥିବା ସତ୍ତ୍ୱେ ତା'ର ସୁବିନିଯୋଗ କରିବାରେ ଆଜିବି ଆମେ କେଉଁଠି ନା କେଉଁଠି ଅସମର୍ଥ। ଆମ ରାଜ୍ୟ ଯେ ଏକଦା ପ୍ରାଚୁର୍ଯ୍ୟଭରା, ଅଗ୍ରଣୀ ଓ ବିତ୍ତଶାଳୀ ଥିଲା ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କିନ୍ତୁ ଦୁଃଖର କଥା ଏତେସବୁ ସମ୍ପଦ ଥାଇ ସୁଦ୍ଧା ଆମେ ଆଜି ରାଜ୍ୟକୁ ଋଣର ପାହାଡ଼ ଉପରେ ଠିଆ କରାଯାଇଛି।



ଉଲ୍ଲେଖଯୋଗ୍ୟ ରାଜ୍ୟ ବଜେଟରେ ଦୀର୍ଘମିଆଦୀ ଯୋଜନାକୁ ଅଣଦେଖା କରି ସ୍ୱଳ୍ପମିଆଦୀ ଯୋଜନାକୁ ପ୍ରମୁଖତା ପ୍ରଦାନ କରି ଅନେକ ବେପାରୁଆ ବ୍ୟୟର ଦିଗ ହିଁ ରାଜ୍ୟର ଅର୍ଥନୀତି ଶକ୍ତିବୃଦ୍ଧି ନ କରିପାରିବାର ପ୍ରମୁଖ କାରଣ। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିଶିଷ୍ଟ ଅର୍ଥନୀତିଜ୍ଞ କ୍ଲାଉଡ୍ ସାହଜାଙ୍କ ମତରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ରୋଜଗାର ବୃଦ୍ଧିରେ ଆନ୍ତରିକତା ପ୍ରଦର୍ଶନ ପୂର୍ବକ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥାର ଯୋଜନାମାନ କଲେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ମଜବୁତ୍ ହୋଇପାରିବ, ଯାହା ରାଜ୍ୟ ଓ ରାଷ୍ଟ୍ରର ଆର୍ଥିକ ପ୍ରଗତିରେ ସହାୟ ହେବ। ଯୁବଗୋଷ୍ଠୀଙ୍କ ପରାମର୍ଶ ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ତାଙ୍କ ମତରେ ଯୁବଗୋଷ୍ଠୀଙ୍କୁ ଜ୍ଞାନକୌଶଳ ସମ୍ପନ୍ନ କରିବାର ଯୋଜନା ପ୍ରସ୍ତୁତି କରି ଏହାର ସଫଳ ରୂପାୟନ କରିପାରିଲେ ଏବଂ ଔଦ୍ୟୋଗିକ ପ୍ରଗତି ସହିତ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନେକାଂଶରେ ମଜବୁତ୍ କରାଯାଇପାରିବ।

ବିଡ଼ମ୍ବନା ଏହା ଯେ ଗରିବ ଓ ମଧ୍ୟବିତ୍ତଙ୍କ ଲାଗି ଉଦ୍ଦିଷ୍ଟ ଯୋଜନା ସମୂହର ତାଲିକା ପ୍ରତିବର୍ଷ ଲମ୍ବୁଥିଲେ ବି ସେମାନଙ୍କ ଆର୍ଥିକ ସ୍ଥିତିରେ ସେତେଟା ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ। ପୂର୍ବରୁ ବିରୋଧୀ ଦଳ ଆସନରେ ବସୁଥିବା ଦଳ ସରକାରକୁ ଆସିବା ପରେ ରାଜ୍ୟର ସମସ୍ୟା ସମୂହକୁ ଉପସ୍ଥାପନ କରିବାର ସ୍ୱର ନରମି ଯାଇଛି। ଚାଷୀର ସମସ୍ୟା, ଅଭାବ, ଅସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ଯୋଜନା ବିଷୟରେ ସରକାର ସେତେଟା ଯତ୍ନବାନ ଥିବା ପରିଲକ୍ଷିତ ହେଉନି। ଭତ୍ତା ହେଉ କି ରାସନ୍ ବଣ୍ଟନ କି ପକ୍କାଘର ପ୍ରଦାନ ପରି ଯୋଜନାମାନଙ୍କର ହିତାଧିକାରୀ ସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ଏହାପଛରେ ମଧ୍ୟ ଦୁର୍ନୀତି ରହୁଥିବା ଅଭିଯୋଗ ଆସୁଛି। ଉଦାହରଣ ସ୍ୱରୂପ କଚ୍ଚା ଘର ଓ ଟାଇଲଛପର ଘରେ ରହୁଥିବା ଜନସାଧାରଣଙ୍କୁ ପକ୍କାଘର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇ ପ୍ରତିବର୍ଷ ପକ୍କାଘରର କାର୍ଯ୍ୟାଦେଶ ଏବଂ ଅର୍ଥ ପ୍ରଦାନ କରାଯାଉଛି। କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ପକ୍କାଘର କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ଅର୍ଥକୁ ଚଳୁ କରି ଘର କରୁ ନ ଥିବାରୁ ଦିନକୁ ଦିନ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥର ମଧ୍ୟ ସରକାର ୭୫୫୦ କୋଟି ଟଙ୍କା ଅନ୍ତ୍ୟୋଦୟ ଗୃହଯୋଜନା ଲାଗି ବଜେଟ୍‌ରେ ବରାଦ କରିଛନ୍ତି। ଏ ସମସ୍ୟା ସୁଧାରିବାକୁ ହେଲେ ସରକାରୀ ଅଧିକାରୀଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣର ଆବଶ୍ୟକତା ରହିଛି।

ରାଜ୍ୟରେ ପ୍ରଗତି, ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ନିଜେ ନିଜର ପିଠି ଥାପୁଡ଼ାଉଥିବା ସରକାର ଯଦି ବିତ୍ତୀୟ ପରିଚାଳନାକୁ ଦକ୍ଷତାର ସହ ନ ତୁଲାନ୍ତି ତେବେ ଆଗାମୀ ଦିନରେ ଋଣର ଭାର ଆହୁରି ବଢ଼ି ରାଜ୍ୟର ଅର୍ଥନୀତିକୁ ଦୁଃସ୍ଥ କରିପକାଇବ। ମାଗଣା ସରକାରୀ ଯୋଜନା ସମୂହରୁ ଲୋକମାନଙ୍କୁ ବି ଧୀରେ ଧୀରେ ଦୂରେଇ ଆତ୍ମନିର୍ଭରଶୀଳତାର ପନ୍ଥା ଯୋଗାଇ ଦେଲେ ଆମ ରାଜ୍ୟ ସ୍ୱାବଲମ୍ବୀ ହେବା ସହ ପ୍ରକୃତ ଉନ୍ନତି ସମ୍ଭବ ହୋଇପାରିବ। ଏଥିପାଇଁ ସରକାରୀ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ଯୋଜନାର ସଠିକ୍ କାର୍ଯ୍ୟକାରିତାକୁ ପରଖିବାକୁ ପଡ଼ିବ। ନ ହେଲେ ବିକାଶ ନାମରେ 'ଧର୍ମକୁ ଆଖିଠାର' ପୂର୍ବକ ସରକାରୀ ତହବିଲର ଅର୍ଥ ବାଟମାରଣା ହୋଇଚାଲିଥିବ ଏବଂ ରାଜ୍ୟ ଓ ରାଷ୍ଟ୍ରର ଅର୍ଥନୀତିକୁ ଦୁଃସ୍ଥ କରିଚାଲିଥିବ। ଗରିବ ଲୋକଙ୍କ ପାଇଁ ସରକାରୀ ଯୋଜନା ଯୋଜନ ଯୋଜନ ଦୂରରେ ରହିଯିବ। ●

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

## ରାସ୍ତାରେ ବିତୁଛି ସମୟ

ପ୍ରଣତି ଆଚାର୍ଯ୍ୟ ମିଶ୍ର

କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇଥିଲା। ବର୍ଷା, ମହୋତ୍ସବ, ରାସ୍ତା ନିର୍ମାଣ ହେଲେ ଏହିଭଳି ସମସ୍ୟା ଆହୁରି ବଢ଼ିଯାଉଛି। ସମ୍ପ୍ରତି ବେଙ୍ଗାଲୁରୁରେ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ସେଠାକାର ଟ୍ରାଫିକ୍ ପୁଲିସ ପ୍ରତି ବୁଧବାର ଘରୁ କାମ କରିବାକୁ ପରାମର୍ଶ ଦେଇଛନ୍ତି। ଆଜି ଏହି ସମସ୍ୟା କେବଳ ଭୁବନେଶ୍ୱର କିମ୍ବା ବେଙ୍ଗାଲୁରୁ ସହରର ନୁହେଁ। ସମଗ୍ର ଦେଶର ସାମାଜିକ ସ୍ଥିତି, ଅର୍ଥନୀତି ଓ ପରିବେଶ ପାଇଁ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ଦୀର୍ଘ ସମୟ ଧରି ଟ୍ରାଫିକରେ ଫସି ରହିବା ଲୋକଙ୍କ ମଧ୍ୟରେ ଚାପ, ଚିଡ଼ଚିଡ଼ା ଓ ମାନସିକ ଥକ୍କା ପଣ ବୃଦ୍ଧି କରୁଛି। ଜରୁରିକାଳୀନ ଚିକିତ୍ସା ସେବା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଭଳି ସେବା ବାଧାପ୍ରାପ୍ତ ହେଉଛି।

ସାଧାରଣତଃ ଭାରତର ସମସ୍ତ ଛୋଟବଡ଼ ସହରରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଛି। ସଡ଼କ ଭିତ୍ତିଭୂମି, ଅସଂଗଠିତ ପରିବହନ ବ୍ୟବସ୍ଥା, ଜନସଂଖ୍ୟା ଘନତା, ଟ୍ରାଫିକ୍ ପରିଚାଳନାରେ ଅପାରଗତା, ଉପଭୋକ୍ତାବାଦୀ ସଂସ୍କୃତି ଏଥିପାଇଁ ଦାୟୀ। ଏକ ଇଂରାଜୀ ଖବରକାଗଜର ରିପୋର୍ଟ ଅନୁଯାୟୀ ଚଳିତ ବର୍ଷର ପ୍ରଥମ ଛଅ ମାସରେ ବେଙ୍ଗାଲୁରୁ ସହରରେ ତିନି ଲକ୍ଷରୁ ଅଧିକ ନୂତନ ବ୍ୟକ୍ତିଗତ ଯାନ ପଞ୍ଜିକୃତ ହୋଇଛି। ଆଗରୁ ଏଠାରେ ୧.୨୩ କୋଟିରୁ ଅଧିକ ଯାନ ପଞ୍ଜିକୃତ ହୋଇସାରିଛି।



ବିଶ୍ୱସ୍ତରରେ ପ୍ରକାଶିତ ଟ୍ରାଫିକ୍ ସୂଚକାଙ୍କ ଅନୁଯାୟୀ ଟ୍ରାଫିକ୍ ଭିଡ଼ ତାଲିକାରେ କଲମ୍ବିଆର ଭାରାନକ୍ୱିଲା ସହର ପ୍ରଥମ ସ୍ଥାନରେ ଥିବା ବେଳେ ଭାରତର କୋଲକାତା ଦ୍ୱିତୀୟ, ବେଙ୍ଗାଲୁରୁ ଓ ପୁଣେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି। ଏମ୍‌ଷ୍ଟାର୍ଡମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ଅଧ୍ୟୟନ ଦର୍ଶାଇଛି ୨୦୨୩ ମସିହାରେ ବେଙ୍ଗାଲୁରୁ ଓ ପୁଣେ ବିଶ୍ୱର ୧୦ ଟି ସବୁଠାରୁ ଅଧିକ ଟ୍ରାଫିକ ପ୍ରଭାବିତ ସହର ମଧ୍ୟରେ ଯଥାକ୍ରମେ ଷଷ୍ଠ ଏବଂ ସପ୍ତମ ସ୍ଥାନରେ ଥିଲେ। କୋଲକାତା ଓ ବେଙ୍ଗାଲୁରୁରେ ୧୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ହାରାହାରି ୩୩ ମିନିଟ ସମୟ ଲାଗେ। କୋଲକାତାରେ ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକଙ୍କୁ ବର୍ଷକୁ ୧୧୦ ଘଣ୍ଟା ଏବଂ ବେଙ୍ଗାଲୁରୁର ଲୋକଙ୍କୁ ୧୧୭ ଘଣ୍ଟା ନଷ୍ଟ କରିବାକୁ ପଡୁଛି। ସେହିପରି ଭାରତର ସମସ୍ତ ସହରର ଲୋକଙ୍କ ଅଧିକ ସମୟ ରାସ୍ତାରେ ନଷ୍ଟ ହେଉଛି।

୨୦୨୪ ରେ ଓଡ଼ିଶାର ବାହନ ପଞ୍ଜୀକରଣ ସଂଖ୍ୟା ଥିଲା ୧, ୧୭, ୬୨, ୭୯୦। ୨୦୨୩ ରେ କେବଳ ବ୍ୟବସାୟିକ ବାହନ ବିକ୍ରି ୯୪୯୨ ଥିବା ବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୨୨୩୦୨ ହୋଇଛି। ପ୍ରତି ବର୍ଷ ବାହନ ପଞ୍ଜୀକରଣ ୭% ହାରରେ ବୃଦ୍ଧି ପାଉଛି। ଦେଶରେ ସାଧାରଣ ପରିବହନର ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ଘରୋଇ ଯାନବାହନ ସଂଖ୍ୟା ବୃଦ୍ଧି ପାଉଛି। ରୋଡ୍ ଟ୍ରାନ୍ସପୋର୍ଟ ଇୟରବୁକ୍ ୨୦୧୯-୨୦ ଅନୁଯାୟୀ ୨୦୦୧ ମସିହାରେ ପ୍ରତି ୧୦୦୦ ଲୋକଙ୍କ ପାଇଁ ପଞ୍ଜିକୃତ ମୋଟର ଯାନ ସଂଖ୍ୟା ୫୩ ଥିଲା। ୨୦୨୦ ମସିହାରେ ଏହା ୨୪୬କୁ ବୃଦ୍ଧି ପାଇଛି। ଦେଶର ରାସ୍ତାରେ ମୋଟ ଯାନର ୮୫ ପ୍ରତିଶତ କାର ଓ ଦୁଇଚକିଆ ରହିଛି। ତଥାପି ଭାରତୀୟ ସହରଗୁଡ଼ିକରେ ପରିବହନ ଚାହିଦା ଓ ଯୋଗାଣ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଅଛି। ଦେଶରେ ଏପରି ଅନେକ ସହର ଅଛି ଯେଉଁଠାରେ ସାଧାରଣ ପରିବହନ ବ୍ୟବସ୍ଥା ଅପର୍ଯ୍ୟାପ୍ତ ଥିବାରୁ ଅଟୋରିକ୍ସା, ଟ୍ୟାକ୍ସି, କାର ଓ ଦୁଇଚକିଆ ଯାନ ଦ୍ୱାରା ରାସ୍ତାରେ ଭିଡ଼ ସମସ୍ୟା ସୃଷ୍ଟି ହେଉଛି। ଦେଶରେ ୪୫୮ ସହରରୁ କେବଳ ୬୩ ସହରରେ ସାର୍ବଜନୀନ ସିଟି ବସ୍ ବ୍ୟବସ୍ଥା ଅଛି। ମେଟ୍ରୋ ଓ ଉପନଗରୀୟ ରେଳ ସେବା ଯଥାକ୍ରମେ ୧୩ ଓ ୯ ସହରରେ ଉପଲବ୍ଧ। ଦେଶରେ ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ ଶକ୍ତି ଘରୋଇ ଯାନ କ୍ରୟକୁ ପ୍ରୋତ୍ସାହିତ କରୁଛି।

ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ୨୦୩୦ ସୁଦ୍ଧା ଭାରତର ମୋଟ ଜନସଂଖ୍ୟା ୧୫୦ କୋଟିରୁ ଅଧିକ ହେବାର ସମ୍ଭାବନା ଅଛି। ୨୦୪୭ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୫୧ ପ୍ରତିଶତ ସହରରେ ବାସ କରିବେ। ବର୍ଦ୍ଧିତ ସହରାଞ୍ଚଳ ଜନସଂଖ୍ୟା ସ୍ପଷ୍ଟ କରୁଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତରେ ଟ୍ରାଫିକ ସମସ୍ୟାର ପରିଚାଳନା ଏକ ଆହ୍ୱାନ ହେବ। ସହରଗୁଡ଼ିକରେ ବର୍ଦ୍ଧିତ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଲୋକଙ୍କ ଯାତାୟାତ ପାଇଁ ସ୍ଥାୟୀ ସମାଧାନ ଖୋଜିବା ଆବଶ୍ୟକ। ସାର୍ବଜନୀନ ପରିବହନ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ। ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସ୍ମାର୍ଟ ସହରାଞ୍ଚଳ ଯୋଜନା ରଣନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି।

ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଭିଡ଼ ଟିକସ ଏବଂ ବ୍ୟକ୍ତିଗତ ଯାନବାହନ କ୍ରୟ ପାଇଁ ଏକ କଠୋର ପରମିଟ୍ ବ୍ୟବସ୍ଥା ଲାଗୁ କରାଯିବା ଉଚିତ। ସାଇକେଲ ଓ ଚାଲିବା ଅଭ୍ୟାସକୁ ମଧ୍ୟ ପ୍ରୋତ୍ସାହିତ କରିବାକୁ ପଡ଼ିବ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ସାତ ଲହଡ଼ି ମଠ

ସ୍ୱପ୍ନେଶ୍ୱର

### ଲୋକକଥାରେ ଲୋକଦେବତା

ହିନ୍ଦୁ ଧର୍ମ ସଂସ୍କୃତିର ସମସ୍ତ ଶାସ୍ତ୍ର ପୁରାଣ ସଂସ୍କୃତ ଭାଷାରେ ଲେଖା ଯାଇଥିଲା। ସଂସ୍କୃତ ଭାଷା ଶିକ୍ଷା ପ୍ରାୟ ବ୍ରାହ୍ମଣମାନଙ୍କର ଏକଚାଟିଆ ଅଧିକାର ଥିଲା। ଶୁଦ୍ରମୁନି ଶାରଳା ଦାସ ଓଡ଼ିଆ ମହାଭାରତ, ବଳରାମ ଦାସ ଓଡ଼ିଆ ଭାଷାରେ ରାମାୟଣ ଓ ଅଚ୍ୟୁତାନନ୍ଦ ହରିବଂଶ ଲେଖି ଲୋକପ୍ରିୟତା ହାସଲ କଲେ। ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସେ ସମୟରେ ଓଡ଼ିଶାରେ ଘରେ ଘରେ ପାଠ କରାଗଲା। ତେଣୁ ବ୍ରାହ୍ମଣମାନେ ସାମଗ୍ରିକ ଭାବେ ଏ ସବୁକୁ ସେମାନଙ୍କ କୌଳିକ ବୃତ୍ତିରେ ଅନୁପ୍ରବେଶ ବୋଲି ଧରି ନେଇଥିଲେ ଏବଂ ପଞ୍ଚସଖାଙ୍କୁ ପାନେ ଦେବା ପାଇଁ ସୁଯୋଗ ଅପେକ୍ଷାରେ ରହୁଥିଲେ।

ଜଗନ୍ନାଥ ଦାସଙ୍କ ଭାଗବତ ବ୍ୟାଖ୍ୟାରେ ମୁଗ୍ଧ ହୋଇ ଗଜପତି ପ୍ରତାପ ରୁଦ୍ରଙ୍କ ପାଟରାଣୀ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ଗୁରୁ ମଣିଥିଲେ ଏବଂ ରାଣୀ ମହଲକୁ ଗୁରୁଙ୍କ ରହିବା ପାଇଁ ଦାନ କରିଦେଲେ। ଏ ସବୁ ଦେଖି ଅନ୍ୟମାନେ ଈର୍ଷାରେ ଜଳି ଯାଉଥିଲେ। ରାଣୀ ମହଲରେ ଜଗନ୍ନାଥ ଦୁଇଜଣ ଯୁବତୀଙ୍କୁ ଧରି ରାସଲୀଳା କରୁଥିବା ମନଗଢ଼ା କାହାଣୀ ସୃଷ୍ଟି କରି ସେମାନେ ରାଜାଙ୍କ ଆଗରେ ଫେରାଦ ହେଲେ। କିନ୍ତୁ ତଦନ୍ତ ପରେ ଏ କାହାଣୀ ମିଛ ସାବ୍ୟସ୍ତ ହେଲା। ଏଥର ସେମାନେ ଜଗନ୍ନାଥ ଦାସଙ୍କ ବିରୋଧରେ ନୂଆ ଫନ୍ଦି କରି ଗଜପତିଙ୍କୁ ଏକାନ୍ତରେ ଅଭିଯୋଗ କଲେ, 'ମଣିମା! ଜଗନ୍ନାଥ ଦାସ ଓ ରାଣୀ ମାଆଙ୍କର ସମ୍ପର୍କ ଗୁରୁ-ଶିଷ୍ୟାର ସମ୍ପର୍କଠାରୁ ଅଲଗା। ଏହି ଅଭିଯୋଗ ଆଧାରରେ ରାଜା ଦାସଙ୍କୁ ବନ୍ଦୀ କରି କାରାଗାରରେ ରଖିଲେ ଏବଂ କୈଫିୟତ ତଲବ କଲେ। ଜଗନ୍ନାଥ ଦାସ କହିଲେ, 'ମଣିମା! ମୁଁ ପୁରୁଷ ଲୋକଙ୍କ ସହ ପୁରୁଷ ଏବଂ ନାରୀମାନଙ୍କ ସହ ନାରୀ ରୂପେ ବ୍ୟବହାର କରେ।' ତହୁଁ ଗଜପତି ପ୍ରମାଣ ସ୍ୱରୂପ ତାଙ୍କର ନାରୀ ରୂପ ଦେଖିବାକୁ ଚାହିଁଲେ। ଅଧାରାତି ସରିକି ବନ୍ଦୀଶାଳାର ପ୍ରହରୀ ଦେଖିଲା ଯେ ଜଗନ୍ନାଥ ଦାସଙ୍କ ଯାଗାରେ ଜଣେ ଅତ୍ୟନ୍ତ ସୁନ୍ଦରୀ ନାରୀ ବସିଥିଲେ। ପ୍ରହରୀଠାରୁ ଖବରପାଇ ଗଜପତି ପ୍ରତାପ ରୁଦ୍ରଦେବ ବନ୍ଦୀଶାଳାରେ ପହଞ୍ଚିଲେ। ଦାସଙ୍କୁ ନାରୀ ସ୍ୱରୂପରେ ଦର୍ଶନ କରି ସେ ଚମତ୍କୃତ ହେଲେ ଏବଂ ତାଙ୍କଠାରୁ କ୍ଷମା ଭିକ୍ଷା କରି କାରାଗାରରୁ ମୁକ୍ତ କରିଦେଲେ।

ଜଗନ୍ନାଥ ଦାସଙ୍କ ପରି ଜଣେ ଜ୍ଞାନୀ, ଗୁଣୀ, ସିଦ୍ଧ ସାଧକ ବାରମ୍ବାର ଅପମାନିତ ହେବା ଚୈତନ୍ୟ ମହାପ୍ରଭୁଙ୍କୁ ମର୍ମାହତ କଲା। ନିଜେ ଜଗନ୍ନାଥ ଦାସ ମଧ୍ୟ ଦୁଃଖିତ ଥିଲେ। ଦିନେ ଚୈତନ୍ୟ ମହାପ୍ରଭୁ ନଗର ବାହାରକୁ ତାଙ୍କର ଆଶ୍ରମ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କଲେ। କଥାଟା ଜଗନ୍ନାଥଙ୍କ ମନକୁ ପାଇଲା। ସେ ସହର ବାହାରେ ଅନେକ ଦିନ ଖୋଜାଖୋଜି କରି ଶେଷରେ ସମୁଦ୍ର କୂଳରେ ଏକ ନିକାଞ୍ଚନ ଯାଗା ଚୟନ କଲେ। କୁଡ଼ିଆ ଖଣ୍ଡେ ତିଆରି କରିବା ପାଇଁ ତାଙ୍କ ପାଖରେ କଉଡ଼ି ନ ଥିଲା। ତେଣୁ ଆନନ୍ଦ ବଜାରରୁ ସେ ଅନେକ ବ୍ୟବହୃତ କୁଡୁଆ ସଂଗ୍ରହ କଲେ। ମାଟି କୁଡୁଆକୁ ଖଞ୍ଜି ଏକ ଗୁମ୍ଫା ନିର୍ମାଣ କରି ତା' ଭିତରେ ସାଧନା ଜାରି ରଖିଲେ। ସେ ଗୁମ୍ଫା କେତେବେଳେ ସମୁଦ୍ର ଯୁଆର ମାଡ଼ରେ ତ ଆଉ କେତେବେଳେ ଝଡ଼ ତୋଫାନରେ ଭାଙ୍ଗି ଯାଉଥିଲା। ବାରମ୍ବାର ତାକୁ ନିର୍ମାଣ କରିବା ଦାସଙ୍କ ପକ୍ଷେ ସମ୍ଭବ ହେଲା ନାହିଁ। ତେଣୁ ସେ ବରୁଣ ଦେବତାଙ୍କୁ ଆରାଧନା କରି ପ୍ରାର୍ଥନା କଲେ, 'ବରୁଣ ଦେବ! ଆପଣଙ୍କ ଲହଡ଼ି ମାଡ଼ରେ ଗୁମ୍ଫା ଭାଙ୍ଗି ଯାଉଥିବାରୁ ପ୍ରଭୁଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଆପଣ ସାତ ଲହଡ଼ି ପରିମିତ ଅଞ୍ଚଳରୁ ଅପସରି ଯିବା ପାଇଁ ପ୍ରାର୍ଥନା କରୁଛି।'

ଦାସଙ୍କ ପ୍ରାର୍ଥନାରେ ବରୁଣ ଦେବ ସାତ ଲହଡ଼ି ପରିମିତ ଅଞ୍ଚଳରୁ ଅପସରି ଗଲେ। ତା' ପରେ ଜଗନ୍ନାଥ ଦାସଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ପବନ ଦେବତା ମଧ୍ୟ ସେହି ଅଞ୍ଚଳରେ ତାଙ୍କ ଗତିର ବେଗ ଧୀର କରିବାକୁ ସମ୍ମତ ହେଲେ। ଅତିବଡ଼ି ସେଠାରେ ନିରାପଦ ଭାବେ ସାଧନା ଜାରି ରଖିଲେ। କାଳକ୍ରମେ ଶିଷ୍ୟମାନଙ୍କ ସହାୟତାରେ ସେଠାରେ ଏକ ଆଶ୍ରମ ଗଢ଼ି ଉଠିଲା। ସେ ଆଶ୍ରମ ଏକ ବିରାଟ ଅନୁଷ୍ଠାନରେ ପରିଣତ ହେଲା। ସମୁଦ୍ର ସାତ ଲହଡ଼ି ପର୍ଯ୍ୟନ୍ତ ଘୁଞ୍ଚି ଯାଇଥିବାରୁ ସେ ଅନୁଷ୍ଠାନ 'ସାତ ଲହଡ଼ି ମଠ' ନାମରେ ନାମିତ ହେଲା। ସେ ବିଷୟରେ ମହାତ୍ମା ଅଚ୍ୟୁତାନନ୍ଦ 'ଉଦୟ କାହାଣୀ'ରେ ଲେଖିଛନ୍ତି- 'ଜଗନ୍ନାଥ ଦାସ ନୀଳାଞ୍ଚଳରେ ସମାଧି ଥାପନା ବରୁଣ ପୁରେ / ସାତ ଲହଡ଼ି ଯେ ଛାଡ଼ିଣ ଗଲା ଜଗନ୍ନାଥ ତହିଁ ଆଶ୍ରମ କଲା। ●

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୧ ● ପାଉଣ୍ଡ ୧୧୯.୮୮
- ୟୁରୋ ୧୦୩.୬୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୭,୨୫୦ (ନୂଆଦିଲ୍ଲୀ)
- ରୁପା : ୧,୨୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**


ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୧୫୭.୦୦
- ନିଫ୍ଟି ୨୪,୫୭୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ଟ୍ରମ୍ପଙ୍କ ନୂଆ ଯୋଜନା

# ଭାରତରୁ ଔଷଧ ଆମଦାନୀ ଉପରେ ୨୦୦% ଟାରିଫ୍



ୱାଶିଂଟନ୍, ୨।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଦେଶରୁ ଆସୁଥିବା ଔଷଧ ଉପରେ ମଧ୍ୟ ୨୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଭାରତ ଭଳି ସମସ୍ତ ଦେଶକୁ ପ୍ରଭାବିତ କରିବ ଯେଉଁମାନେ ଆମେରିକାକୁ ଔଷଧ ଯୋଗାଣ କରନ୍ତି। ଯଦିଓ, ଭାରତକୁ ବର୍ତ୍ତମାନ ପାଇଁ ଏଥିରୁ ଦୂରରେ ରଖାଯାଇଛି, କିନ୍ତୁ ଆଗାମୀ ସମୟରେ ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ଦେଖାଯିବ।

କିନ୍ତୁ ଯଦି ଏହି ଶୁଳ୍କ ଭାରତ ଉପରେ ମଧ୍ୟ ଲାଗୁ କରାଯାଏ, ତେବେ ଏହାର ଔଷଧ, ଜୈବିକ ରାସାୟନିକ ଏବଂ ଚିକିତ୍ସା ଉପକରଣ ରପ୍ତାନିକୁ ପ୍ରଭାବିତ କରିବ। ସେହି ସମୟରେ, ଶୁଳ୍କ ଯୋଗୁଁ ଆମେରିକା ମଧ୍ୟ କ୍ଷତି ସହିବ। ଫଳସ୍ୱରୂପ ସେଠାରେ ଔଷଧର ମୂଲ୍ୟ ବୃଦ୍ଧି ପାଇବ। ଏମିତିକି ଔଷଧ ଷ୍ଟକ୍‌ର ଅଭାବ ହୋଇପାରେ।

**ପ୍ରଭାବିତ ହେବ ଔଷଧ ଉତ୍ପାଦ, ଜୈବିକ ରାସାୟନିକ ଏବଂ ଚିକିତ୍ସା ଉପକରଣ ରପ୍ତାନି**

**ଆମେରିକା ଔଷଧ ସାମଗ୍ରୀ ହେବ ମହଙ୍ଗା**

ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଆମଦାନୀ ଔଷଧ ଉପରେ ଭାରୀ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛି। ଅଧିକାରୀମାନେ କିଛି ଔଷଧ ଉପରେ ସାର୍ବଜନୀନ ଭାବରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ନୀତି ମୂଲ୍ୟ ବୃଦ୍ଧି କରିପାରେ ଏବଂ ଯୋଗାଣ ଶୃଙ୍ଖଳାକୁ ବାଧା ଦେଇପାରେ। ତଥାପି, ଏହା ଭାରତକୁ ଔଷଧ ଶୁଳ୍କରୁ ଦୂରେଇ ରଖିବା ପାଇଁ କୁହାଯାଇଛି। କିନ୍ତୁ ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ କୌଣସି ସମୟରେ ଏହା ଭାରତର ରପ୍ତାନିକୁ ପ୍ରଭାବିତ କରିପାରେ। ବାଣିଜ୍ୟ ଅର୍ଥନୀତିର ତଥ୍ୟ ଅନୁଯାୟୀ, ଭାରତ ୨୦୨୪ ମସିହାରେ ଆମେରିକାକୁ ମୋଟ ୮.୭୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଔଷଧ ଉତ୍ପାଦ ରପ୍ତାନି କରିଥିଲା। ଏହା ମଧ୍ୟ ପ୍ରଭାବିତ ହୋଇପାରେ।

ଭାରତରୁ ଆମେରିକାକୁ ରପ୍ତାନି ହୋଇଥିବା ଜୈବିକ ରାସାୟନିକ ପଦାର୍ଥ ୨.୫୬ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ଆମେରିକାରୁ ଭାରତକୁ ୩.୫୪ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ଆମଦାନୀ କରୁଥିଲା। ଭାରତ ବିଶ୍ୱ ସ୍ତରରେ ଜୈବିକ ରାସାୟନିକ ପଦାର୍ଥର ଏକ ପ୍ରମୁଖ ରପ୍ତାନିକାରୀ ଏବଂ ଆମେରିକା ଏହାର ସବୁଠାରୁ ବଡ଼ ବଜାର। ଅପରପକ୍ଷରେ, ଚିକିତ୍ସା ଉପକରଣ ବିଷୟରେ କହିବାକୁ ଗଲେ ଭାରତ ମଧ୍ୟ ଆମେରିକାକୁ ବହୁ ପରିମାଣର ଚିକିତ୍ସା ଉପକରଣ ରପ୍ତାନି କରେ। ଶୁଳ୍କ ଏହା ଉପରେ ପ୍ରଭାବ ପକାଇବ। କାରଣ ଅଧିକ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ସାମଗ୍ରୀ ମହଙ୍ଗା ହେବ। ତଥାପି, ଭାରତ ଆମେରିକାରୁ ପ୍ରାୟ ୫.୭ ବିଲିୟନ ଆମେରିକୀୟ ଡଲାରର ସାମଗ୍ରୀ ଆମଦାନୀ କରେ। କାରଣ ଭାରତ ଏହାର ଉଚ୍ଚମାନର ଚିକିତ୍ସା ଉପକରଣ ଆବଶ୍ୟକତା ପାଇଁ ଆମେରିକା ଉପରେ ନିର୍ଭରଶୀଳ।

# କୃଷକଙ୍କ ଅଭିଯୋଗ ପାଇଁ ରହିବ ଉତ୍ସର୍ଗୀକୃତ ପୋର୍ଟାଲ୍

ନୂଆଦିଲ୍ଲୀ,୨।୯ (ଏଜେନ୍ସି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ କରି କୃଷକମାନଙ୍କ ଅଭିଯୋଗର ସମାଧାନ କରିଛନ୍ତି । କଲ୍ ସେଣ୍ଟର ଏବଂ ଅନ୍ୟ ପୋର୍ଟାଲ ମାଧ୍ୟମରେ କୃଷକମାନଙ୍କଠାରୁ ପ୍ରାପ୍ତ ଅଭିଯୋଗର ସମାଧାନର ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀ ସିଂ ପୃଥକ ପୋର୍ଟାଲ ପରିବର୍ତ୍ତେ କୃଷକମାନଙ୍କ ଅଭିଯୋଗ, ପରାମର୍ଶ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ ପ୍ରସ୍ତୁତ କରିବା ଏବଂ ଯଥାଶୀଘ୍ର ସମସ୍ୟାର ଉପଯୁକ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ସେ ନିଜେ ନିୟମିତ ଭାବେ କୃଷକମାନଙ୍କଠାରୁ ଆସିଥିବା ଅଭିଯୋଗର ସମୀକ୍ଷା କରିବେ ଯାହାଦ୍ୱାରା ସେମାନଙ୍କୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରାଯାଇପାରିବ।

**AFFIDAVIT**

I, Swagat Kumar Das, S/o- Banambar Das, resident of AT/PO-Mahu, PS - Aul, Dist - Kendrapara, Pin- 754231, Odisha, declare by this affidavit No - 1424, dated - 22.08.2025,declare that now onwards I shall be known as **SWAGATA KUMAR DAS** for all future porpuses.

**AFFIDAVIT**

I, Mukta Golari, D/o- Reli Pujari, W/o- Harichandra Golari resident of Vill./Po.- Hatibari, Ps.- Padwa, Dist.- Koraput, Odisha-764038 state vide affidavit no.77 dtd.02.9.2025 that, I have changed my name from my former name **Mukta Pangi** to **Mukta Golari**. Henceforth I shall be known as **Mukta Golari** for all future purposes.

**NOTICE**
(Above 18 years of age)

By Virtue of an Affidavite sworn before the Exicutive Magistrate, Baripada, Mayurbhnaj, dated 02-05-2025 I, Sushanta Murmu, Address AT- Dubulabeda, PO- Kuabeda, PS- Chandua, Dist- Mayurbhanj, PIN-757014 declare that I have changed my name Shushant Murmu to Sushanta Murmu . Henceforth I shall be known as Sushanta Murmu for all purposes.

**AFFIDAVIT**

I, Radheshayam Agrawal, aged about 56 years, S/o- Late Ramesh Kumar Agrawal, resident of Plot No.1061, Flat No. C1, Sai Tower, PS- Nayapalli, Bhubaneswar, Dist- Khordha, Odisha, PIN- 751012 declared by this affidavit No. 313, dtd- 01/09/2025 that now onwards I shall be known as **RADHESHYAM AGRAWAL** for all future purposes.

**AFFIDAVIT**

By virtue of an affidavit before the Notary Public, Bhubaneswar on dt 01.09.2025, I have changed my name from Akshaya Kumar Baral to Akshay Baral. Henceforth I shall be known as Akshay Baral for all purposes.

**Sd/- Akshay Baral**

**NOTICE (For Minor)**

By virtue of an affidavit sworn before The Notary Public, Udala, Mayurbhanj, dated 02-09-2025 I, Kuna Tudu, Address AT/PO-Athapada, PS-Udala, Dist- Mayurbhanj, PIN- 757087 declare that I have changed the name of my daughter from Sininga Tudu to Siniga Tudu. Henceforth, she shall be known as Siniga Tudu for all purposes.

**Kuna Tudu**

**AFFIDAVIT**

I, Rosalini Tripathy @ Rosalin Mishra, W/o Devi Prasad Tripathy, resident of Tala Sahi, Po/Ps/Dist- Malkangiri -764 045, Odisha declare by this Affidavit No.3619, Dated - 02/09/2025, that now onwards I shall be known as Rojalin Tripathy for all future purpose.

**Sd/- Rojalin Tripathy**

**AFFIDAVIT**

By virtue of an affidavit sworn before Excutive magistrate, Soro on 28.7.2025 I, Manasi Bindhani, At- Champu, Po- Angula, Soro, Balasore, declare that I am the Mother guardian of the Minor Sasmita Bindhani. I have changed her name from Sasmita Das to Sasmita Bindhani. Henceforth, she will be known as Sasmita Bindhani for all purposes.

**AFFIDAVIT**

I, Fsharat Sahu, S/O - Mochiram Sahu, Resident of Badanairi, PO- Sananairi, PS- Nachuni, Dist - Khorda, Odisha, PIN- 752034, declare by this affidavit No - 328, dated - 13.05.2025, that now onwards I shall be known as **SARAT SAHU** for all future purposes.

**AFFIDAVIT**

By virtue of an affidavit sworn before Excutive magistrate, Soro on 28.7.2025 I, Manasi Bindhani, At- Champu, Po- Angula, Soro, Balasore, declare that I am the Mother guardian of the Minor Sivhasankar Bindhani. I have changed his name from Sivhasankar Das to Sivhasankar Bindhani. Henceforth, she will be known as Sivhasankar Bindhani for all purposes.

**AFFIDAVIT**

I, Jogendra Panigrahi, S/o- Gopinath Panigrahi, resident of Plot No-3644, Patharagadia, Po- Kiit, Kalarahanga, Bhubaneswar, Dist- Khurda, PIN- 751024, Odisha declared by this affidavit No-708, dtd- 01/09/2025 that now onwards I shall be known as **JOGINDRA PANIGRAHI** for all future purposes

**AFFIDAVIT**

By virtue of an affidavit before The Notary Public, Titilagarh, on dated- 02/09/2025. I, **Smt. Punni Bai** (new name) formerly called as Puni Kharsel (old name), W/o Late Moti Bhado, Permanent resident of At- Brahmanipada Adabahal, P.O.- Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Puni Kharsel** (old name) to **Punni Bai** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Punni Bai** (new name).

**Punni Bai**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 02/09/2025. I, **Lemu Nag** (new name) formerly called as Mohan Nag (old name), S/o Late Jarman Nag, Permanent resident of Rahenbhata P.O. Malisira, P.S. Titilagarh, Dist- Bolangir (Odisha), PIN- 767037 now residing at the same place affirm that I have changed my name from **Mohan Nag** (old name) to **Lemu Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lemu Nag** (new name).

**Lemu Nag**

**AFFIDAVIT**

I, Shaikh Nazir, H/o- Rani Parbin, resident of Bibhutipur, Merdakatia Chhak, Dist- Jajpur, PIN- 755006, Odisha declared by this affidavit No-709, dtd- 01/09/2025 that now onwards I shall be known as **SK NAZIR** for all future purposes.

**AFFIDAVIT**

By virtue of an affidavit (CF No. 06) sworn before The Notary Public, Padampur on dated- 02/09/2025. I, **Anjalee Sahu,** W/o- Dhaneswar Pradhan, permanent resident of At- Dhaurabhata, Po- Putka, Ps- Jagdalpur, Dist- Bargarh, Odisha, Pin- 768036 declare that I have changed my name from **Anjali Pradhan** (old name) to **Anjalee Sahu** (new name). Henceforth, I shall be known as **Anjalee Sahu** (new name), W/o Dhaneswar Pradhan for all future purposes.

**Anjalee Sahu**

**AFFIDAVIT**

By virtue of an affidavit No-1262 sworn before the Executive Magistrate, Begunia on dtd- 01/09/2025. I, Manmatha Prakash Bahubalendra, S/o- Narahari Bahubalendra, resident of At/Po/Ps-Begunia, Dist- Khordha, Odisha declare that, my minor son Aadhar Card bearing No- 3098 1004 0725. I have changed my minor son name from **Asribad Bahubalendra** (old name) to **Ashirbad Bahubalendra** (new name) Henceforth, both the names Asribad Bahubalendra and Ashirbad Bahubalendra is one & same person and he will be known as **Ashirbad Bahubalendra** for all future purposes.

### ରେଳ କର୍ମଚାରୀଙ୍କୁ ମିଳିବ ଅଧିକ ବୀମା ଲାଭ

# ଦୁର୍ଘଟଣା ଜନିତ ମୃତ୍ୟୁରେ ୧ କୋଟିର ବୀମା ସୁରକ୍ଷା




ନୂଆଦିଲ୍ଲୀ,୨।୯ (ଏଜେନ୍ସି): କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଭାରତୀୟ ରେଳବାଇ ଏବଂ ଭାରତୀୟ ଷ୍ଟେଟବ୍ୟାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ର ଅଧୀନରେ ଏସବିଆଇରେ ବେତନ ଖାତା ଥିବା ରେଳ କର୍ମଚାରୀଙ୍କ ପାଇଁ ବୀମା ସୁରକ୍ଷାରେ ଉଲ୍ଲେଖନୀୟ ବୃଦ୍ଧି କରାଯାଇଛି। ଦୁର୍ଘଟଣାଜନିତ ଆକସ୍ମିକ ମୃତ୍ୟୁ ସ୍ଥିତିରେ ବୀମା ରାଶିକୁ ବଢ଼ାଇ ୧ କୋଟି ଟଙ୍କା କରି ଦିଆଯାଇଛି। ଅନ୍ୟପକ୍ଷରେ ସିଜିଇଜିଆଇଏସ ଅଧୀନରେ ଆସୁଥିବା ଗ୍ରୁପ୍ ଏ, ବି ଏବଂ ସି କର୍ମଚାରୀଙ୍କ ପାଇଁ ବର୍ତ୍ତମାନର ସୁରକ୍ଷା ଯଥାକ୍ରମେ ୧.୨୦ ଲକ୍ଷ ଟଙ୍କା, ୬୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କା ରହିଛି। ଏହାବ୍ୟତୀତ କେବଳ ଏସବିଆଇରେ ବେତନ ଖାତା ଥିବା ସବୁ ରେଳ କର୍ମଚାରୀଙ୍କୁ ଏବେ ବିନା କୌଣସି ପ୍ରିମିୟମରେ କିମ୍ବା ଡାକ୍ତରୀ ପରୀକ୍ଷା ନ କରାଇ ମଧ୍ୟ ୧୦ ଲକ୍ଷ ଟଙ୍କାର ପ୍ରାକୃତିକ ମୃତ୍ୟୁ ଜନିତ ବୀମା ସୁରକ୍ଷା ମିଳିପାରିବ। ପ୍ରାୟ ୭ ଲକ୍ଷ ରେଳ କର୍ମଚାରୀଙ୍କର ଏସବିଆଇରେ ବେତନ ଖାତା ରହିଥିବା କାରଣରୁ ଏହି ବୁଝାମଣାପତ୍ର କର୍ମଚାରୀ କଲ୍ୟାଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହା ଭାରତୀୟ ରେଳ ଏବଂ ଏସବିଆଇ ମଧ୍ୟରେ ଏକ ସମ୍ବେଦନଶୀଳ ଏବଂ ମାନବୀୟ ସହଭାଗୀତାକୁ ପ୍ରତିଫଳିତ କରେ। ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର ଏବଂ ଏସବିଆଇର ଅଧ୍ୟକ୍ଷ ସି.ଏସ ସେଟ୍ଟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଅଧୀନରେ କେତେକ ପ୍ରମୁଖ ଅନୁକୂଳ ବୀମା ସୁରକ୍ଷା ମଧ୍ୟ ରହିଛି। ରେଳ କର୍ମଚାରୀଙ୍କୁ ୧.୬ କୋଟି ଟଙ୍କାର ବିମାନ ଦୁର୍ଘଟଣା (ମୃତ୍ୟୁ) ବୀମା ସୁରକ୍ଷା ଏବଂ ରୂପେ ଡେବିଟ୍ କାର୍ଡ ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ବୀମା ସୁରକ୍ଷା ମିଳିବ ।

# ସପ୍ପିରେ 'ଦି ଗ୍ରାଣ୍ଡ ସପ୍ପି ମେଳା'

ଭୁବନେଶ୍ୱର,୨।୯ (ସମିସ) : ଆଗାମୀ ଉତ୍ସବ ଋତୁ ପାଇଁ ଭାରତ ଯେହେତୁ ନିଜକୁ ପ୍ରସ୍ତୁତ କରୁଛୁ, ଫ୍ଲିପକାର୍ଟର୍ ପରି.ଳିତ ସପ୍ପି ବର୍ଷର ସବୁଠାରୁ ବୃହତର ସେଲ ସହିତ ସର୍ବାଦୃତ୍ ସପିଂ ପାଳନର ଉତ୍ସବ, ଦି ଗ୍ରାଣ୍ଡ ସପ୍ପି ମେଳା (ଜିଏସଏମ) ପୁଣି ଥରେ ନେଇ ଆସୁଅଛି। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୦୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି କାର୍ଯ୍ୟକ୍ରମ ଅନେକଗୁଡ଼ିଏ ଅବିସ୍ମରଣୀୟ ଉତ୍ସାହ ସହିତ ଏହାର ପ୍ରସଙ୍ଗ ରହିଛି "ଐସେ ଗିରେଙ୍ଗେ ଦାମ, ସପିଙ୍ଗ ହୋଗି ସୁବହ ଶାମ। ସପିଙ୍ଗ ଉତ୍ସାହ ବୃଦ୍ଧି ପାଇବା ସହିତ ଗ୍ରାହକମାନେ ସେମାନଙ୍କର ସ୍ନେହ ଏବଂ ଉତ୍ସାହକୁ ଆହୁରି ଅଧିକ ମାତ୍ରାରେ ବୃଦ୍ଧି କରିବା ସହିତ ଏହି ଉତ୍ସବ ଋତୁରେ ଆଗକୁ ନେଉଛନ୍ତି ଯାହା ଫଳରେ ସପ୍ପି ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ସମଗ୍ର ଭାରତରେ ନିଜର ପକେଟକୁ ସୁହାଇଲା ଭଳି ବଜେଟକୁ ନେଇ ସାହାଯ୍ୟ କରୁଅଛି। ଚଳିତବର୍ଷ, ଜିଏସଏମ ୧୪୯ ଟଙ୍କା ଭିତରେ ପ୍ରାୟ ଏକ କୋଟିରୁ ଉଦ୍ଧ୍ୱର୍ ଉତ୍ପାଦନକୁ ସମଗ୍ର ଫ୍ୟାସନ, ଜୀବନଶୈଳୀ, ଘର ତଥା ସୌନ୍ଦର୍ଯ୍ୟକାରୀତାକୁ ନେଇ ବୃଦ୍ଧି କରିବା ସହିତ ଏକ ଚିନ୍ତାଶୀଳ ଗଠନମୂଳକ ମୂଲ୍ୟ ସଚେତନଯୁକ୍ତ ସପିଙ୍ଗ ପାଇଁ ଏହାକୁ ସଠିକ୍ ଭାବରେ ପ୍ରସ୍ତୁତ କରିପାରିଛି।

**यूनियन बैंक ऑफ इंडिया Union Bank of India**
भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର- ୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା- ୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବାସନ୍ତୀ ଶତପଥୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୬୮୯ ଏବଂ ୫୬୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା- କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲକୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୪,୦୦୦/- / ଟ.୨,୧୩,୫୦୦/- / ଟ.୨୧,୫୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ବିହୁଡ଼ି,** ପିତା: ସନ୍ୟାସୀ ବିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୪,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୪. | **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୭୭୫୦୦୩୬୬୬୮/** **୧(କ) ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୦୩ **(ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା) / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୯,୭୫,୦୦୦/- / ଟ.୯୭,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 149411980050000 IFSC Code: UBIN0814946 |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, **୩) ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/ ୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |

**ଇ-ନିଲାମ ତାରିଖ ଏବଂ ସମୟ : ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୬.୦୯.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୫.୦୯.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ**

**ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨**

**ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।**

ସ୍ଥାନ: ବ୍ରହ୍ମପୁର
ତାରିଖ: ୦୨.୦୯.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**THE MAYURBHANJ CENTRAL CO-OPERATIVE BANK LTD,**
AT/PQ. BARIPADA, DIST-MAYURBHANJ PIN-757001 (ODISHA)
Ph. (CEO): (06792)252315, Email: ceo@mccbank.org.in
esst@mccbank.org.in

MCCB/No. 1464 / 2025-26 — Date: 29/07/2025

**Office Premises required at Baripada. Mayurbhanj**

The Bank desires to acquire on long term lease Office Premises for Bank purpose at Baripada, Mayurbhanj, Odisha preferably on Ground Floor having two rooms (14ft. x 12ft.) with varandah along with toilet facility and parking facility within the postal area of Baripada having Pin Code No.757001. Interested parties owing suitable premises may contact the Chief Executive Officer, Mayurbhanj Central Co-operative Bank Ltd., Baripada during office hour within 15 days from the date of publication of this advertisement.

After negotiation the Bank will final the suitable premises. The terms & conditions will be decided during negotiation.

**Sd/- Chief Executive Officer**
**M.C.C. Bank Ltd., Baripada**

କଳାକାର ସଂଘର ଆମରଣ ଅନଶନ

# ବ୍ଲକ୍ ଅଫିସ୍ ଆଗରେ ପଢ଼ିଲେ ଭାଗବତ



ମାର୍ଶାଘାଇ,୨।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ପରିସରରେ ମଙ୍ଗଳବାର ଭିନ୍ନଧରଣର ଆମରଣ ଅନଶନ ଦେଖିବାକୁ ମିଳିଛି। କଳାକାରମାନେ ବ୍ଲକ ସମ୍ମୁଖରେ ହାତରେ ଭାଗବତ ବହି ଧରି ଭାଗବତ ପାଠ କରିଛନ୍ତି। ୨୦୧୯ରେ ସରକାର ସମସ୍ତ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ୨୫ ହଜାର ଟଙ୍କା ଲେଖାଏଁ ସରକାରୀ ସହାୟତା ଦେଇଥିଲେ ମଧ୍ୟ ତାହା ସମସ୍ତ ଭାଗବତ ଟୁଙ୍ଗୀକୁ ଦିଆଯାଇପାରୁନାହିଁ। ତୁରନ୍ତ ଏହି ଅର୍ଥ ରାଶିକୁ ଭାଗବତ ଟୁଙ୍ଗୀକୁ ପ୍ରଦାନ କରିବା ଦାବି ନେଇ କଳାକାର ଓ ଭାଗବତ ଟୁଙ୍ଗୀର କର୍ମକର୍ତ୍ତା ମାର୍ଶାଘାଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ।

# ଜିଲ୍ଲାପାଳଙ୍କ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



କେନ୍ଦ୍ରାପଡ଼ା,୨।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ମଙ୍ଗଳବାର ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ମେଡିକାଲ ଅଧିକାରୀଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏଥିସହିତ ଜିଲ୍ଲାପାଳ ଇଣ୍ଡୋର ଓ ଆଉଟଡୋର ରୋଗୀଙ୍କୁ ସ୍ୱାସ୍ଥ୍ୟ ସ୍ଥିତି ପଚାରି ବୁଝିଥିଲେ। ପରେ ଜିଲ୍ଲାପାଳ ବିଭିନ୍ନ ରେଜିଷ୍ଟର ଓ ଔଷଧ ଯାଞ୍ଚ କରିଥିଲେ। ରୋଗୀ ଯେପରି ସର୍ବଦା ଉତ୍ତମ ଚିକିତ୍ସା ସେବା ପାଇବେ, ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ମେଡିକାଲ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

# ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

ଡେରାବିଶ,୨।୯ (ସମିସ): ଜିଲ୍ଲାପାଳ ରଘୁରାମ ଆର ଆୟାର ମଙ୍ଗଳବାର ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତର ସାନ୍ତାଳ ସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି, ପାନୀୟ ଜଳ ବ୍ୟବସ୍ଥା, ପରିମଳ, ମଧ୍ୟାହ୍ନଭୋଜନ, ଛତୁଆ ଇତ୍ୟାଦି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଜିଲ୍ଲାପାଳ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରର କାଗଜପତ୍ର ଦେଖିଥିଲେ। ଜିଲ୍ଲାପାଳ ସ୍କୁଲ ଓ ଅଙ୍ଗନବାଡି ପିଲାଙ୍କୁ ପାଠପଢା ବିଷୟରେ ପଚାରିବୁଝିଥିଲେ।

# ଛୋଟି ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ

ପଞ୍ଚୁପାଣ୍ଡବ,୨।୯ (ସମିସ): ଡେରାବିଶ ବ୍ଲକ୍ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି ଗ୍ରାମରେ ହେବାକୁ ଥିବା ଲକ୍ଷ୍ମୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବାଲିଆପଦା ଗ୍ରାମରେ ହୋଇଥିବାବେଳେ ଦୁଇଶହରୁ ଅଧିକ ଲୋକ ଯୋଗ ଦେଇଥିଲେ। ଏହି ପୂଜା ଦୀର୍ଘବର୍ଷ ଧରି ହୋଇଆସୁଥିବାବେଳେ ଚଳିତ ବର୍ଷ ସୁରୁଖୁରୁରେ ପୂଜା କାର୍ଯ୍ୟକ୍ରମ ସରିବ ସେଥିପାଇଁ ସମସ୍ତେ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅକ୍ଟୋବର ମାସ ୬ ତାରିଖ ସୋମବାର ଦିନ ମା'ଙ୍କ ପୂଜା ଆରମ୍ଭ ହେବ। ୧୦ ଓ ୧୨ ତାରିଖରେ ହେବାକୁ ଥିବା ମେଲୋଡି କାର୍ଯ୍ୟକ୍ରମରେ ସାଗର ସଙ୍ଗମଙ୍କ ସହିତ ତାରିକ ଅଜିତ ଗାୟକର ଓ ଦୀପ୍ତିରେଖା ଯୋଗଦେବେ ବୋଲି ଗ୍ରାମର ରାମଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଏହି ବୈଠକରେ ଯୁବଜ୍ୟୋତି କ୍ଲବ୍ ପକ୍ଷରୁ ହୃଷିକେଶ ସ୍ୱାଇଁ, ସାରଦା ପ୍ରସାଦ ବାରିକ, ପ୍ରସନ୍ନ ସାହୁ, ମନୋଜ ଦାସ, ବିଶ୍ୱରଞ୍ଜନ ଦାସ, ନଳିନୀକାନ୍ତ ସ୍ୱାଇଁ, ରଞ୍ଜିତ କୁମାର ରାଉତ ଓ ଶତାଧିକ ଲୋକ ଯୋଗ ଦେଇଥିଲେ।

# ରାଜ୍ୟ ମହିଳା ଆୟୋଗ ସଦସ୍ୟାଙ୍କ ତୁଳସୀପୁର ମହିଳା କଲେଜ ପରିଦର୍ଶନ



କେନ୍ଦ୍ରାପଡ଼ା,୨।୯ (ସମିସ): ତୁଳସୀପୁର ମହିଳା ମହାବିଦ୍ୟାଳୟରେ ରାଜ୍ୟ ମହିଳା ଆୟୋଗ ସଦସ୍ୟା ଡଃ କଳ୍ପନା ମଲିକ ପରିଦର୍ଶନ କରିଛନ୍ତି। ସେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ, ଆଭ୍ୟନ୍ତରୀଣ କମିଟି ଅଧ୍ୟକ୍ଷା ଓ ସଦସ୍ୟ/ସଦସ୍ୟାଙ୍କ ସହ କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନ ନିଷେଧ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଛାତ୍ରୀଙ୍କ ସହ ମଧ୍ୟ ସିଧାସଳଖ ଆଲୋଚନା ହୋଇଥିଲା। ଯେଉଁଥିରେ ଆଭ୍ୟନ୍ତରୀଣ କମିଟିର ଭୂମିକା, ଯୌନ ଉତ୍ପୀଡ଼ନ ବିଷୟକ ନିୟମାବଳୀ, ଆଇଇସି ସାମଗ୍ରୀ ବ୍ୟବହାର ଓ ଯୌନ ଉତ୍ପୀଡ଼ନ ଘଟଣା ସମ୍ବନ୍ଧୀୟ ସଚେତନତା ଉପରେ ଆଲୋଚନା ହୋଇଥିଲା। ଶିକ୍ଷାନୁଷ୍ଠାନରେ ମହିଳାଙ୍କ ପାଇଁ ସୁରକ୍ଷିତ, ସଚେତନ ଓ ସମର୍ଥିତ ପରିବେଶ ସୃଷ୍ଟି କରିବା ପରିଦର୍ଶନର ଲକ୍ଷ୍ୟ ଥିଲା। ପରିଦର୍ଶନ ସମୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି ଉପସ୍ଥିତ ଥିଲେ।

ଲଗାଣ ବର୍ଷା ଓ ବନ୍ୟାରେ ଭାରିଗଦା ପଞ୍ଚାୟତର ୭୮୫ ହେକ୍ଟର ଧାନ ଫସଲ ନଷ୍ଟ

# କୃଷି ଋଣ ଛାଡ଼ ଓ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଘୋଷଣା ଦାବି

ରାଜକନିକା,୨।୯ (ସମିସ)



ଲଗାଣ ବର୍ଷା ଓ ତିନିଥର ବନ୍ୟା ଯୋଗୁଁ ଚାଷ ଉପରେ ନିର୍ଭରଶୀଳ ରାଜକନିକା ବ୍ଲକର ଧୋୟାଞ୍ଚଳ ଭାରିଗଦା ପଞ୍ଚାୟତର ଶାରଦ ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏହି ପଞ୍ଚାୟତର ଅଚ୍ୟୁତପୁର ମୌଜାର ୧୯୫ ହେକ୍ଟର, ମନେଇଡିହର ୯୫, ମକୁନ୍ଦପୁରର ୭୫, ଦଶଭଗାରିଆର ୧୧୦, ମଙ୍ଗଳପୁରର ୮୫, ଝାରକଟାର ୭୨, କେଶନଗରର ୬୯, ବଡ଼ଜୋରମୁହଁର ୨୫ ଓ ଭାରିଗଦା ମୌଜାର ୫୯ ହେକ୍ଟର ଏମିତି ମୋଟ ୭୮୫ ହେକ୍ଟର ଜମିର ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏ ଅଞ୍ଚଳର ଚାଷୀଙ୍କ କୃଷି ଋଣ ଛାଡ଼ କରାଯିବା ସହ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଘୋଷଣା କରାଯିବାକୁ ଦାବି ହୋଇଛି।

ବାରମ୍ବାର ବନ୍ୟାରେ ଜନଜୀବନ ପ୍ରଭାବିତ ହୋଇଥିବାବେଳେ ପ୍ରଶାସନ ଏଥିପ୍ରତି ସେତେଟା ଗୁରୁତ୍ୱ ଦେଇନାହିଁ। କ୍ରମାଗତ ଭାବେ ବନ୍ୟାରେ ଧାନ ତଳି ନଷ୍ଟ ପରେ ଦ୍ୱିତୀୟ ଓ ତୃତୀୟ ଥର ଚଢ଼ା ଦରରେ ବିହନ କିଣି ତଳି ପକାଇବା ଓ ରୁଆ ବେଉଷଣ କରିବା ପରେ ତୃତୀୟଥର ବନ୍ୟାରେ ବୁଡ଼ି ତାହା ସମୁଦାୟ ନଷ୍ଟ ହୋଇଛି। ଭାରିଗଦା ପଞ୍ଚାୟତର ବନ୍ୟା ଦୁର୍ଗତ ଗତ ଅଗଷ୍ଟ ମାସ ୮ ତାରିଖ ଦିନ କନିକା ତହସିଲ ଘେରଉ କରି କୃଷି ଋଣ ଛାଡ଼, କ୍ଷତିପୂରଣ ଭରଣା ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏକମାତ୍ର ବଞ୍ଚିବାର ପନ୍ଥା ଧାନ ଫସଲରେ ଋଣ ଆଣି ଅର୍ଥ ସାରିବା ପରେ ବନ୍ୟାରେ ଉଜୁଡ଼ି ଯାଇଥିବାରୁ ଆଜି ପଞ୍ଚାୟତ ପକ୍ଷରୁ ରାଜକନିକା ବ୍ଲକ କୃଷି ବିଭାଗକୁ କ୍ଷୟକ୍ଷତିର ଭରଣା ପାଇଁ ନିବେଦନ ସହ କୃଷି ଋଣ ଛାଡ଼ ସହ ଆଗାମୀ ରବିଋତୁ ପାଇଁ ଋଣ ଯୋଗାଇ ଦେବାକୁ ଦାବି ହୋଇଛି। ବ୍ୟାଙ୍କ ଓ ସମବାୟ ସମିତିରୁ କୃଷି ଋଣ ଆଣି ଚାଷରେ ଲଗାଇ ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଥିବା ଭାରିଗଦା ପଞ୍ଚାୟତର ଚାଷୀ ପରିବାରକୁ ବଞ୍ଚିବା ପାଇଁ ସୁଯୋଗ ଦେବାକୁ ଦାବି ହୋଇଛି।

ଦୁଇ ପରିବାର ମଧ୍ୟରେ ବିବାଦ

# ସାତଭାୟା ଥଇଥାନସ୍ଥଳୀରେ ବୁଲିଲା ଖଣ୍ଡା; ରାଜନଗର ବଜାରରେ ମାର୍‌ପିଟ୍

ରାଜନଗର,୨।୯ (ସମିସ): ରାଜନଗର ଥାନା ଅନ୍ତର୍ଗତ ବାଗପଟିଆ ସାତଭାୟା ଥଇଥାନସ୍ଥଳୀରେ ଦୁଇ ପରିବାର ମଧ୍ୟରେ ବିବାଦ ସାତଭାୟାରୁ ରାଜନଗରରେ ପହଞ୍ଚିଛି। ଗତକାଲି ଥଇଥାନସ୍ଥଳୀରେ ଖଣ୍ଡା ବୁଲିଥିବାବେଳେ ଆଜି ରାଜନଗର ଥାନାକୁ ଆସିଥିବାବେଳେ ରାଜନଗର ବଜାରରେ ମାର୍‌ପିଟ ହୋଇଛନ୍ତି। ଦୁଇ ପରିବାର ଭିତରେ ବିବାଦ ସମାଧାନ ପାଇଁ ଗାଁରେ ବସିଥିବା ଭଦ୍ରଲୋକଙ୍କୁ ରାଜନଗରରେ ମାଡ଼ ମାରିଛନ୍ତି।

ସୂଚନା ମୁତବକ, ସାତଭାୟା ଥଇଥାନସ୍ଥଳୀ ୧୮ ନମ୍ବର ୱାର୍ଡର ଶଙ୍କର୍ଷଣ ମଲିକ ସେହି ଗ୍ରାମର ଠିକାଦାର ବିଚିତ୍ର ମଲିକଙ୍କ ନିକଟରୁ ଉଧାର ସ୍ୱରୂପ ୧ ଲକ୍ଷ ଟଙ୍କା ନେଇଥିଲେ। ସେହି ଠିକାଦାରଙ୍କ ପାଖରେ କାମ କରି ଟଙ୍କା ସୁଝିବାକୁ କଥା ହୋଇଥିଲା। କୋର୍ଟ ପେପରରେ ବଣ୍ଡ କରି ଶଙ୍କର୍ଷଣ ଏହି ଟଙ୍କା ନେଇଥିଲେ। ମାତ୍ର ଶଙ୍କର୍ଷଣ ମଲିକ ଠିକାଦାରଙ୍କ ପାଖକୁ କାମ କରିବାକୁ ନ ଯିବାରୁ ଠିକାଦାର ଶଙ୍କର୍ଷଣଙ୍କୁ ଦେଇଥିବା ୧ ଲକ୍ଷ ଟଙ୍କା ମାଗିଥିଲେ। ଶଙ୍କର୍ଷଣ ଟଙ୍କା ନ ଦେବାରୁ ୪ ଦିନ ପୂର୍ବେ ଠିକାଦାରଙ୍କ ବାପା ବିଜୟ ମଲିକ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ବିଜୟ ରାଜନଗର ଥାନାରେ ଅଭିଯୋଗ କରିବା ପରେ ଶଙ୍କର୍ଷଣ ଅନ୍ୟ ଲୋକଙ୍କ ମାଧ୍ୟମରେ ଠିକାଦାରକୁ ଧମକ ଦେଇଥିଲେ। ଠିକାଦାର ଆସି ବାଗପଟିଆ ଗ୍ରାମରେ ଭଦ୍ରଲୋକଙ୍କୁ ଜଣାଇଥିଲେ। ଗତକାଲି ରାତିରେ ଗାଁରେ ଉଭୟ ପକ୍ଷଙ୍କ ଭଦ୍ରଲୋକ ବସି ଆଲୋଚନା ଚାଲିଥିବାବେଳେ ଶଙ୍କର୍ଷଣଙ୍କ ପତ୍ନୀ ଠିକାଦାରଙ୍କ ବାପା ବିଜୟଙ୍କୁ ମାଡ଼ ମାରିଥିଲେ। ଏହାପରେ ଭଦ୍ରଲୋକ ଉଠି ଚାଲିଯାଇଥିଲେ। ଦୁଇ ପରିବାର ବାଡିଆପିଟା ପାଇଁ ଜଗି ରହିଥିଲେ। ଏପରିକି ଶଙ୍କର୍ଷଣଙ୍କ ପରିବାର ଖଣ୍ଡା ଧରି ମାରିବାକୁ ଜଗିଥିବା ନେଇ ବିଜୟଙ୍କ ପୁତୁରା ରାତିରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଗାଁରେ ପହଞ୍ଚି ଦୁଇ ପରିବାର ଓ ଭଦ୍ରଲୋକ ଥାନାରେ ଆଜି ୧୦ଟାରେ ପହଞ୍ଚିବାକୁ କହି ଫେରି ଆସିଥିଲା। ଆଜି ଥାନାରେ ଦୁଇ ପରିବାର ଓ ଭଦ୍ରଲୋକ ପହଞ୍ଚିଥିଲେ। ଦିନ ୧ଟା ସମୟରେ ଥାନାରୁ ବାହାରି ବଜାରରେ ଥିବା ହୋଟେଲକୁ ଖାଇବାକୁ ଯାଇଥିଲେ। ହୋଟେଲରୁ ଖାଇସାରି ଫେରୁଥିବାବେଳେ ବଜାରରେ ଭଦ୍ରଲୋକ କରୁଣାକର ମଲିକଙ୍କୁ ବିଜୟଙ୍କ ସମ୍ପର୍କୀୟ ଆସି ମାଡ଼ ମାରିଥିଲେ। ପୁଲିସ ସେହି ଯୁବକକୁ କାବୁ କରି ରାଜନଗର ଥାନାକୁ ଆଣିଛି। ପୁଲିସ ଘଟଣା ସମ୍ପର୍କରେ ତଦନ୍ତ କରୁଥିବା ଜଣାପଡିଛି।

# ପଥପ୍ରାନ୍ତ ନାଟକ 'ସ୍ୱଚ୍ଛତା ହିଁ ସେବା'



କେନ୍ଦ୍ରାପଡ଼ା,୨।୯ (ସମିସ): ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସ୍ୱଚ୍ଛ, ସୁସ୍ଥ, ସବୁଜ ଓ ସୁନ୍ଦର ପଟ୍ଟାମୁଣ୍ଡାଇ ଗଢ଼ିବା ପାଇଁ ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅଷ୍ଟ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ସହାୟତାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ "ସ୍ୱଚ୍ଛତା ହିଁ ସେବା' ସଫଳତାର ସହିତ ପରିବେଷିତ ହୋଇଯାଇଛି।

କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ରଚନା ଓ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାର କାଞ୍ଚନବାଳା ଷଡ଼ଙ୍ଗୀ, ଦେବପ୍ରସାଦ ବିଶ୍ୱାଳ, ବେଣୁଧର ଦାସ, ଅମର ବିଶ୍ୱାଳ, ପ୍ରଣତୀ ମଲିକ, ଲକ୍ଷ୍ମୀପ୍ରିୟା ମଲିକ, ସୁଜାତା ମଲିକ, ରାଧା ମଲିକ, ଗୋଲକ ବରାଳ, ଅଜୟ ଜେନା, ରମେଶ ଜେନା ପ୍ରମୁଖ ନୃତ୍ୟ, ସଙ୍ଗୀତ, ସଂଳାପ ଓ ଶାଣିତ ଅଭିନୟ ମାଧ୍ୟମରେ ଏକ ସ୍ୱଚ୍ଛ, ସୁସ୍ଥ, ସବୁଜ, ସୁନ୍ଦର ପଟ୍ଟାମୁଣ୍ଡାଇ ସହର ଗଠନ ପାଇଁ ଆହ୍ୱାନ କରିଥିଲେ। ସ୍ୱଚ୍ଛସାଥି ଓ ପୌର କର୍ମଚାରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶୁଖିଲା ଅଳିଆ ଓ ଓଦା ଅଳିଆକୁ ଅଲଗା ଅଲଗା କରି ସଫେଇ ଗାଡ଼ିରେ ଦେବାକୁ କଳାକାରମାନେ ଲୋକଙ୍କୁ ବୁଝାଇଥିଲେ। ପଲିଥିନ, ଜରି ଓ ପ୍ଲାଷ୍ଟିକ ଦ୍ରବ୍ୟ ଆଦୌ ବ୍ୟବହାର ନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସହରବାସୀଙ୍କୁ ପ୍ରତି ତିନିବର୍ଷରେ ଥରେ ଅନୁମୋଦିତ ସେଶ୍ ପୁଲ୍ ଗାଡ଼ି ଓ ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ନିଜର ପାଇଖାନା ଟାଙ୍କି ସଫା କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ୧୪୪୨୦ ନମ୍ବରକୁ ଫୋନ୍ କରିବାକୁ ସମସ୍ତଙ୍କୁ ପ୍ରବର୍ତ୍ତାଇ ଥିଲେ। ନାଟକର ଶେଷ ଦୃଶ୍ୟରେ କଳାକାରମାନେ ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ଓ ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ନୀତି ନିୟମକୁ ମାନି ଚଳିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ଅନୁମୋଦନ କ୍ରମେ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା ଧର୍ମୀ କାର୍ଯ୍ୟକ୍ରମରେ ମନୋରଞ୍ଜନ ଦାଶ, ପ୍ରଫୁଲ୍ଲ କୁମାର ଦାଶ, ସରୋଜ ପଣ୍ଡା, ପ୍ରଭଞ୍ଜନ ସ୍ୱାଇଁ ଓ ରାଜେଶ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡା ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପୌରାଧ୍ୟକ୍ଷଙ୍କ ସମେତ ପରିଷଦର ସମସ୍ତ କାଉନସିଲର ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଜଣେ ଗୁରୁତର



ଆଳି,୨।୯ (ସମିସ): ଆଜି ମଧ୍ୟାହ୍ନରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଆଳି ପୋଷ୍ଟ ଅଫିସ ସାମ୍ନାରେ ଏକ ସ୍କୁଟି ଆଗକୁ ହଠାତ ଏକ ଘରୋଇ ବସ୍ ଆସିଯିବାରୁ ସ୍କୁଟି ଚାଳକ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସ୍କୁଟି ଚାଳକଙ୍କ ଛାତି, ଅଣ୍ଟା, ମେରୁଦଣ୍ଡ, ଡାହାଣ ଗୋଡ଼ ଓ ଆଣ୍ଠୁରେ ଶକ୍ତ ଆଘାତ ଲାଗିଥିଲା। ସୂଚନା ମୁତାବକ, ରାଜକନିକା ବ୍ଲକ ମଲ୍ଲିସାହାଡ଼ା ଗ୍ରାମର ତାସିଲ ଖାନ (୪୮) ଆଜି ମଧ୍ୟାହ୍ନ ସମୟରେ ନିଜ ଗାଁରୁ ପଟ୍ଟାମୁଣ୍ଡାଇକୁ ସ୍କୁଟି ଯୋଗେ ଏକ ଜରୁରୀ କାମରେ ଯାଉଥିଲେ। ଆଳି ପୋଷ୍ଟ ଅଫିସ ଛକ ନିକଟରେ ହଠାତ ତାଙ୍କ ଗାଡ଼ି ଆଗକୁ ଏକ ଘରୋଇ ବସ୍ ମାଡ଼ି ଆସିଯିବାରୁ ସେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସଡ଼କ ବନ୍ଧୁ ସୁଶାନ୍ତ ତରାଇ ପହଞ୍ଚି ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ନିଜ ସ୍କୁଟିରେ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାସିଲଙ୍କ ଚିକିତ୍ସା କରାଇବା ପରେ ତାଙ୍କ ମେରୁଦଣ୍ଡ, ଛାତି ଓ ଅଣ୍ଟା ପାଶ୍ୱର୍ରେ ଅଧିକ ଯନ୍ତ୍ରଣା ହୋଇ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

# ସାପ କାମୁଡ଼ାରେ ବୃଦ୍ଧ ଗୁରୁତର



ଆଳି,୨।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ କାଣୀନଦୀ ପାଶ୍ୱର୍ ଗାଁ ବାଳକାଟୀ ପଞ୍ଚାୟତ ରାଣୀପୋଖରୀ ଗ୍ରାମର ବୃଦ୍ଧ ସୁନାକାର ମଲିକ (୬୦) ଆଜି ଚାଷ କାର୍ଯ୍ୟ ନିମନ୍ତେ ବିଲକୁ ଯାଇଥିବା ସମୟରେ ତାଙ୍କ ଡାହାଣ ଗୋଡ଼ ପାଦକୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବା ପରେ ସୁନାକାର ଚିତ୍କାର କରିବାକୁ ଲାଗିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତୁରନ୍ତ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚଳିତ ବର୍ଷ ତିନିଥର ବନ୍ୟା ପାଇଁ ସାପ କାମୁଡ଼ାରେ ବହୁ ଜନଜୀବନ କ୍ଷୟକ୍ଷତି ହେଉଥିବା ଦେଖିବାକୁ ମିଳୁଛି। ପରିତାପର ବିଷୟ ବଜ୍ରାଘାତ ଓ ସର୍ପାଘାତ ସଚେତନତା ପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଆଳି ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ହେଉ ନ ଥିବା ଅଭିଯୋଗ ହୋଇଛି।

ଚନ୍ଦ୍ରଶିଖର-ପଶ୍ଚିମଭେଡ଼ା ରାସ୍ତା ଶୋଚନୀୟ

# ଖାଲରେ ପଡ଼ି ବାଇକ୍ ଆରୋହୀ ମୃତ

ରାଜନଗର,୨।୯ (ସମିସ)



ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ମରାମତି ପାଇଁ ଲୋକେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ରାସ୍ତାକୁ ସବୁଦିନିଆ ରାସ୍ତା କରିବା ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅର୍ଥ ଯୋଗାଇ ଦିଆଯାଇଥିଲା। ମାତ୍ର ସେ ସ୍ଥାନରେ ରାସ୍ତା ନ କରି ପ୍ରଭାବଶାଳୀ ନେତାଙ୍କ କଥାରେ ଅନ୍ୟ ସ୍ଥାନରେ ରାସ୍ତା କରିଗଲା। ଫଳସ୍ୱରୂପ ଆଜି ଚନ୍ଦ୍ରଶିଖର-ପଶ୍ଚିମଭେଡା ରାସ୍ତାରେ ହୋଇଥିବା ଖାଲରେ ପଡ଼ି ଜଣେ ବାଇକ୍ ଆରୋହୀଙ୍କ ଜୀବନଯାଇଛି।

ରାଜନଗର ଥାନା ଭିତରଗଡ଼ ପଞ୍ଚାୟତ ଅନ୍ତର୍ଗତ ଚାରିପୋଖରୀଆ ଗ୍ରାମର କଳାକାର ରାଉତ (୬୦ ବର୍ଷ) ଆଜି ସକାଳେ ବିଲ ବାଛିବାକୁ ଯାଇଥିଲେ। ବିଲରୁ ଫେରି ବାଇକ୍ ନେଇ ସାର ଆଣିବାକୁ ଚନ୍ଦ୍ରଶିଖର-ପଶ୍ଚିମଭେଡ଼ା ରାସ୍ତାରେ କୁରୁଣ୍ଟି ଯାଉଥିଲେ। ପଶ୍ଚିମଭେଡ଼ା ଗାଁ ଶେଷ ମୁଣ୍ଡରେ ରାସ୍ତାରେ ହୋଇଥିବା ବିରାଟ ଖାଲରେ ବାଇକ୍ ସହ କଳାକାର ପଡ଼ିଯାଇଥିଲେ। ନିଜେ ଉଠିବା ସହ ପାଖ ଘରୁ ବାଲ୍‌ଟି ଆଣି ଗାଡ଼ି ଧୋଇବା ସହ ନିଜେ ଧୋଇ ହୋଇଥିଲେ। ଏହାପରେ ହଠାତ୍ ତାଙ୍କ ମୁଣ୍ଡ କ'ଣ ହେଉଛି କହି ବସିପଡ଼ିଥିଲେ। ରାସ୍ତାର ସେହି ଖାଲ ପାଖରେ ହିଁ କଳାକାର ଟଳି ପଡ଼ିଥିଲେ। ପରିବାର ଲୋକେ କଳାକାରଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାସ୍ତାରେ ଖାଲ କାରଣରୁ ଚାଷୀଙ୍କ ଜୀବନ ଯିବା ଘଟଣା ରାଜନଗର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

# ପାଟକୁରା ନିର୍ବାଚନମଣ୍ଡଳୀରେ ସଂଗଠନ ସୃଜନ ଅଭିଯାନ



ଡେରାବିଶ,୨।୯ (ସମିସ): ଡେରାବିଶ ବ୍ଲକ୍ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରସ୍ଥ ଶାରଳା ମଣ୍ଡପରେ ଆଜି ପାଟକୁରା ନିର୍ବାଚନମଣ୍ଡଳୀର ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। କଂଗ୍ରେସ ଦଳର କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା କର୍ଣ୍ଣାଟକ ରାଜ୍ୟ ପ୍ରଭାରୀ ତଥା ଏଆଇସିସି ସେକ୍ରେଟାରୀ ଗୋପୀନାଥ ପାଲାନିୟପ୍ପନ, କଂଗ୍ରେସ ଦଳର ବିଞ୍ଝାରପୁର ବିଧାୟକ ପ୍ରାର୍ଥିନୀ କନକଲତା ମଲିକ ଓ ମାନସ କରଙ୍କ ଉପସ୍ଥିତିରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଟକୁରା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଉପସ୍ଥିତ ରହି କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଚୟନରେ ନିଜର ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରାଯାଇ ଉପଯୁକ୍ତ ଜିଲ୍ଲା ସଭାପତି ଚୟନ କରାଯିବ ବୋଲି ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡେରାବିଶ ବ୍ଲକର କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନ, ବ୍ଲକ ସଭାପତି ଉମେଶ ତ୍ରିପାଠୀ, ବ୍ଲକ୍ ସଭାନେତ୍ରୀ ରଶ୍ମିତା ମହାନ୍ତି, ଡେରାବିଶ ବ୍ଲକ୍ ପୂର୍ବତନ ସଭାପତି ଅନନ୍ତ ପାତ୍ର, ରଶ୍ମିରଞ୍ଜନ ପଣ୍ଡା, ଜୟଦେବ ପରିଡ଼ା, ମାନସ ମଲିକ, କୈଳାସ କର, ସୁବାସ ସାମଲ, ଗରଦପୁର ବ୍ଲକ୍ ସଭାପତିଙ୍କ ସମେତ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତରୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଗଣେଶ ଭସାଣ ଉତ୍ସବ

# ଡିଜେ ସାଉଣ୍ଡରେ କମ୍ପିଲା ବନ୍ଦର ସହର

ପାରାଦୀପ,୨।୯ (ସମିସ): ବନ୍ଦର ସହର ପାରାଦୀପରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ସପ୍ତାହ ବ୍ୟାପୀ ଚାଲିଥିବାବେଳେ ଭସାଣ ପର୍ବ ଅନୁଷ୍ଠିତ ହୋଇଛି । ଗତକାଲି କେତେକ କ୍ଲବ ଭସାଣି ଉତ୍ସବ ଶେଷ କରିଥିବାବେଳେ ଆଜି ସନ୍ଧ୍ୟାରେ କେତେକ କ୍ଲବର ଭସାଣ ଉତ୍ସବ ଆୟୋଜିତ ହୋଇଛି । ତେବେ ଗତକାଲି ନୂଆବଜାର ମାର୍କେଟ କଳିଙ୍ଗ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଭସାଣ ଉତ୍ସବରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଥାନା ପର୍ଯ୍ୟନ୍ତ କଥା ଯାଇଥିଲା । ପୁଲିସ ଡିଜେକୁ ଥାନାରେ ଅଟକ ରଖି କାର୍ଯ୍ୟକ୍ରମକୁ ବନ୍ଦ କରିଥିଲା । ଆଜି ସନ୍ଧ୍ୟାରେ ସମ୍ରାଟ ମେମୋରିଆଲ କ୍ଲବ ପକ୍ଷରୁ ଭସାଣି ଉତ୍ସବ ସମାପନ ହୋଇଛି । ତାରିଣୀଗଡା ୟୁଥ ଫେଡରେସନ କ୍ଲବ, କବରଖାନା ସୁପର ଷ୍ଟାର କ୍ଲବ, ଏୟାରଟେଲ ଛକ ଶିବଶକ୍ତି ୟୁଥ କ୍ଲବ ପକ୍ଷରୁ ଆସନ୍ତାକାଲି ଭସାଣି ଉତ୍ସବ ଅନୁଷ୍ଠିତ ହେବ । ସେହିପରି ମଧୁବନ ୟୁଥ କ୍ଲବ ପକ୍ଷରୁ ଶୁକ୍ରବାର ଭସାଣି ଉତ୍ସବ ହେବା ଜଣାପଡିଛି । ଏହି ଭସାଣି ଉତ୍ସବରେ ଡିଜେ ବାଜିବାକୁ ନେଇ ପ୍ରଶାସନର ରହିଥିବା ନିୟମକୁ ଯେପରି ଉଲ୍ଲଙ୍ଘନ କରା ନ ଯାଏ ସେନେଇ ପୁଲିସ ସତର୍କ ରହିଛି । ଏହି ଭାଷାଣି ଉତ୍ସବରେ କମ୍ ସାଉଣ୍ଡରେ ଡିଜେ ବଜାଇବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲେ ହେଁ ଗଣେଶ କମିଟି ବା କ୍ଲବ ପକ୍ଷରୁ ଏହାକୁ ପାଳନ କରିବାକୁ ପୁଲିସ ଭସାଣି ଅନୁମତି ନେବା ବେଳେ ସତର୍କ କରାଇଛି । ତେବେ କେତେକ ଜାଗାରେ ମତୁଆଲା ଯୁବକ ଅଧିକ ସାଉଣ୍ଡରେ ଡିଜେ ବଜାଉଥିବା ଦେଖିବାକୁ ମିଳିଛି । କାଲି ଓ ଆଜି ସନ୍ଧ୍ୟାରେ ବିଭିନ୍ନ କ୍ଲବ ଓ କମିଟି ପକ୍ଷରୁ ଶୋଭାଯାତ୍ରାରେ ଅଧିକ ସାଉଣ୍ଡରେ ଡିଜେ ବାଜିଥିଲା । ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମେରୀ ଏଲିଜା ନର୍ସିଂ କଲେଜରେ ରାଷ୍ଟ୍ରୀୟ ପୋଷଣ ସପ୍ତାହ




ତିର୍ତ୍ତୋଲ,୨।୯ (ସମିସ): ସାରା ଦେଶରେ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣସପ୍ତାହ ପାଳନ ପରିପ୍ରେକ୍ଷୀରେ ତିର୍ତ୍ତୋଲସ୍ଥ ମେରୀ ଏଲିଜା ନର୍ସିଂ ମହାବିଦ୍ୟାଳୟରେ ଏହା ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଜୀବନବଲ୍ଲଭ ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ ୧୦୦ରୁ ଅଧିକ ବିଏସସି ନର୍ସିଂ ଓ ଜିଏନଏମ ଛାତ୍ରୀ ୮ଟି ପ୍ରକଳ୍ପ ଜରିଆରେ ସୁଷମ ଖାଦ୍ୟ ଦ୍ୱାରା କିପରି ସୁସ୍ଥ ଓ ନିରାମୟ ଜୀବନଯାପନ ହାସଲ କରିହେବ ପ୍ରଦର୍ଶିତ କରିଥିଲେ । ତିର୍ତ୍ତୋଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ରସାୟନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ କ୍ଷୀରୋଦ ଓଝା ପରିଦର୍ଶକ ଭାବେ ପ୍ରକଳ୍ପ ବୁଲି ଦେଖିବା ସହ ସମୀକ୍ଷା କରିଥିଲେ । ମହାବିଦ୍ୟାଳୟ ପରିସରରେ ଥିବା ଆଇଟିଆଇ, ଉଚ୍ଚମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ, ବିବିଏ, ବିସିଏ ଓ ଫାର୍ମାସୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ନର୍ସିଂ ଛାତ୍ରୀଙ୍କଠାରୁ କିପରି ସୁଷମ ଖାଦ୍ୟ ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିହେବ, ସେ ସମ୍ପର୍କରେ ବୁଝିଥିଲେ । ଅଧ୍ୟକ୍ଷା ଗୀତାଞ୍ଜଳି ଦାସ, ପ୍ରକଳ୍ପ ପ୍ରଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଶ୍ୱରଞ୍ଜନ ସାହୁ, ବରଦା ପ୍ରସନ୍ନ ସେନାପତି ଓ ରାଜେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ଇଫ୍‌କୋ ଲେଡିଜ୍ କ୍ଲବ୍‌ର ସଫଳତା



ପାରାଦୀପ,୨।୯ (ସମିସ): ଜୟଦେବ ସଦନରେ ମହିଳା ସମାନତା ଦିବସ ଅବସରରେ ଆୟୋଜିତ ଆନ୍ତଃକ୍ଲବ ନାଟକ ପ୍ରତିଯୋଗିତାରେ ଇଫ୍‌କୋର ଜ୍ୟୋତି ଲେଡିଜ କ୍ଲବ ଉଚ୍ଚକୋଟୀର ପ୍ରଦର୍ଶନ କରି ସଫଳତା ଅର୍ଜନ କରିଛି । ସୃଜନଶୀଳତା ଓ ଦଳଗତ ଭାବେ ଚମତ୍କାର ନାଟକ ପ୍ରଦର୍ଶନରେ କ୍ଲବ ଅନେକ ପୁରସ୍କାର ହାସଲ କରିଛି । ଶ୍ରେଷ୍ଠ ନାଟକ, ପୋଷାକ, ଅଭିନେତ୍ରୀରେ ଦୁଇଟି, ସହାୟକ ଅଭିନେତା ପୁରସ୍କାର ସହ କ୍ରୀଡ଼ା ଚାମ୍ପିଅନ ଟ୍ରଫି ଓ ମାନନି ଚାମ୍ପିଅନ ଟ୍ରଫି ହାସଲ କରି ଜ୍ୟୋତି ଲେଡିଜ କ୍ଲବ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି । କ୍ଲବର ସଭାନେତ୍ରୀ ସନ୍ଦୀପା ସୁଚରିତା ରଥ ଓ ସମ୍ପାଦିକା ଲିପିକା ଦଳାଇଙ୍କ ଦକ୍ଷ ନେତୃତ୍ୱ ଓ ସମସ୍ତଙ୍କ ପୂର୍ଣ୍ଣ ସମର୍ଥନରେ ଏହି ସଫଳତା ସମ୍ଭବ ହୋଇପାରିଥିବା କୁହାଯାଇଛି ।

# ସ୍ନାକ୍ସ ଦୋକାନରେ ଅଗ୍ନିକାଣ୍ଡ

ପାରାଦୀପ, ୨।୯ (ସମିସ): ଆଜି ଭୋରୁ ବଡପଡ଼ିଆ ମାର୍କେଟରେ ଥିବା ସ୍ନାକ୍ସ ଦୋକାନରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ଏଥିରେ ଦୋକାନର ବିଶେଷ କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଦୁଇ କିମ୍ବା ତିନୋଟି ସ୍ନାକ୍ସ ରହିଥିବା ଟ୍ରେ ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ଏହାକୁ ଦେଖି ସ୍ଥାନୀୟ କିଛି ଦୋକାନୀ ମେନ ସୁଇଚରୁ କରେଣ୍ଟ ପ୍ରଥମେ କାଟି ଦେଇଥିଲେ । ଯଦ୍ୱାରା ନିଆଁ ଆଉ ଅଧିକ ଲାଗି ନ ଥିଲା । ପାଣି ପକାଇବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ଫଳରେ ବଡପଡ଼ିଆ ମାର୍କେଟ ବଡ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିବା କୁହାଯାଉଛି । ବଡପଡ଼ିଆ ମାର୍କେଟର ଦୋକାନ ଯେଉଁଭଳି ଭାବେ ଲାଗିଲାଗି ରହିଛି, ବଡ଼ ଅଘଟଣ ଘଟିଥା'ନ୍ତା । ତେବେ ନିଆଁକୁ ଆୟତ୍ତ କରାଯାଇଥିଲା । ଯଦି ରାତିରେ ଏଭଳି ଅଘଟଣ ଘଟିଥାନ୍ତା ତେବେ ମାର୍କେଟର ବହୁତ କ୍ଷୟକ୍ଷତି ହୋଇଥାନ୍ତା ବୋଲି ଅନୁମାନ କରାଯାଉଛି ।

## ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି ବୈଠକ

# କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

ଜଗତସିଂହପୁର,୨।୯ (ସମିସ)




ଜଗତସିଂହପୁର ଜିଲ୍ଲାସ୍ତରୀୟ ଉନ୍ନୟନ, ସମନ୍ୱୟ ଓ ତଦାରଖ (ଦିଶା) କମିଟିର ଷଷ୍ଠ ବୈଠକ ସୋମବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ଶ୍ରୀ ତରାଇ ସୂଚନା ଦେଇଥିଲେ । ଏସବୁ ଯୋଜନାର ସଠିକ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ଦିଶା କମିଟିର ସମସ୍ତ ଲୋକପ୍ରତିନିଧି, ସଭ୍ୟ/ସଭ୍ୟା ଓ ସମ୍ପୃକ୍ତ ବିଭାଗର ଅଧିକାରୀ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ରହିଛି ବୋଲି ସାଂସଦ ମତବ୍ୟକ୍ତ କରିଥିଲେ ।

ଉକ୍ତ ବୈଠକରେ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ପାନୀୟଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ, ସମନ୍ୱିତ ଶିଶୁ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ହେଲଥ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା, କାମଧେନୁ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ୍ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରାଣୀ ସମ୍ପଦ ବିଭାଗର ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ପୂର୍ବକ ସମୀକ୍ଷା କରାଯାଇଥିଲା । ବୈଠକରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଜିଲ୍ଲାପାଳ ଜେ. ସୋନାଲ, ଜିଲ୍ଲା ପରିଷଦର ଉପସଭାପତି ସୁଜାତା ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଓ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ନିଜର ମତ ଉପସ୍ଥାପନ କରିଥିଲେ । ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଜିଲ୍ଲାର ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଅନ୍ୟାନ୍ୟ ଜନପ୍ରତିନିଧି ଓ ଦିଶା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପ୍ରଶାସନର ଅଣଦେଖା

# ୫ ଅସହାୟ ପରିବାର ଆବାସରୁ ବଞ୍ଚିତ







ବାଲିକୁଦା,୨।୯ (ସମିସ): ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତ ବାଲିସାହି ଗ୍ରାମର ୫ ଅସହାୟ ପରିବାର ଆବାସ ଯୋଜନାରୁ ବଞ୍ଚିତ ଅଛନ୍ତି । ଏପରିକି ଅଳ୍ପ ବୟସରେ ବୈଧବ ଜୀବନ ବିତାଉଥିବା ସାମସେରା ବିବିଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନ ଥିବା ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି ।

ସୂଚନା ମୁତାବକ, ବାଲିସାହି ଗ୍ରାମର ବୁଦ୍ଧିଆ ଦାସ, ସାମସେରା ବିବି, ଭାରତୀ ସାହାଣୀ, ବନିତା ଗୋଚ୍ଛାୟତ, ପୂଜାରାଣୀ ଗୋଚ୍ଛାୟତ ପ୍ରମୁଖ ଆବାସ ଯୋଜନାରେ ସାମିଲ ପାଇଁ ସମସ୍ତ ଯୋଗ୍ୟତା ରଖିଥିବାବେଳେ ଏହି ଅସହାୟ ପରିବାର ପ୍ରତି ନିଦାବିଷ୍ଣୁ ସାଜିଛି ବ୍ଲକ ପ୍ରଶାସନ । ବାରମ୍ବାର ଆବେଦନ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ମଧ୍ୟ ତଦନ୍ତ ଆଳରେ ମିଥ୍ୟା ପ୍ରତିଶ୍ରୁତି ଦେଇ ବ୍ଲକ ପ୍ରଶାସନ ଭଣ୍ଡାଉଥିବା ଅଭିଯୋଗ କରିଛନ୍ତି ଏସବୁ ପରିବାର । ଭଙ୍ଗା ଚାଳ ଛପର ଘରେ ବର୍ଷାଦିନେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ରହୁଛନ୍ତି ଏହି ପରିବାର । ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବା ଏହି ପରିବାରର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିବାବେଳେ ଘରଡିହ ଛଡ଼ା ଚାଷଜମି ଖଣ୍ଡିଏ ମଧ୍ୟ ନାହିଁ । ପକ୍କାଘର ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଥିବାବେଳେ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଯୋଜନା କାର୍ଯ୍ୟକାରୀ କେଉଁଙ୍କ ପାଇଁ କରିଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି ଏହି ପରିବାର । ଏଣୁ ସରକାର ତଦନ୍ତ କରି ଗୃହ ଯୋଗାଇ ଦେବାକୁ ଦାବି ହୋଇଛି ।

# ସରକାରୀ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ନାଗରିକ ସଂଘ ବୈଠକ



ବାଲିକୁଦା,୨।୯ (ସମିସ): ବାଲିକୁଦା ଥାନା ପରିସରରେ ବାଲିକୁଦା ସରକାରୀ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ନାଗରିକ ସଂଘର ୪୯ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଶରତ କିଶୋର କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନଗରିକଙ୍କ ଦୀର୍ଘାୟୁ କାମନା କରିବା ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏ ଅବସରରେ ସଂଘରେ ନୂତନ ଭାବେ ପଞ୍ଜିକୃତ କରିଥିବା ସଦସ୍ୟ/ସଦସ୍ୟା କୈଳାସ ଚନ୍ଦ୍ର ରାଉତ, କିଶୋର ଚନ୍ଦ୍ର ସାହୁ, ସଂଯୁକ୍ତା ନାୟକ, ଅଜୟ ମହାନ୍ତି, ନିକୁଞ୍ଜ ବିହାରୀ ନାୟକ, ଧନଞ୍ଜୟ ସ୍ୱାଇଁ, ପ୍ରମିଳା ସେଠୀ, କଲ୍ୟାଣୀ ସ୍ୱାଇଁ, ବସନ୍ତ ସେଠୀ, ଯୋଗୀ ଦାସ, ମାଗୁ ସେଠୀ, କେଦାର ଚରଣ ସ୍ୱାଇଁ, ପଦ୍ମଚରଣ ସ୍ୱାଇଁ, ନବଘନ ପରିଡ଼ା ପ୍ରମୁଖଙ୍କୁ ମୁଖ୍ୟଅତିଥି ଶ୍ରୀ ସାହୁ ପରିଚୟପତ୍ର ପ୍ରଦାନ କରିଥିଲେ । ଏହି ବୈଠକରେ ସଂଘର ସମସ୍ତ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ ।

# ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ



ଡେରାବିଶ, ୨।୯ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଇନ୍ଦାଲୋ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଅନୀଲ ସାମନ୍ତରାୟ (୬୩)ଙ୍କ ଗତକାଲି ପରଲୋକ ହୋଇଯାଇଛି । ଶ୍ରୀ ସାମନ୍ତରାୟ ଅଢ଼ଙ୍ଗା ଗ୍ରାମରୁ ତିନିଥର ୱାଡର୍ ମେମ୍ବର ଭାବେ ନିର୍ବାଚିତ ହୋଇଥିବାବେଳେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଇନ୍ଦାଲୋ ପଞ୍ଚାୟତର ନାଏବ ସରପଞ୍ଚ ଭାବେ ସୁଚାରୁରୂପେ କାର୍ଯ୍ୟ କରିଥିଲେ । ୬ ମାସ ପୂର୍ବେ ଶ୍ରୀ ସାମନ୍ତରାୟ ଚାନ୍ଦୋଳ ବଜାରରୁ ଫେରି ନିଜ ଗ୍ରାମ ଅଭିମୁଖେ ଯାଉଥିବାବେଳେ ଫାଣ୍ଡିବର ଛକ ନିକଟରେ ତାଙ୍କ ବାଇକ୍ ଉପରକୁ ଏକ ମାଙ୍କଡ଼ କୁଦା ମାରିବାରୁ ସେ ତଳେ ପଡ଼ିଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ଡାକ୍ତର ତାଙ୍କୁ ସପ୍ତାହକ ତଳେ ଘରକୁ ପଠାଇ ଦେଇଥିଲେ । ଗତକାଲି ତାଙ୍କର ପରଲୋକ ହୋଇଯାଇଥିଲା । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ସାନଝିଅ ସ୍ମୃତିପ୍ରଜ୍ଞା ମୁଖାଗ୍ନି ଦେଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ବଡ଼ଝିଅ, ଭାଇ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଶିକ୍ଷାବିତ୍ ସୁଧାକର ସାମନ୍ତରାୟ, ପ୍ରଶାନ୍ତ ସାମନ୍ତରାୟ, ସନ୍ତୋଷ ସାମନ୍ତରାୟ, ଜନ୍ମେଜୟ ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

# 'ଶିଆଳିରେ ଉପକୂଳ କ୍ଷୟ ଆଶଙ୍କା ଓ ହେନ୍ତାଳ ବଣ ପୁନରୁଦ୍ଧାର' କର୍ମଶାଳା

ଜଗତସିଂହପୁର,୨।୯ (ସମିସ)




ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ, ଜିଲ୍ଲା ପ୍ରକୃତିବନ୍ଧୁ ପରିଷଦ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଜିଲ୍ଲା ଶାଖା ମିଳିତ ଆନୁକୂଲ୍ୟରେ ଓଡ଼ିଶା ପରିବେଶ ସମିତି ବୈଷୟିକ ସହାୟତାରେ ଏରସମା ବ୍ଲକ୍ ଅନ୍ତର୍ଗତ ଗଡ଼ହରିଶପୁର ପଞ୍ଚାୟତସ୍ଥ ସରବନ୍ତର ବଳଦେବଜୀଉ ମନ୍ଦିର ପରିସରରେ 'ଶିଆଳି ବେଳାଭୂମିରେ ଉପକୂଳ କ୍ଷୟ ଆଶଙ୍କା ଓ ହେନ୍ତାଳ ବଣ ପୁନରୁଦ୍ଧାର' ଶୀର୍ଷକ ଏକଦିବସୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଶିକ୍ଷାବିତ୍ ପ୍ରକାଶ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାକୁ ସ୍ଥାନୀୟ ବୟୋଜ୍ୟେଷ୍ଠ ସମାଜସେବୀ ନକୁଳାନନ୍ଦ ବେହେରା ଉଦ୍‌ଘାଟନ କରିଥିବାବେଳେ କାର୍ଯ୍ୟକ୍ରମ ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପଦ୍ମପୁର ପଞ୍ଚାୟତ ସମିତି ସଭ୍ୟ ନାରାୟଣ ସେଠୀ ଓ ଗଡ଼ହରିଶପୁର ସମିତି ସଭ୍ୟଙ୍କ ପ୍ରତିନିଧି ଭୀମସେନ ରାଉତ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପରିଷଦର ଯୁଗ୍ମସମ୍ପାଦିକା ସ୍ମିତା ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗଛ ମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଇନ୍‌ସାଫର କାର୍ଯ୍ୟକାରୀ ସଭାପତି ସାହିତ୍ୟିକ ମହେନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଷୟିକ ସମ୍ମାନରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ, ସମ୍ମାନିତ ବକ୍ତା ଭାବେ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଓ ପଞ୍ଚାୟତିରାଜ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଦିଲ୍ଲୀପ ରାୟ ଯୋଗଦେଇ ଉପକୂଳ କ୍ଷୟର କାରଣ, ପ୍ରଭାବ ଓ ସମାଧାନର ବହୁବିଧ ଉପାୟମାନ ସମ୍ପର୍କରେ ଦର୍ଶାଇବା ସହ ହେନ୍ତାଳ ବଣର ଉପକୂଳ କ୍ଷୟରୋଧୀ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ ସ୍ଥାନୀୟ ମାର୍କଣ୍ଡ ବିଦ୍ୟାମନ୍ଦିର, ଗଡହରିଶପୁର ଓ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ଓଲରାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରକୃତିବନ୍ଧୁ ପରିଷଦର ଉପସଭାପତି ଡକ୍ଟର ଶରତ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଦଳଗତ ଆଲୋଚନା ଓ ପର୍ଯ୍ୟାଲୋଚନା ଅଧିବେଶନରେ ଲୋକସଂସଦର ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ଅଧ୍ୟକ୍ଷତାରେ ସମ୍ମାନିତ ବକ୍ତା ଭାବେ ରିଲାଏନ୍ସ ଫାଉଣ୍ଡେସନ୍‌ର ରାଜ୍ୟ ପ୍ରକଳ୍ପ ଅଧିକାରୀ ଜ୍ୟୋତିର୍ମୟ ବିଶ୍ୱାଳ ଓ ଶିଆଳିସ୍ଥ ଦୋଳଗୋବିନ୍ଦ ଯୁବ ସଂଗଠନର ସମ୍ପାଦକ ସୁଶାନ୍ତ ସାମନ୍ତ ପ୍ରମୁଖ ଯୋଗଦେଇ ହେନ୍ତାଳବଣ ସୃଷ୍ଟି ଦିଗରେ ନିରନ୍ତର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିବା ସହ ତା'ର ସୁରକ୍ଷାରେ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ । ଆଞ୍ଚଳିକ ସଂଯୋଜକ ତଥା ଶିକ୍ଷାବିତ୍ ନିମାଁଇ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ପରେ ଓଡ଼ିଶା ପରିବେଶ ସମିତି ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପାରାଦୀପ ଆଞ୍ଚଳିକ ଶାଖାର ମିଳିତ ଆନୁକୂଲ୍ୟରେ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଉପାଦେୟ ଫଳଚାରା ରୋପଣ କରାଯାଇଥିଲା । ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ବିଜୟ ବେହେରା ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରୋହିତ ମହାପାତ୍ର, ସଂଯମ କିଶୋର ମହାନ୍ତି, କନକଲତା ପରିଡା, ଡକ୍ଟର ବସନ୍ତ ମଞ୍ଜରୀ ଦାସ, ରାମଚନ୍ଦ୍ର ଶତପଥୀ, ରାଜକିଶୋର ବିଶ୍ୱାଳ, ମନୋଜ ନାୟକ, ପ୍ରାଣନାଥ ମିଶ୍ର, ପ୍ରଫୁଲ୍ଲ ଷଡଙ୍ଗୀ, ଦିବ୍ୟଜୀବନ ବେହେରା, ଶରତ ପଣ୍ଡା, ଚିତ୍ତରଞ୍ଜନ ଗୁରୁ, ଅବନୀକାନ୍ତ ମହାରଣା ପ୍ରମୁଖ ଏହି କର୍ମଶାଳାକୁ ପରିଚାଳନା କରିଥିଲେ । କର୍ମଶାଳାରେ ଏକଶହରୁ ଅଧିକ ପରିବେଶପ୍ରେମୀ, ଯୁବ ସଂଗଠନର ସଦସ୍ୟସଦସ୍ୟା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗ ଦେଇଥିଲେ । ଶେଷରେ ଶିଆଳି ବେଳାଭୂମି ଭ୍ରମଣରେ ଯାଇ ବିଶେଷଜ୍ଞ ଦଳ ସ୍ଥିତି ଅନୁଧ୍ୟାନ କରିଥିଲେ ।

# ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ପରଲୋକ



ବାଲିକୁଦା,୨।୯ (ସମିସ): ବୋରିକିନା ପଞ୍ଚାୟତର ଓଳାଶ ଗ୍ରାମରେ ଜନ୍ମିତ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମୂଲ୍ୟ ମହାନ୍ତି (୭୧)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ମରଶରୀରକୁ ନୟାଗଡସ୍ଥ ବାସଭବନ ନିଆଯାଇଥିବାବେଳେ ନୟାଗଡ଼ ଥାନା ପରିସରରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ଓ ପରେ ପୁରୀ ସ୍ୱର୍ଗଦ୍ୱାର ଶେଷକୃତ୍ୟ କରାଯାଇଥିଲା । ପୁଅ ରୟାଲ ମହାନ୍ତି ମୁଖାଗ୍ନି ଦେଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ବାଲିକୁଦାର ବରିଷ୍ଠ ସାମ୍ବାଦିକ ସଞ୍ଜୟ ମହାନ୍ତି, ପତ୍ନୀ, ପୁଅବୋହୂ ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସେ ରାଜ୍ୟର ବିଭିନ୍ନ ଥାନାରେ ନିଷ୍ଠାର ସହ କାର୍ଯ୍ୟ କରିବା ସହ ଅନେକ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କୁ ରାଷ୍ଟ୍ରପତି ସାହସିକତା ପୁରସ୍କାର ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଦୁର୍ଦ୍ଦାନ୍ତ ଅପରାଧୀ ଛୁଆଳ ସିଂକୁ ଏନକାଉଣ୍ଟର କରିବା ପରେ ସାରା ରାଜ୍ୟରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା । ଅବସର ପରେ ନୟାଗଡ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଥିବାବେଳେ ରାଜନୀତିରେ ରୁଚି ରଖିଥିବା କାରଣରୁ ସେ ବିଜୁ ଜନତା ଦଳରେ ସାମିଲ ହୋଇ ନୟାଗଡ ଏନଏସି ବିଜେଡି ସଭାପତି ହୋଇଥିଲେ । ବାଲିକୁଦା ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ସୁପ୍ରିମକୋର୍ଟ ଆଇନଜୀବୀ ଡଃ ସୁଶାନ୍ତ କୁମାର କାନୁନଗୋ, ଆଇନଜୀବୀ ଡଃ ବୀରନାରାୟଣ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ଏମ୍‌କେସିଜିରେ ରାଗିଂ ଘଟଣାରେ ସତ୍ୟତା ନାହିଁ



ବ୍ରହ୍ମପୁର, ୨।୯ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଦ୍ୱିତୀୟ ବର୍ଷର ଜଣେ ଡାକ୍ତରୀ ଛାତ୍ରଙ୍କୁ ରାଗିଂ କରାଯାଇଥିବା ନେଇ ଘଟଣାରେ କୌଣସି ସତ୍ୟତା ନାହିଁ। ଆଜି କଲେଜରେ ଅନୁଷ୍ଠିତ ଆଣ୍ଟି ରାଗିଂ ବୈଠକରେ ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶ ଏହା ସ୍ପଷ୍ଟ କରିଛନ୍ତି। ଅଗଷ୍ଟ ୧୮ ତାରିଖରେ ଆହୂତ ବୈଠକ ସ୍ୱେଚ୍ଛାକୃତ ଥିଲା। ଏଥିରେ କୌଣସି ବାଧ୍ୟବାଧକତା ନଥିଲା। ଅଭିଯୋଗକୁ ନେଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି ଏବଂ ନାଚଗୀତ କରାଇବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଡିନ୍ ପ୍ରଫେସର ଡା. ଦାଶ କହିଛନ୍ତି। ଏଥିସହ ବରିଷ୍ଠ ଛାତ୍ରମାନେ ଜୁନିଅରଙ୍କୁ ଦୁର୍ବ୍ୟବହାର କରିବା, ଆଣ୍ଠେଇବାକୁ ବାଧ୍ୟ କରିଥିବା ଏବଂ ମଦ୍ୟପାନ କରିଥିବା ଭଳି ଅଭିଯୋଗର ମଧ୍ୟ କୌଣସି ପ୍ରମାଣ ମିଳିନଥିବା ସେ କହିଛନ୍ତି। ଆଜି କଲେଜର ଟେଲିମେଡିସିନ୍ ସମ୍ମିଳନୀ କକ୍ଷରେ ଆଣ୍ଟି ରାଗିଂ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମେଡ଼ିକାଲର ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ, ପ୍ରଫେସର୍ ଡା. ଜେ. ସାଗର ପୃଷ୍ଟି, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଟାଉନ୍ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ସମେତ ଆଣ୍ଟି ରାଗିଂ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ନୂଆପଡ଼ା ବିଧାୟକଙ୍କ ବିରୋଧରେ ନିର୍ବାଚନୀ ମକଦ୍ଦମା ହାଇକୋର୍ଟରେ ଖାରଜ

କଟକ, ୨।୯ (ସମିସ): ନୂଆପଡ଼ା ବିଧାନସଭା ଆସନରୁ ନିର୍ବାଚିତ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାଙ୍କ ପକ୍ଷରୁ ଦାୟର ମାମଲାକୁ ଆଜି ଖାରଜ କରିଦେଇଛନ୍ତି ହାଇକୋର୍ଟ। ନିର୍ବାଚନ ମକଦ୍ଦମାର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମକଦ୍ଦମାର ବିଗତ ୫ଗୋଟି ତାରିଖରେ ହୋଇଥିବା ଶୁଣାଣି ସମୟରେ ଆବେଦନକାରୀ କିମ୍ବା ତାଙ୍କ ପକ୍ଷରୁ କେହି ଆଇନଜୀବୀ ଉପସ୍ଥିତ ନଥିଲେ। ଜନପ୍ରତିନିଧି ଆଇନ ଅନୁସାରେ ଆବେଦନକାରୀଙ୍କ ତରଫରୁ କେହି ଶୁଣାଣି ସମୟରେ ବାରମ୍ବାର ଅନୁପସ୍ଥିତ ରହିଲେ ମାମଲାକୁ ୬ମାସ ମଧ୍ୟରେ ଫଇସଲା କରାଯିବା କଥା। ଏଣୁ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଅଦାଲତ ମାମଲାଟିକୁ ଖାରଜ କରିଦେଇଛନ୍ତି। ଉକ୍ତ ଆଦେଶନାମାକୁ ଭାରତର ନିର୍ବାଚନ କମିସନ ଓ ରାଜ୍ୟ ନିର୍ବାଚନ କମିସନଙ୍କ ନିକଟକୁ ପ୍ରେରଣ କରିବା ପାଇଁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ପ୍ରକାଶଥାଉକି ନୂଆପଡ଼ା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଶ୍ରୀ ଢୋଲକିଆ ୬୧୮୨୨ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ୫୦୯୪୧ ଓ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪୮୧୪ ଭୋଟ୍ ପାଇଥିଲେ। ଶ୍ରୀ ଢୋଲକିଆଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଅଭିଯୋଗ ଆଣି ଶ୍ରୀ ପଣ୍ଡା ହାଇକୋର୍ଟରେ ଏହି ମାମଲା ଦାୟର କରିଥିଲେ।

# ୪ ବାଘଦାନ୍ତ ଜବତ; ୨ ଶିକାରୀ ଗିରଫ



ମୋହନା, ୨।୯ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଗୋଛାଗୁଡ଼ା ଗ୍ରାମରେ ଚଢ଼ଉ କରି ବନ ବିଭାଗ ୨ ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ସେହି ଗ୍ରାମର ଲୁଲୁ ମଲିକ ଏବଂ ଶୁକଦେବ ମଲିକ। ସେମାନଙ୍କଠାରୁ ୪ କଲରାପତରିଆ ବାଘ ଦାନ୍ତ, ଗୋଟିଏ ଧନୁତୀର, ଦେଶୀ ବନ୍ଧୁକ ଗୁଳି, ୪ଟି ଫାଶ ଜବତ କରାଯାଇଛି। ଗଜପତି ବନ ବିଭାଗ ଏସିଏଫ୍ ସାଇନିଶ୍ରୀ ଦାସଙ୍କ ସୂଚନାନୁଯାୟୀ, ଏମାନେ ଗୋଛାଗୁଡ଼ା ଜଙ୍ଗଲରେ ବାଘ ଶିକାର କରି ଏହାର ଛାଲ ଏବଂ ଦାନ୍ତ ବିକ୍ରି କରୁଥିଲେ। କିଛି ମାସ ତଳେ ଗୋଛାଗୁଡ଼ା ଗ୍ରାମର ଚିତ୍ର ମଲିକକୁ ବାଘଛାଲ ସହ ଗିରଫ କରିଥିଲା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବନ ବିଭାଗ। ଗିରଫ ଚିତ୍ରଙ୍କ ସୂଚନା ଆଧାରରେ ଆଜି ଏହି ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଥାନା ଗାଦି ମାଡ଼ି ବସିଛନ୍ତି ୭୦ ଡିଏସ୍‌ପି

## ୯୯ ଡିଏସ୍‌ପିଙ୍କୁ ୪ ମାସ ହେବ ମିଳୁନାହିଁ ନୂତନ ନିଯୁକ୍ତି

ଭୁବନେଶ୍ୱର,୨।୯ (ସମିସ): ରାଜ୍ୟ ପୁଲିସରେ ଏବେ ଅଜବ ସ୍ଥିତି । ଥାନାରେ ଇନ୍ସପେକ୍ଟରଙ୍କ ବଦଳରେ କାମ କରୁଛନ୍ତି ଡ଼ିଏସ୍‌ପି । ନିଯୁକ୍ତି ଓ ପଦୋନ୍ନତି ପରେ ମଧ୍ୟ ଏହି ଅଧିକାରୀମାନେ ପ୍ରାୟ ୭୦ ଥାନା ଗାଦି ମାଡ଼ି ବସିଛନ୍ତି । ନୂତନ ନିଯୁକ୍ତି ମିଳି ନ ଥିବାରୁ ସେମାନେ ସ୍ଥାନାନ୍ତର ହୋଇ ନ ଥିବା କୁହାଯାଉଥିଲେ ହେଁ ବାସ୍ତବରେ ଏହି ଅଧିକାରୀମାନେ ଥାନା ଛାଡ଼ି ଯିବା ପାଇଁ ମନ ବଳାଉ ନ ଥିବା ସୂଚନା ମିଳିଛି । ପୁଲିସ ବ୍ୟବସ୍ଥାରେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ପରେ ଥାନାଅଧିକାରୀ ବା ଇନ୍‌ସପେକ୍ଟରଙ୍କ ଭୂମିକା ବେଶ ପ୍ରଭାବୀ । ଇନ୍‌ସପେକ୍ଟର ପଦରେ ଯେଉଁ ପ୍ରଭାବ ଓ ପ୍ରତିଷ୍ଠା ଅଛି, ତାହା ଡ଼ିଏସ୍‌ପି ପଦରେ ନାହିଁ । ତେଣୁ ପଦୋନ୍ନତି ସତ୍ତ୍ୱେ ଅନେକ ଅଧିକାରୀ ଥାନା ଛାଡ଼ି ଯାଉ ନ ଥିବା ଅଭିଯୋଗ ହେଉଛି ।

ଗତମାସ ଏପ୍ରିଲ ମାସ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କର ନିଯୁକ୍ତି ମିଳିଥିଲା। ହେଲେ ବାକି ୯୯ ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦରେ କାର୍ଯ୍ୟ କରୁଛନ୍ତି। ଡିଏସପି ନିଯୁକ୍ତି କ୍ରମାନ୍‌ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚର ଅଧିକାରୀ ପୋଷ୍ଟିଂ ହୋଇଥିବା ବେଳେ ବରିଷ୍ଠ ମାନେ ସେହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହାର ଭିତରେ ପଦୋନ୍ନତିକୁ ୪ ମାସ ବିତିଯାଇଥିଲେ ମଧ୍ୟ ୯୯ ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନ ପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର ମାନେ ଡିଏସପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ପାଇ ଡିଏସପି ହୋଇଛନ୍ତି। ହେଲେ ଉକ୍ତ ପୁଲିସ ଜିଲ୍ଲା ଗୁଡ଼ିକରେ ମଞ୍ଜୁରୀ ପ୍ରାପ୍ତ ଡିଏସପି ପଦ ସଂଖ୍ୟା ପୂର୍ବଭଳି ରହିଛି। ଫଳରେ ପୂର୍ବ ମଞ୍ଜୁରୀ ପଦ ଅନୁସାରେ ଦରମା ଟଙ୍କା ମିଳୁଛି। ଏହାଦ୍ୱାରା ନୂଆକରି ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡିଏସପି ଭାବେ କାମ କରୁଥିବା ଅଧିକାରୀମାନେ ଇନ୍ସପେକ୍ଟର ପାହ୍ୟାର ଦରମା ପାଉଛନ୍ତି। ପଦୋନ୍ନତିର ୩ ମାସ ପରେ ମଧ୍ୟ ୯୯ ଜଣ ଡିଏସପିଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ବରିଷ୍ଠ ବ୍ୟାଚର ଅଧିକାରୀଙ୍କ ପୂର୍ବରୁ କନିଷ୍ଠ ବ୍ୟାଚର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପୁଲିସ ବିଭାଗରେ ଖରାପ ପରମ୍ପରା ସୃଷ୍ଟି ହୋଇଛି।

ପୂର୍ବରୁ ଡିଏସପି ନିଯୁକ୍ତି କ୍ଷମତା ରାଜ୍ୟ ପୁଲିସ ଡ଼ିଜିଙ୍କ ପାଖରେ ଥିଲା, ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ହାତକୁ ଯାଇଛି। ମାତ୍ର ଗୃହ ବିଭାଗ ଏହି ଅଧିକାରୀମାନଙ୍କୁ ୪ ମାସ ହେଲା ନିଯୁକ୍ତି ଦେଇପାରି ନାହିଁ। ଫଳରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଷୁଡ଼ିବାରେ ଲାଗିଥିବା ବେଳେ ପୁଲିସର ଅଧିକାରୀଙ୍କ ମନୋବଳକୁ ଆଘାତ ପହଞ୍ଚାଇଛି ବୋଲି କୁହାଯାଉଛି ।

# ଅସ୍ଥାବର ସମ୍ପତ୍ତିର ବେଞ୍ଚମାର୍କ ମୂଲ୍ୟ ଶତକଡ଼ା ଆକାରରେ ବୃଦ୍ଧି କରିବା ଡିଏଲଭିସିର କ୍ଷମତା ବହିର୍ଭୂତ: ହାଇକୋର୍ଟ

କଟକ,୨।୯ (ସମିସ): ବିଭିନ୍ନ ତହସିଲ ଅଞ୍ଚଳର ଅସ୍ଥାବର ସମ୍ପତ୍ତି ମୂଲ୍ୟକୁ ଶତକଡ଼ା ଆକାରରେ ବୃଦ୍ଧି କରିବା ଜିଲ୍ଲାସ୍ତରୀୟ ମୂଲ୍ୟାୟନ କମିଟି(ଡିଏଲଭିସି)ର କ୍ଷମତା ବହିର୍ଭୂତ। ଡିଏଲଭିସି ପକ୍ଷରୁ ଦୁଇ ବର୍ଷରେ ଥରେ ବେଞ୍ଚମାର୍କ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। ଡିଏଲଭିସି ଯେତେବେଳେ ଅବଧି ପୂରଣ ପୂର୍ବରୁ ଆଇନ ଅନୁସାରେ ସଂଶୋଧନ ମାଧ୍ୟମରେ ଏକ ବେଞ୍ଚମାର୍କ ମୂଲ୍ୟାଙ୍କନ ସ୍ଥିର କରିବାରେ ବିଫଳ ହୁଏ, ସେତେବେଳେ ଡିଏଲଭିସିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ହିଁ ବିଗତ ବର୍ଷ ତୁଳନାରେ ୧୦ ପ୍ରତିଶତ ବେଞ୍ଚ ମାର୍କ ମୂଲ୍ୟ ବୃଦ୍ଧି କରିପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମନୋରଂଜନ ବେହେରାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଗଞ୍ଜାମ ଜିଲ୍ଲା ମୂଲ୍ୟାୟନ କମିଟିର ଉପରୋକ୍ତ ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ତିନିମାସ ମଧ୍ୟରେ ଡିଏଲଭିସି ଗଠନ ସହ ବେଞ୍ଚ ମାର୍କ ମୂଲ୍ୟ ସ୍ଥିର ପାଇଁ ଆଇନ ଅନୁସାରେ ପ୍ରକ୍ରିୟା ଶେଷ କରିବାକୁ ଅଦାଲତ କହିଛନ୍ତି। ଏହି ସମୟ ପର୍ଯ୍ୟନ୍ତ ଜିଲ୍ଲାପାଳ ନିଜ କ୍ଷମତା ବଳରେ ବେଞ୍ଚମାର୍କ ୧୦ ପ୍ରତିଶତ ବୃଦ୍ଧି କରିବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଥିଲେ ଯେ ଡିଏଲଭିସି, ଗଞ୍ଜାମର ୨୦୨୨ ଜାନୁଆରି ୨୭ ତାରିଖର ନିଷ୍ପତ୍ତି ଅନୁଯାୟୀ ଆଇନର ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନ କରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଅସ୍ଥାବର ସମ୍ପତ୍ତିର ବେଞ୍ଚମାର୍କ ମୂଲ୍ୟାଙ୍କନକୁ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି କରାଯାଇଥିଲା। ଓଡ଼ିଶା ଷ୍ଟାମ୍ପ ରୁଲ୍ ଅନୁସାରେ ପୂର୍ବ ବେଞ୍ଚ ମାର୍କ ମୂଲ୍ୟାଙ୍କନରେ ବୃଦ୍ଧି ଶତକଡ଼ା ଆଧାରରେ ବୃଦ୍ଧି ପାଇଁ ଡିଏଲଭିସିକୁ କ୍ଷମତା ପ୍ରଦାନ କରାଯାଇନାହିଁ। କେବଳ ପରବର୍ତ୍ତୀ ଦୁଇ ବର୍ଷ ପାଇଁ ସଂଶୋଧନ ମାଧ୍ୟମରେ ବେଞ୍ଚ ମାର୍କ ମୂଲ୍ୟାଙ୍କନ ସ୍ଥିର କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ତେବେ ବେଆଇନ ଭାବେ ଗଞ୍ଜାମ ଜିଲ୍ଲାର ଅସ୍ଥାବର ସମ୍ପତ୍ତି ବେଞ୍ଚ ମାର୍କ ମୂଲ୍ୟ ବୃଦ୍ଧି ନିଷ୍ପତ୍ତିକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା

# ଜାମିନ ପାଇଁ ହାଇକୋର୍ଟରେ ନୀହାରଙ୍କ ସମେତ ଅନ୍ୟ ଅଭିଯୁକ୍ତ

କଟକ,୨।୯ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନକୁ ନିମ୍ନ ଅଦାଲତ ଖାରଜ କରିବା ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଟକ ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହୋଇଥିଲା। ସେହିଭଳି ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତ ଜୟନ୍ତ କୁମାର ରାଉତ, ବିଜୟ କୁମାର ମିଶ୍ର, ରାମଜୀପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ ଓ ପ୍ରଶାନ୍ତ କୁମାର ଖମାରୀ ମଧ୍ୟ ପୃଥକ ପୃଥକ୍ ଭାବେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ ଦାୟର କରିଛନ୍ତି। ଓଟିଇଟି ପ୍ରଶ୍ନପତ୍ର ଭାଇରାଲ୍ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା, ବୋର୍ଡ ଉପ ସଭାପତି ଡକ୍ଟର ମହାନ୍ତିଙ୍କ ସମେତ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା।

# ବଜ୍ରପାତରେ ଯୁବକ ମୃତ

ଖୋର୍ଦ୍ଧା,୨।୯ (ସମିସ): ମଙ୍ଗଳବାର ସକାଳୁ ବଜ୍ରପାତରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ସ୍ଥାନୀୟ ନବୀନାବାଗ ଅଞ୍ଚଳର ଲେନିନ ପାଇକରାୟ ଓରଫ ଗୁଡୁଲି (୨୬)। ମଙ୍ଗଳବାର ସକାଳୁ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଲେନିନ୍ ଘର ଦୁଆର ମୁହଁରେ ବସିଥିବା ବେଳେ ବଜ୍ରପାତରେ ଆହତ ହୋଇଥିଲେ। ସେ ରକ୍ତବାନ୍ତି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଲେନିନ୍ ଜଣେ ପରୋପକାରୀ, ଉଦୀୟମାନ ଯୁବକ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଥାଉକି, ଲେନିନ୍ ବାପା-ମାଆଙ୍କର ଏକମାତ୍ର ପୁଅ ହୋଇଥିବା ବେଳେ ଗତ ୪ମାସ ତଳେ ବାପା ଲକ୍ଷ୍ମୀନାରାୟଣ ପାଇକରାୟଙ୍କର ମୃତ୍ୟୁ ହୋଇଥିଲା। ଏବେ ଏକ ମାତ୍ର ପୁଅର ମୃତ୍ୟୁକୁ ନେଇ ପରିବାରଲୋକ ଭାଙ୍ଗିପଡ଼ିଛନ୍ତି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଆମ୍ବୁଲାନ୍ସରେ ଅକ୍ସିଜେନ୍ ସରିଯିବାରୁ ମହିଳାଙ୍କ ମୃତ୍ୟୁ ଘଟଣା

# ରାଜ୍ୟ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର,୨।୯ (ସମିସ): ବାଟ ମଝିରେ ଅକ୍ସିଜେନ୍ ସରିଯିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ବେଳେ ଏକ ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କ ମୃତ୍ୟୁ ହେବା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏହାକୁ ନେଇ ବିଜୁ ଜନତା ଦଳ ଗଭୀର କ୍ଷୋଭ ପ୍ରକାଶ କରିଛି। ଗତ

■ ରକ୍ଷଣାବେକ୍ଷଣ ଅଭାବରୁ ବିପର୍ଯ୍ୟସ୍ତ ହୋଇଛି ୧୦୮ ଆମ୍ବୁଲାନ୍ସ ସେବା
■ ଆମ୍ବୁଲାନ୍ସ ବିଫଳତା ଯୋଗୁଁ ରାଜ୍ୟରେ ଦୁଇମାସରେ ଦୁଇଜଣଙ୍କ ମୃତ୍ୟୁ
■ ମୃତକ ମହିଳାଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଅନ୍ତୁ ସରକାର

ଏକ ବର୍ଷ ଭିତରେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇପଡ଼ିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ଦଳ କହିଛି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେଲିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ବିଭିନ୍ନ ସମୟରେ ବିଜେଡି ସ୍ୱର ଉତ୍ତୋଳନ କରିଆସୁଛି। ସରକାର ଆମ୍ବୁଲାନ୍ସଗୁଡ଼ିକର ରକ୍ଷଣାବେକ୍ଷଣ ନକରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି। ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା ଫୋନ୍ କରିବାର ୨୦ମିନିଟ୍ ଭିତରେ ରୋଗୀଙ୍କ ପାଖରେ ପହଞ୍ଚୁଥିଲା। କିନ୍ତୁ ଏବେ ରୋଗୀଙ୍କୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗତ ଜୁଲାଇରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଏକ ଯୁବକ କ୍ରିକେଟ୍ ଖେଳୁଥିବା ବେଳେ ଛାତିରେ ବଲ୍ ବାଜି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ୩ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ପାରିନଥିଲା। ବାଧ୍ୟ ହୋଇ ରୋଗୀଙ୍କ ଆତ୍ମୀୟ ଗୋଟିଏ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଞ୍ଚିଲା ବେଳକୁ ସେଠାରେ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇ ନପାରିବାରୁ ଗତକାଲି ପୁଣିଗୋଟିଏ ଅମୂଲ୍ୟ ଜୀବନ ଯାଇଛି। ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ଜଣଙ୍କ ପରେ ଜଣେ ପ୍ରାଣ ହରାଉଛନ୍ତି, କିନ୍ତୁ ସରକାରଙ୍କ ନିଦ ଭାଙ୍ଗୁନାହିଁ। ତେଣୁ, ମୃତ ମହିଳାଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦିଅନ୍ତୁ ଏବଂ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ପୁନଃ କାର୍ଯ୍ୟକ୍ଷମ କରନ୍ତୁ ବୋଲି ବିଜେଡି ଦାବି କରିଛି।

# ମହିଳାଙ୍କ ଭିଡିଓ ଭାଇରାଲ; ଜଣେ ଅଟକ

ପାଲଲହଡ଼ା, ୨।୯ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ତଥା ଥାନା ଅଧୀନ ଜଣେ ବିବାହିତ ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଅଟକ ରଖିଛି। ମହିଳାଙ୍କ ଅଭିଯୋଗ ଅନୁସାରେ, ବିବାହ ପୂର୍ବରୁ ତେଲକୋଇ ଥାନା ଅଧୀନ ସିଙ୍କୁଲାବାହାଲ ଅଞ୍ଚଳର ଚିନ୍ମୟ ନାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେ ତାଙ୍କ ସହ ଗର୍ଜନଖୋଲ ଜଳପ୍ରପାତ ଯାଇଥିବା ବେଳେ ସେଠାରେ ଚିନ୍ମୟ ତାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କ ଅଜାଣତରେ ଏହାର ଭିଡିଓ କରିଥିଲେ। ତେବେ ପରେ ଉଭୟଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ମହିଳାଜଣଙ୍କ ଅନ୍ୟତ୍ର ବିବାହ କରିବା ପରେ ଚିନ୍ମୟ ସେହି ଭିଡିଓକୁ ଭାଇରାଲ କରିଥିଲେ। ନିଜ ସମ୍ପର୍କୀୟଙ୍କଠାରୁ ଏହି ଖବର ପାଇ ଭିଡିଓ ଦେଖିବା ପରେ ସେ ପାଲଲହଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ପାଲଲହଡ଼ା ଥାନାରେ କେସ ନଂ ୩୪୧ରେ ମାମଲା ରୁଜୁ କରି ଚିନ୍ମୟ ନାୟକକୁ ଅଟକ ରଖିଥିବା ଥାନା ପକ୍ଷରୁ ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଝିଅ କବିତାଙ୍କୁ...

'କଲେଶ୍ୱରମ ଲିଫ୍ଟ ଇରିଗେସନ ପ୍ରୋଜେକ୍ଟ'ରେ କେସିଆରଙ୍କ ନାମ ରହିଛି। କିନ୍ତୁ ସେତେବେଳେ ହରିଶ ରାଓ ଜଳସେଚନ ମନ୍ତ୍ରୀ ଥିଲେ। ମାତ୍ର ତାଙ୍କ ବିରୋଧରେ କୌଣସି ମାମଲା ନାହିଁ। ହରିଶ ରାଓଙ୍କ ଯୋଗୁଁ ତାଙ୍କ ନାମ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଆସିଲା ବୋଲି କବିତା କହିଥିଲେ। ଏହା ପୂର୍ବରୁ ମେ' ୨ରେ କବିତା ନିଜ ବାପାଙ୍କୁ ଲେଖିଥିବା ଚିଠି ପ୍ରଘଟ ହୋଇ ଯାଇଥିଲା। ଏଥିରେ ଦଳକୁ ବିଜେପିରେ ମିଶାଇବା ଚର୍ଚ୍ଚା ବିଷୟରେ ଉଲ୍ଲେଖ କରିଥିଲେ। ବିଜେପି ବିରୋଧରେ ମାତ୍ର ଦୁଇ ମିନିଟ କାହିଁକି ଭାଷଣ ଦେଇଥିଲେ ବୋଲି ପ୍ରଶ୍ନ କରିଥିଲେ।

ଏବେ ବିଆରଏସ ସୁପ୍ରିମୋ କେସିଆର ୭୩ ବର୍ଷରେ ପାଦ ଦେଲେଣି। ତେଣୁ ସେ ଧିରେ ଧିରେ ରାଜନୀତିରୁ ସନ୍ୟାସ ନେବେ ବୋଲି ଚର୍ଚ୍ଚା ହେଉଛି। ଏପରି ସମୟରେ ଦଳର ଆଗାମୀ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠୁଛି। କେସିଆର ନିଜ ପୁଅ କେଟିଆରକୁ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କରିଛନ୍ତି। ତେବେ କବିତା ନିଜକୁ ପ୍ରଭାବୀ ନେତ୍ରୀ ମାନୁଛନ୍ତି। ସେ ଦଳର ନେତୃତ୍ୱ ନେବାକୁ ଚାହୁଁଛନ୍ତି। ତେଣୁ ଏହାକୁ ବିବାଦର ଅନ୍ୟ ଏକ କାରଣ ଧରାଯାଉଛି। ୨୦୨୩ ପରେ ପାର୍ଟି ଏବଂ କ୍ୟାଡରକୁ ମଜବୁତ କରିବା ପାଇଁ ବିଆରଏସ ପ୍ରୟାସ କରୁଛି। ଏଭଳି ସ୍ଥିତିରେ ଭବିଷ୍ୟତର ନିଷ୍ପତ୍ତି, ଟିକଟ ବଣ୍ଟନ ଏବଂ ରଣନୀତିରେ କିଏ ପ୍ରମୁଖ ଭୂମିକା ନିର୍ବାହ କରିବା ତାହାକୁ ନେଇ କେସିଆର ପରିବାରରେ ଫାଟ ସୃଷ୍ଟି ହୋଇଛି।

## ଏନ୍‌ଆଇଟି ରାଉରକେଲା...

ନିର୍ଦ୍ଧାରିତ ହେଉଥିଲା। ତୈଳ କୂପରୁ ଉତ୍ପାଦିତ ପେଟ୍ରୋଲିୟମ୍ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଥିଲା। ମାତ୍ର ଏକବିଂଶ ଶତାବ୍ଦୀର ଶକ୍ତି ଏକ ଛୋଟ ଚିପ୍ ମଧ୍ୟରେ ସୀମିତ। ଏହି ଚିପ୍ ଛୋଟ ହୋଇପାରେ, କିନ୍ତୁ ଏଥିରେ ବିଶ୍ୱର ପ୍ରଗତିକୁ ଏକ ବଡ଼ ପ୍ରେରଣା ଦେବାର ଶକ୍ତି ନିହିତ ରହିଛି। ସେଥିପାଇଁ ଆଜି ସେମିକଣ୍ଡକ୍ଟର ଜଗତର ବଜାର ୬୦୦ ବିଲିୟନ ଡଲାରରେ ପହଞ୍ଚିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଏକ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ଭାରତ ଯେଉଁ ଗତିରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଗତି କରୁଛି, ସେହି ଗତିରେ ଏହି ଏକ ଟ୍ରିଲିୟନ ବଜାର ଅଂଶରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରୁ ପ୍ରସ୍ତୁତ ଚିପ୍‌କୁ ନେଇ ପ୍ରଶଂସା କରିଛନ୍ତି। 'ଏକ୍ସ'ରେ ସେ କହିଛନ୍ତି ଯେ ଏହି ଘଟଣା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଭାରତର ପ୍ରଥମ ସ୍ୱଦେଶୀ ଚିପ୍ ଉଦ୍ଭାବନର ଅଂଶ ଭାବରେ ବ୍ରହ୍ମପୁର ସ୍ଥିତ ପିଏମ୍‌ଇସି ଓ ଏନ୍‌ଆଟି ରାଉରକେଲାର ସଫଳତା ଆମ ଦେଶର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଉଲ୍ଲେଖନୀୟ ସଫଳତା ଆମ ରାଜ୍ୟ ମଧ୍ୟରେ ପରିପୂର୍ଣ୍ଣ ପ୍ରତିଭା ଏବଂ ନବସୃଜନକୁ ପ୍ରଦର୍ଶନ କରୁଛି। ଭାରତର ସେମିକଣ୍ଡକ୍ଟର ଯାତ୍ରାରେ ଓଡ଼ିଶାର ଭୂମିକା ମଧ୍ୟ ଉଜ୍ଜ୍ୱଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କମିବ ୧୭୫ ସାମଗ୍ରୀର...

ଗୋଷ୍ଠୀ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ବୈଦ୍ୟୁତିକ ଯାନବାହନ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ସମର୍ଥନ କରିଛନ୍ତି। ଏଥିରେ ଘିଅ, ଶୁଖିଲା ଫଳ, ୨୦ ଲିଟର ପାନୀୟ ଜଳ, ଅଣ-କାର୍ବୋନେଟେଡ୍ ପାନୀୟ, ନମକିନ୍, ଚପଲ ଏବଂ ପୋଷାକ, ଔଷଧ ଏବଂ ଚିକିତ୍ସା ଉପକରଣ ଭଳି ଅଧିକାଂଶ ସାଧାରଣ ଖାଦ୍ୟ ସାମଗ୍ରୀ ୫ରୁ ୧୨ ପ୍ରତିଶତ ଟିକସ ବର୍ଗରେ ଆସିପାରେ। ଅନ୍ୟପକ୍ଷରେ ତମାଖୁ, ପାନ ମସଲା ଏବଂ ସିଗାରେଟ୍ ଭଳି ସାମଗ୍ରୀ ଉପରେ ମଧ୍ୟ ୪୦ ପ୍ରତିଶତର ଏକ ସ୍ୱତନ୍ତ୍ର ଟିକସ ହାର ଲାଗୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାସହ ସରକାର ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ପ୍ରିମିୟମକୁ ଜିଏସ୍‌ଟି ମୁକ୍ତ କରିପାରନ୍ତି।

## ସାରା ରାଜ୍ୟରେ...

ଆକଳନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପ୍ଟେମ୍ବର ୩ ଅର୍ଥାତ ବୁଧବାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁରରେ ସର୍ବାଧିକ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, କୋରାପୁଟ, ନୂଆପଡ଼ା ଓ ବଲାଙ୍ଗିରରେ ପ୍ରବଳ ଯୋଗୁଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି। ବୁଧବାର ପରେ ବର୍ଷାର ପ୍ରଭାବ ଅପେକ୍ଷାକୃତ କମିଲେ ମଧ୍ୟ ପରବର୍ତ୍ତୀ ୩ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ।

ଅନ୍ୟପଟେ ରାଜ୍ୟରେ ପ୍ରବଳ ବର୍ଷା ପରେ ପୁଣିଥରେ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ସୋମବାର ରାତି ସୁଦ୍ଧା ସୁବର୍ଣ୍ଣରେଖା ବେସିନରେ ୨୦.୯୭ ମିମି ବର୍ଷା ହୋଇଛି। ସେହିପରି, ବୁଢ଼ାବଳଙ୍ଗରେ ୪୩.୦୭ ମିମି, ବୈତରଣୀରେ ୩୦.୬୫ ମିମି ବର୍ଷା ହୋଇଛି। ତେଣୁ ବୈତରଣୀ, ବୁଢାବଳଙ୍ଗ, ଜଳକା ଓ ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଏହା ସତର୍କ ସଂକେତ ଉପରକୁ ଯିବାର ଆଶଙ୍କା ରହିଛି। ମଙ୍ଗଳବାର ବିଶେଷ ବର୍ଷା ନ ହେଲେ ବିପଦ ସଂକେତ ଟପିବ ନାହିଁ। ବର୍ତ୍ତମାନ କୌଣସି ନଦୀରେ ବନ୍ୟା ନାହିଁ ବୋଲି ସେ କହିଛନ୍ତି। ସେହିପରି ହୀରାକୁଦରେ ଜଳସ୍ତର ୬୨୬.୩୧ ଫୁଟ୍ ରହିଥିବା ବେଳେ ରେଙ୍ଗାଲିର ୧୨୨.୭୩ ମିଟର ଜଳ ଅଛି। ହୀରାକୁଦରେ ୬ଟି ଗେଟ୍ ଦେଇ ବର୍ତ୍ତମାନ ବନ୍ୟାଜଳ ନିଷ୍କାସିତ ହେଉଛି। କେନ୍ଦୁଝରର ହାଟଡିହି ଓ ଘସିପୁରା, ବାଲେଶ୍ୱର ସହରରେ ଲଗାଣ ବର୍ଷା ଯୋଗୁଁ ଜଳବନ୍ଦି ପରିସ୍ଥିତି ସୃଷ୍ଟି ହୋଇଛି। ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି ରହିଛି। ବେଳେବେଳେ ୬୦ କିମି ପର୍ଯ୍ୟନ୍ତ ଝଟକା ପବନର ଆଶଙ୍କା ରହିଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## ହୀରାକୁଦରୁ ୬ ଗେଟ୍‌ରେ...

ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୬.୪୧ ଫୁଟ୍ ରହିଛି। ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୬.୫୦ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୩.୬୬ ମିମି ବର୍ଷା ହୋଇଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୪୩ ଫୁଟ୍ ରହିଥିଲା।

ଉଲ୍ଲେଖଯୋଗ୍ୟ, ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ବନ୍ୟାଜଳ ନିଷ୍କାସନ ପାଇଁ ଗତ ୨୩ ତାରିଖ ନଦୀବନ୍ଧର ଗେଟ୍ ଖୋଲାଯାଇଥିବା ବେଳେ ୨୮ ତାରିଖରେ ବନ୍ଦ କରିଦିଆଯାଇଥିଲା।

## ବସ୍ତାନୀ ବୋଝରେ...

ପାଠପଢ଼ାରୁ ଧ୍ୟାନ ହଟିବା ସହ ସ୍ୱାସ୍ଥ୍ୟାବସ୍ଥା ଦୁର୍ବଳ ହୁଏ। ବିଦ୍ୟାଳୟରେ ପିଲାଙ୍କ ବସ୍ତାନୀ ବୋଝ ଯାଞ୍ଚ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନେତୃତ୍ୱରେ ସ୍କ୍ୱାଡ୍ ଗଠନ କରାଯାଇଛି। ହେଲେ ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ ଏବଂ ଅଭିଭାବକଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁ ଓଜନର ବ୍ୟାଗ୍ ନେଇ ପିଲାମାନେ ବିଦ୍ୟାଳୟକୁ ଆସୁଛନ୍ତି। ବିଶେଷକରି ଘରୋଇ ବିଦ୍ୟାଳୟଗୁଡ଼ିକ ଏହାକୁ ଭ୍ରୁକ୍ଷେପ କରୁ ନାହାନ୍ତି। ବିଶେଷକରି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ହୋମ୍‌ୱାର୍କ ନ ଦେବାର ନିୟମ ଥିଲେ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଏହାକୁ ପାଳନ କରାଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ପିଲାଙ୍କ ଉପରେ ଶାରିରୀକ ଓ ମାନସିକ ଚାପ ପଡ଼ିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଅନ୍ଧକାରମୟ ହେଉଥିବା ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟରେ ବ୍ୟାଗ୍ ଓଜନ୍ ଯାଞ୍ଚକୁ ଆହୁରି କଡ଼ାକଡ଼ି କରିବାକୁ ମଧ୍ୟ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍ ବ୍ୟାଗ୍‌ର ଓଜନ ୧.୫ କେଜି ରଖାଯାଇଥିବାବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ପାଇଁ ୪.୫ କେଜି ଓ ଦଶମ ଶ୍ରେଣୀ ପିଲାମାନେ ଅତିବେଶୀରେ ୫ କେଜି ଓଜନର ବ୍ୟାଗ୍ ପକାଇ ବିଦ୍ୟାଳୟକୁ ଯିବାର ନିୟମ ରହିଛି।

## ଫୁଲବାଣୀ, ତାଳଚେର ମେଡିକାଲ...

ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ଏନଏମସିର ଟିମ ଗତ ମେ ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜ ଓ ଜୁନ ୨୩ ତାରିଖରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କ୍ଷେତ୍ରୀୟ ନିରୀକ୍ଷଣରେ ଆସିଥିଲେ। ପବିତ୍ର ମୋହନ ଓ ଫୁଲବାଣୀ କଲେଜକୁ ଅନୁମତି ମିଳିବା ପରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୪ରୁ ବୃଦ୍ଧି ପାଇ ୧୬ରେ ପହଞ୍ଚିଛି।

## ରାସ୍ତାରେ ଜାଲ...

ଯାଇଥିବା ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଘେରିବା ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଥିଲେ। ରାସ୍ତାରେ ପାଣି ଅଧିକ ହୋଇଯିବା ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପାଣି ପଶିଯାଇଥିଲା। ବାଲେଶ୍ୱରରେ ମହାନାଳ ଏବଂ ଏହାକୁ ସଂଯୋଗ କରୁଥିବା ବିଭିନ୍ନ ଛୋଟ ଓ ବଡ଼ ନାଳଗୁଡ଼ିକୁ ସଠିକ ଭାବେ ସଫା କରାଯାଉ ନଥିବାରୁ ଏଭଳି ଅସୁବିଧା ପରିଲକ୍ଷିତ ହେଉଛି। ବର୍ଷା ହେଲେ ସହରରେ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା। ସ୍ଥାୟୀ ସମାଧାନ ପାଇଁ ପୌର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ବ୍ୟବସ୍ଥା କରୁନଥିବା ବେଳେ ସାଧାରଣ ଲୋକେ ହୀନସ୍ତା ହେଉଛନ୍ତି। ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଆଜି ସକାଳେ ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଦୁଇଟି ଡିପିଆର ପ୍ରସ୍ତୁତ କରାଯାଉଛି। ଅଧିକାଂଶ ସ୍ଥାନରେ ଜବରଦଖଲ ରହିଛି। ଦୁଇଟି ଡିପିଆର ଚୂଡ଼ାନ୍ତ ହୋଇ ମଞ୍ଜୁରୀ ହେବା ପରେ ପଦକ୍ଷେପ ନିଆଯିବ।

## ସେପଟେ ଲବି...

ବରିଷ୍ଠମାନେ ମନ୍ତ୍ରୀ ହେବା ଆବଶ୍ୟକ ବୋଲି କହିଛନ୍ତି। ବରିଷ୍ଠ ଓ ଅଭିଜ୍ଞ ବିଧାୟକଙ୍କୁ ମନ୍ତ୍ରୀ ହେବା ଆବଶ୍ୟକ। ମୁଁ ଶହେ ଶହେରେ ମନ୍ତ୍ରୀ ହେବାର ଇଚ୍ଛା ଅଛି। ମତେ ଯେଉଁ ବିଭାଗର ମନ୍ତ୍ରୀ ଦେଲେ ମଧ୍ୟ ମୁଁ ଦାୟିତ୍ୱ ନେବାକୁ ପ୍ରସ୍ତୁତ। ଜୟନାରାୟଣ ମିଶ୍ର ପୂର୍ବରୁ ମନ୍ତ୍ରୀ ଥିଲେ, ଦଳର ବରିଷ୍ଠ ନେତା। ତେଣୁ ସେ ମନ୍ତ୍ରୀ ହେବା ଉଚିତ୍ ବୋଲି ଶ୍ରୀ ସୋରେନ ମନ୍ତବ୍ୟ ରଖିଛନ୍ତି।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀ କୌଣସି ଠୋସ୍ ନିଷ୍ପତ୍ତି ନେଇପାରୁନଥିବା ବେଳେ ବରିଷ୍ଠ ବିଧାୟକଙ୍କର ଏପରି ବୟାନ ତାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଛି। ବିଭିନ୍ନ ସମୀକରଣକୁ ଦୃଷ୍ଟିରେ ରଖି ସବୁ କୋଟେରୀକୁ ଖୁସି କରିବା ପରି ପୂର୍ଣ୍ଣାଙ୍ଗ ମନ୍ତ୍ରୀମଣ୍ଡଳ ଗଠନ ନିଶ୍ଚିତଭାବେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆହ୍ୱାନ ହେବ ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ଧନ ବୃଦ୍ଧି ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ମାନ ସମ୍ମାନ ବୃଦ୍ଧି ପାଇବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସାହିତ୍ୟ ଓ କଳା ପ୍ରତି ରୁଚି ବଢ଼ିବ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ। କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ। ବ୍ୟବସାୟରୁ ଲାଭ ମିଳିବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି। ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କଳା ଓ ସମ୍ମାନରେ ସମ୍ମାନିତ ହୋଇପାରନ୍ତି।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ପୁରୁଣା ବନ୍ଧୁ ସହ ସାକ୍ଷାତ ହେବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ସରକାରୀ କାମ ସମସ୍ୟାର ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଦାନ ଧର୍ମ କରନ୍ତୁ। ଗୁରୁଜନଙ୍କ ଆଦେଶ ପାଳନ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହୋଇପାରେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

## ଆଜିର ଇତିହାସ

- ୧୭୮୩- ଆମେରିକା ଓ ବ୍ରିଟେନ ମଧ୍ୟରେ ପ୍ୟାରିସ୍ ସନ୍ଧି ହୋଇଥିଲା।
- ୧୯୨୪- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ।
- ୧୯୭୧- କତାର ସ୍ୱାଧୀନ ରାଷ୍ଟ୍ର ହେଲା।
- ୨୦୦୩- ପାକିସ୍ତାନ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ଉପରେ ଦେଶଦ୍ରୋହ ମୋକଦ୍ଦମା ଚଳାଇବା ପାଇଁ ନିଷ୍ପତ୍ତି ନେଲେ।
- ୨୦୧୪- ଭାରତ ଓ ପାକିସ୍ତାନରେ ଅଚାନକ ବନ୍ୟା ଯୋଗୁଁ ଦୁଇ ଶହ ଲୋକଙ୍କ ମୃତ୍ୟୁ।

# ଅପରାଧମୁକ୍ତ ଗାଁ



ଆଜିର ସମୟରେ ସହର ହେଉ କି ଗାଁ ସବୁଠାରେ ଚୋରି, ଲୁଟ୍‌ପାଟ, ହତ୍ୟା ଆଦି ଘଟଣା ଦେଖିବାକୁ ମିଳୁଛି। ଏହି ମାମଲା ଥାନା ଯାଏଁ ଯାଉଛି। ହେଲେ ଆଜି ବି ଭାରତରେ ଏମିତି ଏକ ଗାଁ' ଅଛି, ଯେଉଁଠି ମାମଲା ଥାନା ଯାଏଁ ଯାଇନାହିଁ। ଝାରଖଣ୍ଡ, ଲାତେହାର ଜିଲ୍ଲା, ପୋଚରା ପଞ୍ଚାୟତ ଅନ୍ତର୍ଗତ ଲାଲଗାଡ଼ି ଗାଁ'। ଏହି ଗାଁଟି ଅପରାଧମୁକ୍ତ ଗାଁ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ଗାଁରେ ବାଦ ବିବାଦ ହେଲେ ସବୁ ଗ୍ରାମବାସୀ ଏକାଠି ବସି ଏହାର ସମାଧାନ ବାହାର କରି ଦିଅନ୍ତି। ଲାଲଗାଡ଼ିରେ ଖରୱାର ଜନଜାତିର ପ୍ରାୟ ୨୦୦ ପରିବାର ବାସବାସ କରନ୍ତି। ଗାଁ ଲୋକଙ୍କ ମୁଖ୍ୟ ଜୀବିକା କହିଲେ କୃଷି। ଗ୍ରାମବାସୀମାନେ ପରସ୍ପରକୁ ସୁବିଧା ଅସୁବିଧାରେ ସାହାଯ୍ୟ କରନ୍ତି। ଏହି ଗାଁରେ ଚୋରି ମାମଲା ବି ଥାନାକୁ ଯାଇନି। ହତ୍ୟା ଓ ଡକାୟତି ଭଳି ମାମଲା ମଧ୍ୟ ଏଠି ଦେଖାଯାଇନି। ଗ୍ରାମବାସୀ ଛୋଟମୋଟ ଘଟଣାକୁ ନେଇ ଥାନା କିମ୍ବା ଅଦାଲତକୁ ଯିବା ଅପେକ୍ଷା ଗାଁ ଭିତରେ ତା'ର ସମାଧାନ କରିବାକୁ ପସନ୍ଦ କରନ୍ତି। ସେହିଭଳି ଏଠାକାର ବାସିନ୍ଦା କୃଷି ଓ ପଶୁପାଳନ ଦ୍ୱାରା ବେଶ୍ ଭଲ ରୋଜଗାର କରୁଥିବାବେଳେ ସେମାନଙ୍କ ପିଲାମାନଙ୍କୁ କିପରି ଉଚ୍ଚ ଶିକ୍ଷା ଦେବେ ତାହା ଉପରେ ଗୁରୁତ୍ୱ ଦିଅନ୍ତି। ସେହିଭଳି ଲାତେହାର ପୁଲିସ୍ ଷ୍ଟେସନରେ କାର୍ଯ୍ୟରତ ପୁଲିସ୍ କର୍ମୀମାନେ ମଧ୍ୟ ଏହି ଗାଁକୁ ନେଇ ବହୁତ ଖୁସି। ଅପରାଧରୁ ଦୂରେଇ ରହିବା ଓ ସକାରାତ୍ମକ ଚିନ୍ତା ନେଇ ବଞ୍ଚିବାକୁ ଏଠାକାର ଲୋକେ ଗୁରୁତ୍ୱ ଦିଅନ୍ତି। ଗ୍ରାମବାସୀଙ୍କ ଏଭଳି ଚିନ୍ତାଧାରା ଯୋଗୁଁ ଏବେ ଏହି ଗାଁଟି ଅପରାଧ ମୁକ୍ତ ଗାଁ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

# 'ପରମ ସୁନ୍ଦରୀ' ପାଇଁ ସିଦ୍ଧାର୍ଥ ନେଇଛନ୍ତି ୧୨ କୋଟି

ସିଦ୍ଧାର୍ଥ ମଲହୋତ୍ରା ଓ ଜାହ୍ନବୀ କପୁରଙ୍କ ଅଭିନୀତ ଫିଲ୍ମ 'ପରମ ସୁନ୍ଦରୀ' ନିକଟରେ (ଅଗଷ୍ଟ ୨୯)ରେ ରିଲିଜ୍ ହୋଇଛି। ଏହାର ରିଲିଜ୍ ଦିନକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଥିଲେ। କାରଣ ଏହାର ଟ୍ରେଲର୍ ଓ ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଥିଲା। ୪୫ କୋଟିରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ତୁଷାର ଜଲୌଟା ଥିଲେ। ଏହା ବକ୍ସ ଅଫିସ୍‌ରେ ଏଯାବତ୍ ଠିକ୍‌ଠାକ୍ ବ୍ୟବସାୟ କରିଛି। ତେବେ ଏହି ଫିଲ୍ମ ପାଇଁ ସିଦ୍ଧାର୍ଥ ୧୦-୧୨ କୋଟି ପାରିଶ୍ରମିକ ବାବଦରେ ନେଇଥିବା ଜଣାପଡ଼ିଛି। ଏହି ଫିଲ୍ମରେ ସିଦ୍ଧାର୍ଥ ଜଣେ ଉତ୍ତର ଭାରତୀୟ ଯୁବକ ଭୂମିକାରେ ନଜର ଆସିଛନ୍ତି। ସେହିଭଳି ଜାହ୍ନବୀ ଏଥିରେ ଜଣେ ଦକ୍ଷିଣ ଭାରତୀୟ ଯୁବତୀ ଭୂମିକାରେ ଦେଖି ଯାଇଛନ୍ତି। ଏଥିପାଇଁ ସେ ପାରିଶ୍ରମିକ ବାବଦରେ ୪ରୁ ୫ କୋଟି ନେଇଛନ୍ତି। ସଞ୍ଜୟ କପୁରଙ୍କର ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ପାରିଶ୍ରମିକ ବାବଦରେ ୫୦ ଲକ୍ଷ ନେଇଛନ୍ତି। ସେହିପରି ଏଥିରେ ସହ କଳାକାର ଭାବେ ଦେଖାଯାଇଥିବା ଅଭିନେତା ମନଜୋତ ସିଂହ ପାରିଶ୍ରମିକ ବାବଦରେ ୨୫ ଲକ୍ଷ ନେଇଥିବା ଜଣାପଡ଼ିଛି।



# ଗେଣ୍ଡା ପାଇଁ ସାଥୀ ଖୋଜା

ଏକ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିଲା ପରେ ପୁଅ ଝିଅଙ୍କ ପାଇଁ ପାତ୍ରପାତ୍ରୀ ଖୋଜାଯାଇଥାଏ। ପୂର୍ବରୁ ବନ୍ଧୁବାନ୍ଧବ ଓ ମଧ୍ୟସ୍ଥିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଉଥିଲା। ଏବେ ଏହି କାମକୁ ସହଜ କରିଛି ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକ। ହେଲେ ଏବେ ନ୍ୟୁଜିଲ୍ୟାଣ୍ଡରେ ଏକ ଗେଣ୍ଡା ପାଇଁ ସାଥୀ ଖୋଜିବା ନିମନ୍ତେ ଏକ ଅଭିଯାନ ଚଳାଯିବା ଘଟଣା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଗେଣ୍ଡାଟି ଏକ ଦୁର୍ଲଭ ଗେଣ୍ଡା। ସାଧାରଣତଃ ସବୁ ଗେଣ୍ଡାର ଖୋଳପା ଡାହାଣ ଆଡ଼କୁ ମୋଡ଼ି ହୋଇଥିବାବେଳେ ନେଡ୍ ନାମକ ଏହି ଦୁର୍ଲଭ ଗେଣ୍ଡାର ଖୋଳପା ବାମ ଆଡ଼କୁ ମୋଡ଼ି ହୋଇଛି। ପ୍ରାୟ ୪୦ ହଜାର ଗେଣ୍ଡାଙ୍କ ମଧ୍ୟରୁ ଗୋଟିଏର ଆକୃତି ଏଭଳି ହୋଇଥାଏ। ସେଥିପାଇଁ ଏହା ଦୁର୍ଲଭ। ତେବେ ନେଡ୍ ଯେପରି



ସାରା ଜୀବନ ଏକା ନ ରୁହେ ସେଥିପାଇଁ ସାମାଜିକ ଗଣମାଧ୍ୟମରେ ତା ପାଇଁ ସାଥି ଖୋଜା ଅଭିଯାନ ଆରମ୍ଭ ହୋଇଛି। ତେବେ ନେଡ୍‌କୁ ଚିତ୍ରଶିଳ୍ପୀ ତଥା ଲେଖିକା ଗିଜେଲ କ୍ଲାର୍କସନ୍ ତାଙ୍କ ବଗିଚାରୁ ପାଇଥିଲେ। ସେ ତାଙ୍କ ବଗିଚାରେ ମାଟି ଖୋଳୁଥିବା ସମୟରେ ଏହାକୁ ଠାବ କରିଥିଲେ। ତେବେ ଏହି ଗେଣ୍ଡାଟି ଦୁର୍ଲଭ ପ୍ରଜାତିର ହୋଇଥିବା ଜାଣି ଗିଜେଲ ତା ପାଇଁ ସଙ୍ଗେସଙ୍ଗେ ଏକ ଆକ୍ୱାରିୟମ୍‌ର ବ୍ୟବସ୍ଥା କରିଥିଲେ। ସେ ଏବେ ନେଡ୍ ପାଇଁ ସାଥୀ ଖୋଜିବା ନିମନ୍ତେ ସାମାଜିକ ଗଣମାଧ୍ୟମର ସାହାଯ୍ୟ ନେଇଛନ୍ତି। ସେ ନେଡ୍ ପାଇଁ ସାଥୀଟିଏ (ଏଭଳି ଏକ ଗେଣ୍ଡା) ଖୋଜି ଦେବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ ୨୦୧୭ ରେ ବି ଏଭଳି ଏକ ମାମଲା ସାମ୍ନାକୁ ଆସିଥିଲା। ଲଣ୍ଡନରେ ବାମ ପାଖକୁ ମୋଡ଼ି ହୋଇଥିବା ଏକ ଗେଣ୍ଡାର ସାଥୀ ଆନ୍ତର୍ଜାତିକ ସ୍ତରରେ ଖୋଜା ଯାଇଥିଲା। ଶେଷରେ ଏଭଳି ଦୁଇଟି ଗେଣ୍ଡାକୁ ଠାବ କରାଯାଇଥିଲା।

# ସମ୍ଭାବନା





## ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ ଅଙ୍ଗୁଳି ଦେଖାଇବା

**ସାଧାରଣତଃ କଥାବାର୍ତ୍ତା ସମୟରେ କାହାକୁ ଅଙ୍ଗୁଳି ଉଠାଇ କଥା କହିବା ସାଧାରଣ ଲାଗିପାରେ। ହେଲେ ଏହା ବ୍ୟକ୍ତିତ୍ୱର ଅନେକ ଦିଗକୁ ପ୍ରକାଶ କରିଥାଏ।**

- କୌଣସି ବ୍ୟକ୍ତି କଥା କହିବା ସମୟରେ ସାମ୍ନାବାଲାଙ୍କୁ ଅଙ୍ଗୁଳି ଉଠାଇ ଇସାରା କରୁଥିଲେ, ନିଜକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥାନ୍ତି। ତେବେ ଏହା ଆତ୍ମବିଶ୍ୱାସକୁ ଇଙ୍ଗିତ କରି ନ ଥାଏ, ବରଂ ଏହା ରାଜୁତି ଚଳାଇବା ମାନସିକତାକୁ ଦର୍ଶାଏ।
- ଅନ୍ୟପ୍ରତି ଅଙ୍ଗୁଳି ଉଠାଇବା ଅଧୈର୍ଯ୍ୟତାକୁ ପ୍ରତିଫଳିତ କରେ। ଏଭଳି ଲୋକ କଥାବାର୍ତ୍ତା ବେଳେ ସଂଯମତା ରକ୍ଷା କରି ନ ଥାନ୍ତି। ଏହା ସମ୍ପର୍କ ଓ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଏ।
- ବାରମ୍ବାର ଜଣକ ପ୍ରତି ଅଙ୍ଗୁଳି ଉଠାଇଥିବା ଲୋକ ଅନ୍ୟକୁ ଦୋଷ ଦେବାକୁ ପସନ୍ଦ କରନ୍ତି।
- ଅନେକ ଲୋକ ଅଭ୍ୟାସଗତ ଭାବରେ ଆଲୋଚନା କରିବା ବେଳେ ଅଙ୍ଗୁଳି ଉଠାନ୍ତି, ଏହା ଅହଂକାରକୁ ପ୍ରତିଫଳିତ କରେ। ଏହା ଦ୍ୱାରା ସେମାନଙ୍କ ମତ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇବାକୁ ଚେଷ୍ଟା କରନ୍ତି।

## କୌଶଳରୁ ସଫଳତା

**ଏବର ପ୍ରତିଯୋଗିତା ଓ ବଦଳୁଥିବା ସମୟରେ ଉପଯୁକ୍ତ ଜ୍ଞାନ ଓ ସଫଳତା ପାଇଁ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ। ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ କିଛି କୌଶଳକୁ ଆପଣାଇଲେ ଜୀବନରେ ସଫଳତା ନିହାତି ମିଳିଥାଏ।**

**କଥାବାର୍ତ୍ତା କୌଶଳ:** ସାକ୍ଷାତକାର ହେଉ ଅବା ଟିମ୍‌ରେ କାମ କରିବା ବେଳେ ଅବା ଲୋକଙ୍କ ସହ ସାମାଜିକ ମିଳାମିଶା କରିବା ବେଳେ ନିଜ କଥା ସ୍ୱଷ୍ଟ, ଆତ୍ମବିଶ୍ୱାସର ସହ ବିନମ୍ର ଭାବେ କୁହନ୍ତୁ। ଏହା ଦ୍ୱାରା ସଫଳତା ରାସ୍ତା ସହଜ ହୁଏ।

**ଟାଇମ୍ ମ୍ୟାନେଜମେଣ୍ଟ:** ମୋବାଇଲ ଏବଂ ଡିଜିଟାଲ ଗ୍ୟାଜେଟ ବ୍ୟବହାର ଭିତରେ ସମୟର ସଦୁପଯୋଗ କରିବା ହେଉଛି ଅସଲ କଳା। ଏହା ଦ୍ୱାରା ମଣିଷ ନିଜର ପ୍ରାଥମିକତାକୁ ଚିହ୍ନଟ କରି ସମୟ ପରିଚାଳନା କରେ ଏବଂ ସଫଳତା ପ୍ରତି ଅଗ୍ରସର ହୁଏ।



**ନିର୍ଣ୍ଣୟ ନେବାର ନିଷ୍ପତ୍ତି:** ପ୍ରତିଦିନ କିଛି ନା କିଛି ଛୋଟ ବଡ଼ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଠିକ୍ ବିକଳ୍ପ ଚୟନ କରିବା ଏବଂ ସମସ୍ୟାର ସମାଧାନ ଖୋଜିବା ହେଉଛି ଏକ ବଡ଼ କୌଶଳ। ଏହି ଅଭ୍ୟାସ କ୍ୟାରିୟରକୁ ମଜଭୁତ କରେ। ତା'ସହ ନେତୃତ୍ୱ ନେବା ଦିଗରେ ଅଗ୍ରସର କରାଏ।

**ଟିମ୍ ୱାର୍କ ଏବଂ ଡିଜିଟାଲ ଜ୍ଞାନ:** ବୃତ୍ତିଗତ ଜୀବନରେ ଟିମ୍‌ରେ କାମ କରିବା, ଅନ୍ୟକୁ ଶୁଣିବା ଏବଂ ଆବଶ୍ୟକତା ପଡ଼ିଲେ ନେତୃତ୍ୱ ନେବାକୁ ହୋଇଥାଏ। ସେହିପରି ଏବେ ଡିଜିଟାଲ ଜ୍ଞାନ କୌଣସି ବିକଳ୍ପ ନୁହେଁ, ବରଂ ଜରୁରି କୌଶଳ ପାଲଟିଛି।

## କୋ-ୱାର୍କିଂରେ କାମ କରିବାର ଲାଭ



**କୋ-ୱାର୍କିଂ ସ୍ପେସ୍ ଏମିତି ଏକ ଅଫିସ୍, ଯେଉଁଠାରେ ଅଲଗା ଅଲଗା କମ୍ପାନିର କର୍ମଚାରୀ ଗୋଟିଏ ଜାଗାରେ କାମ କରନ୍ତି। ଫ୍ରିଲାନ୍ସର, ଷ୍ଟାର୍ଟଅପ୍ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ଏହା ହେଉଛି ଏକ ଉତ୍ତମ ବିକଳ୍ପ।**


ସାଧାରଣତଃ ନିଜସ୍ୱ ଅଫିସ୍ ଖୋଲିବାକୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ। ଘର ଭଡ଼ା, ବିଜୁଳି, ଇଣ୍ଟରନେଟ୍ ଫର୍ଣ୍ଣିଚର ଆଦି ଉପରେ ଖର୍ଚ୍ଚ କରିବାକୁ ହୁଏ। ହେଲେ କୋ-ୱାର୍କିଂ ସ୍ପେସ୍‌ରେ ଏହି ସବୁ ସୁବିଧା ଗୋଟିଏ ପ୍ୟାକେଜ୍‌ରେ ମିଳିଥାଏ। ଯାହାକି ଶସ୍ତା ହୁଏ। କୋ-ୱାର୍କିଂ ସ୍ପେସ୍‌ରେ ଏହି ସବୁ ସୁବିଧା ପୂର୍ବରୁ ହିଁ ଉପଲବ୍ଧ ଥାଏ। ଏଥିରେ ସମୟ ଓ ଟଙ୍କା ସଞ୍ଚୟ ହୁଏ। ତା'ସହ ଡିଜାଇନର, ମାର୍କେଟିଂ ଏକ୍ସପର୍ଟ, ଓକିଲ ତଥା ଷ୍ଟାର୍ଟଅପ୍ ମାଲିକଙ୍କ ଭଳି ଅଲଗା ଅଲଗା କ୍ଷେତ୍ରର ଲୋକଙ୍କ ସହ ଭେଟ ହେବାର ସୁଯୋଗ ମିଳେ। ଏହା ଦ୍ୱାରା ନୂଆ ସମ୍ବନ୍ଧ ତିଆରି କରାଯାଇପାରିବ।

ଅନ୍ୟପଟେ ଘରେ କାମ କରିବାରେ ଠିକ୍ ଭାବେ କାମ ଉପରେ ଧ୍ୟାନ କେନ୍ଦ୍ରିତ କରି ହୁଏ ନାହିଁ। ତେବେ କୋ-ୱାର୍କିଂ ସ୍ପେସ୍‌ରେ କାମ କରିବାର ପରିବେଶ ମିଳେ। ଯାହାକି କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଦିଗରେ ସାହାଯ୍ୟ କରେ। ଏଥିରେ କେତେବେଳେ ବି ନିଜ ସଦସ୍ୟଙ୍କ ସଂଖ୍ୟା ବଢ଼ାଇପାରିବେ ଓ କମାଇପାରିବେ। ସେହିପରି ନିଜ ଗ୍ରାହକ ତଥା କ୍ଲାଏଣ୍ଟଙ୍କ ସହ ମିଶିବାର ଏକ ଉତ୍ତମ ସ୍ଥାନ ମିଳେ। ଏହା ମିଟିଂ ରୁମ୍‌ର ସୁବିଧା ପ୍ରଦାନ କରେ।

ଏକାକୀ କାମ କରୁଥିବା ଲୋକ ମୁଖ୍ୟତଃ ଏକାକୀତ୍ୱ ଅନୁଭବ କରନ୍ତି। ଏଭଳି ପରିବେଶରେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିପାରିବେ। ନିଜ ସମସ୍ୟା ମଧ୍ୟ ଅନ୍ୟକୁ ଜଣାଇପାରିବେ। କାରଣ ଏଥିରେ ଅଲଗା ଅଲଗା କ୍ଷେତ୍ରର ଲୋକ କାମ କରନ୍ତି। କେବଳ ସେତିକି ନୁହେଁ, ନୂଆ ଜିନିଷ ଏବଂ କାମ କରିବାର ଅଲଗା ଅଲଗା ଉପାୟ ମଧ୍ୟ ଶିକ୍ଷା ଲାଭ କରି ହୁଏ। ଯାହାକି କ୍ୟାରିୟର୍ ଉନ୍ନତିରେ ସହାୟକ ହୁଏ।

## ହ୍ୱାଟ୍ସଆପର 'ସିଡ୍ୟୁଲ' ଫିଚର

ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ବିଭିନ୍ନ ସମୟରେ ନୂଆ ନୂଆ ଫିଚର୍ ଆଣିଥାଏ। ଏହି କ୍ରମରେ ହ୍ୱାଟ୍ସଆପ୍‌ର କଲିଂ ଫିଚର୍‌ରେ ନୂଆ ଅପଡେଟ୍ ଆସିଛି। ଏଥିରେ ପୂର୍ବରୁ କଲ୍ ସିଡ୍ୟୁଲ କରାଯାଇପାରିବ। ଫ୍ୟାମିଲି ଗ୍ରୁପ୍ ଚାଟ୍ ହେଉ କିମ୍ବା ଅଫିସ୍ ମିଟିଂ ପାଇଁ ଏବେ ସମୟ ନିର୍ଦ୍ଧାରଣ କରି ଲୋକଙ୍କୁ ଆମନ୍ତ୍ରିତ କରିପାରିବେ। ସେହିପରି ଏହି ଫିଚର୍ ମାଧ୍ୟମରେ କଲ୍ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ପାଖକୁ ନୋଟିଫିକେସନ ଯିବ। ତେଣୁ ଏହି ନୂଆ ଫିଚର୍ ମାଧ୍ୟମରେ ପୂର୍ବରୁ ଗ୍ରୁପ୍ କଲ୍ କରାଯାଇପାରିବ। ତେବେ ସମସ୍ତ କଲ୍ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ ଦ୍ୱାରା ସୁରକ୍ଷିତ ରହିବ ବୋଲି କମ୍ପାନି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଗାମୀ ଦିନରେ ଏହି ଫିଚର୍ ସମସ୍ତ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ହେବ।



ଏହି ନୂଆ ଫିଚର୍ କେମିତି କାମ କରେ, ସେ ସମ୍ପର୍କରେ ଜାଣିବା ଜରୁରି। ପ୍ରଥମେ ହ୍ୱାଟ୍ସଆପ୍ ଅନ୍ କରି କଲ୍ ଟ୍ୟାବ୍‌କୁ ଯାଆନ୍ତୁ। ଏହା ପରେ ଉପରେ ଦିଆଯାଇଥିବା କଲ ଆଇକନ୍ ଉପରେ ଟ୍ୟାପ୍ କରନ୍ତୁ। ଯେଉଁ କଣ୍ଟାକ୍ଟ ବା ଗ୍ରୁପ୍‌କୁ କଲ୍ କରିବାର ଅଛି, ତାହାକୁ ଚୟନ କରନ୍ତୁ। ତୁରନ୍ତ କଲ୍ କରିବା ପରିବର୍ତ୍ତେ ଏଥିରେ ସିଡ୍ୟୁଲ୍ କଲ୍ ବିକଳ୍ପ ବାଛନ୍ତୁ। ଏହାପରେ ତାରିଖ ଓ ସମୟ ସହ ଭିଡିଓ କିମ୍ବା ଅଡିଓ କଲ୍ କରିବାକୁ ଚାହୁଁଛନ୍ତି, ସେକଥା ସ୍ଥିର କରନ୍ତୁ। ଶେଷରେ ଗ୍ରୀନ୍ ବଟମ୍ ଦବାଇ ସୁନିଶ୍ଚିତ କରନ୍ତୁ। ସେହିପରି ସିଡ୍ୟୁଲ୍ କରାଯାଇଥିବା କଲ୍ ଅପକମିଂ କଲ୍ ଲିଷ୍ଟରେ ପ୍ରଦର୍ଶିତ ହେବ। କଲ୍ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ପାଖକୁ ନୋଟିଫିକେସନ ଯିବ। ଅନ୍ୟପଟେ ଗ୍ରୁପ୍ ମିଟିଂ ଏବଂ ଫ୍ୟାମିଲି ଭିଡିଓ କଲ୍‌ର ଯୋଜନା କରୁଥିବା ବ୍ୟବହାରକାରୀଙ୍କ ଲାଗି ଏହା ଉପଯୋଗୀ ସାବ୍ୟସ୍ତ ହେବ।

## ପ୍ରି-କ୍ୱାର୍ଟରରେ ଭାମ୍ବ୍ରୀ-ଭେନସ

ନ୍ୟୁୟର୍କ,୨।୯ (ଏଜେନ୍ସି): ଭାରତର ଯୁକି ଭାମ୍ବ୍ରୀ ଓ ତାଙ୍କ ନ୍ୟୁଜିଲାଣ୍ଡ ଯୋଡି ମାଇକେଲ ଭେନସ ୟୁଏସ୍ ଓପନ ପୁରୁଷ ଯୁଗଳ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ରାତିରେ ଖେଳାଯାଇଥିବା ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ୬-୧, ୭-୫ ସିଧାସଳଖ ସେଟ୍‌ରେ ଅଣସିଡେଡ ଯୋଡି କଲମ୍ବିଆର ଗୋଞ୍ଜାଲୋ ଇସ୍କୋବାର ଓ ମେକ୍ସିକୋର ମିଗୁଏଲ ଆଞ୍ଜେଲଙ୍କ ଯୋଡିକୁ ପରାସ୍ତ କରିଥିଲେ। ଭାରତର ସର୍ବୋଚ୍ଚ ଯୁଗଳ ମାନ୍ୟତାଧାରର ଭାମ୍ବ୍ରୀଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଖେଳାଳି ବିଦାୟ ନେଇସାରିଛନ୍ତି। ଯେ କୌଣସି ଗ୍ରାଣ୍ଡସ୍ଲାମ୍ ମୁକାବିଲାରେ ଭାମ୍ବ୍ରୀ ପ୍ରି-କ୍ୱାର୍ଟର ଫାଇନାଲ ଅତିକ୍ରମ କରିବାରେ ସମର୍ଥ ହୋଇପାରି ନାହାନ୍ତି।

## ଡିସେମ୍ବରରେ ଆଇଏସ୍‌ଏଲ୍

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ଆସନ୍ତା ଡିସେମ୍ବରରେ ଇଣ୍ଡିଆନ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ୍) ଆୟୋଜିତ ହେବ। ଏଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଆଇଏସ୍‌ଏଲ୍ ପରିଚାଳନା ଲାଗି ଏଆଇଏଫ୍‌ଏଫ୍ ଓ ଫୁଟବଲ ସ୍ପୋର୍ଟ୍ସ ଡେଭେଲପମେଣ୍ଟ ଲିଃ (ଏଫ୍‌ଡିଏସ୍‌ଏଲ) ମଧ୍ୟରେ ୨୦୨୫ ଡିସେମ୍ବର ୮ ତାରିଖଯାଏ ହୋଇଥିଲା। କିନ୍ତୁ ଉଭୟ ପକ୍ଷ ଏହି ମାଷ୍ଟର୍ସ ରାଇଟସ ଏଗ୍ରିମେଣ୍ଟର ନବୀକରଣରେ ରାଜି ହୋଇ ନ ଥିଲେ। ଏଣୁ ଆଇଏସ୍‌ଏଲ୍‌ର ଆୟୋଜନ ନେଇ ଜୁଲାଇ ୧୧ରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଆଜି ଏହାର ଶୁଣାଣି ଥିଲା। ଏହା ପୂର୍ବରୁ ଏଆଇଏଫ୍‌ଏଫ୍ ଓ ଏଫ୍‌ଡିସିଏଲ୍ ମିଳିତଭାବେ ଆଇଏସ୍‌ଏଲ୍ ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ। ଜଷ୍ଟିସ୍ ପି ନରସିଂମା ଓ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ ଘରୋଇ ଫୁଟବଲ ସିଜନ ଠିକଣାଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବରରେ ସୁପର କପ୍ ଆରମ୍ଭ ହେବାକୁ ଥିବାରୁ ଡିସେମ୍ବରରେ ଆଇଏସ୍‌ଏଲ୍ ଆୟୋଜିତ ହେବ ବୋଲି ଆଶା କରାଯାଉଛି। ପୂର୍ବତନ ବିଚାରପତି ଏଲ୍ ନାଗେଶ୍ୱର ରାଓ ଏକ ପ୍ରତିଷ୍ଠିତ, ଦକ୍ଷ ଓ ପ୍ରତିଯୋଗୀତାମୂଳକ ଫାର୍ମକୁ ଆଇଏସ୍‌ଏଲ୍ ଆୟୋଜନ କରିବା ଲାଗି ବାଛିବେ। ବିଚାରପତି ରାଓ ମଧ୍ୟ ଏଆଇଏଫଏଫ୍ ସମ୍ବିଧାନ ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବ ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ଟି-୨୦ କ୍ରିକେଟରୁ ଅବସର ନେଲେ ଷ୍ଟାର୍କ

ସିଡନୀ, ୨।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରୁ ଅବସର ନେଇଛନ୍ତି। ଟେଷ୍ଟ ଓ ଦିନିକିଆ ଫର୍ମାଟ୍ ଉପରେ ଅଧିକ ଫୋକସ କରିବା ଲାଗି ୩୫ ବର୍ଷୀୟ ଷ୍ଟାର୍କ ଏହି ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଆସେସ୍ ଓ ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳାଯିବ। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ନିଜକୁ ସମ୍ପୂର୍ଣ୍ଣ ଫିଟ୍ ରଖିବାକୁ ଲକ୍ଷ୍ୟ ରଖିଥିବା ଷ୍ଟାର୍କ କହିଛନ୍ତି। ଅପରପକ୍ଷରେ ମଙ୍ଗଳବାର ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଥିଲା। ଘୋଷିତ ଦଳରୁ ଷ୍ଟାର୍କଙ୍କ ସହ ପ୍ୟାଟ୍ କମିନ୍ସଙ୍କୁ ବାଦ୍ ଦିଆଯାଇଥିଲା। ଏହା ମଧ୍ୟ ଷ୍ଟାର୍କଙ୍କ ଟି-୨୦ରୁ ଅବସର ନେବାର ଅନ୍ୟ ଏକ କାରଣ ବୋଲି ଚର୍ଚ୍ଚା ହେଉଛି। ବାମହାତୀ ଦ୍ରୁତ ବୋଲର ଷ୍ଟାର୍କ ୨୦୧୨ରେ ପାକିସ୍ତାନ ବିପକ୍ଷରେ ଖେଳି ଟି-୨୦ରେ ପଦାର୍ପଣ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ୬୫ ଟି-୨୦ ମ୍ୟାଚ ଖେଳି ୭୯ ୱିକେଟ୍ ନେଇଛନ୍ତି। ୨୦୨୧ରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ଏହି ଛୋଟିଆ ଫର୍ମାଟରେ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ୱିକେଟ୍ ନେବାରେ ସେ ଆଦାମ ଜାମ୍ପାଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ୧୩୦ ୱିକେଟ ସହ ଜାମ୍ପା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।



ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍

# ପୁରୁଷ କ୍ୱାର୍ଟରରେ ସିନ୍ନର-ମୁସେଟି ମୁକାବିଲା

ନ୍ୟୁୟର୍କ,୨।୯ (ଏଜେନ୍ସି)





ବିଶ୍ୱର ନଂ-୧ ତଥା ଡିଫେଣ୍ଡିଂ ଚାମ୍ପିଅନ ଇଟାଲୀର ଜାନିକ୍ ସିନ୍ନର ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ପୁରୁଷ ଏକକ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସୋମବାର ରାତିରେ ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ସିନ୍ନର କୌଣସି ତ୍ରୁଟି ନ କରି କାଜାକସ୍ଥାନର ଆଲେକ୍‌ଜାଣ୍ଡର ବୁବ୍‌ଲିକ୍‌ଙ୍କୁ ପରାସ୍ତ କରି ରେକର୍ଡ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ମୁସେଟି ମଧ୍ୟ ଚମତ୍କାର ଖେଳ ପ୍ରଦର୍ଶନ କରି କାନାଡାର ଜୁଆମ୍ ମୁନାରଙ୍କୁ ୬-୩, ୬-୦, ୬-୧ରେ ପରାସ୍ତ କରିଥିଲେ। ନଂ-୧ ଖେଳାଳି ସିନ୍ନର ଏଠାରେ କ୍ୱାର୍ଟରଫାଇନାଲରେ ପ୍ରବେଶ ସହ ସର୍ବକନିଷ୍ଠ ଖେଳାଳି ଭାବେ କ୍ରମାଗତ ୮ଟି ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ସଫଳତା ପାଇବା ସମୟରେ ତାଙ୍କୁ ୨୪ ବର୍ଷ ୮ ଦିନ ହୋଇଥିଲା। ପୂର୍ବରୁ ନୋଭାକ ଜୋକୋଭିଚ୍ ୨୪ ବର୍ଷ ୯୯ ଦିନରେ ଏପରି ସଫଳତା ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ରେକର୍ଡ ସିନ୍ନର ଭାଙ୍ଗିଦେଇଛନ୍ତି।

ପୁରୁଷ କ୍ୱାର୍ଟର ଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହୋଇଯାଇଛି। ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ନଂ-୨ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କର ଓ ନଂ-୪ ଟେଲର ଫ୍ରିଜ୍‌ଙ୍କ ସହ ୭ମ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ସେହିପରି ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟରରେ ଜାନିକ ସିନ୍ନରଙ୍କ ସହ ଲୋରେଞ୍ଜୋ ମୁସେଟି ଓ ନଂ-୮ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ନଂ-୨୫ ସିଡ୍ କାନାଡାର ଫେଲିକ୍ସ ଅଗର-ଆଲିସିଆମେଙ୍କର ମୁକାବିଲା ହେବ।

ସୋମବାର ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଡି ମିନାଉର ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କୁ ୬-୩, ୬-୨, ୬-୧ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ତାଙ୍କ କ୍ୱାର୍ଟର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଅଗର-ଆଲିସିଆମେ ସୁନ୍ଦର ଖେଳ ପ୍ରଦର୍ଶନ କରି ନଂ-୧୫ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କୁ ୭-୫, ୬-୩, ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

### ଗଫ୍‌ଙ୍କୁ ହରାଇଲେ ଓସାକା

ପୂର୍ବ ଚାମ୍ପିଅନ କୋକୋ ଗଫ୍‌ଙ୍କୁ ୬-୩, ୬-୨ରେ ହରାଇ ଜାପାନର ନାଓମି ଓସାକା ପୁଣିଥରେ ଫର୍ମକୁ ଫେରିବା ସହ ମହିଳା ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ କାରୋଲିନା ମୁଚୋଭାଙ୍କୁ ଭେଟିବେ। ସେହିପରି ଅନ୍ୟ କ୍ୱାର୍ଟର ଫାଇନାଲରେ ନଂ-୪ ସିଡ ଜେସିକା ପେଗୁଲାଙ୍କ ସହ ବାର୍ବରୋ କ୍ରେଜିକୋଭାଙ୍କର, ନଂ-୧ ସିଡ୍ ଆରିନା ସାବାଲେଙ୍କାଙ୍କ ସହ ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କର ଓ ନଂ-୨ ସିଡ୍ ଇଗା ସ୍ୱିଆଟେକଙ୍କ ସହ ୮ମ ସିଡ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ଆନିସିମୋଭା ୬-୦, ୬-୩ରେ ବିଏଟ୍ରିଜ୍ ହାଦାଦ ମାଇଆଙ୍କୁ ମୁଚୋଭା ୬-୩, ୬-୭, ୬-୩ରେ ମାର୍ତା କୋସ୍ତ୍ୟୁକଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିଲେ।

**କ୍ୱାର୍ଟରଫାଇନାଲ ମୁକାବିଲା**

| ପୁରୁଷ ଏକକ | ମହିଳା ଏକକ |
|---|---|
| ଆଲକାରାଜ-ଲେହେକା | ପେଗୁଲା-କ୍ରେଜିକୋଭା |
| ଫ୍ରିଜ୍-ଜୋକୋଭିଚ୍ | ସାବାଲେଙ୍କା-ଭୋଣ୍ଡ୍ରୋଉସୋଭା |
| ସିନ୍ନର-ମୁସେଟି | ସ୍ୱିଆଟେକ୍- ଆନିସିମୋଭା |
| ଆଲେକ୍ସ-ଫେଲିକ୍ସ | ମୁଚୋଭା-ଓସାକା |

## ପ୍ରଥମ ଦିନିକିଆରେ ଇଂଲଣ୍ଡ ପରାସ୍ତ

ହେଡିଂଲେ,୨।୯ (ଏଜେନ୍ସି): ଏଠାରେ ସୋମବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ବାମହାତୀ ସ୍ପିନର କେଶବ ମହାରାଜ ଯାଦୁକରୀ ବୋଲିଂ କରି ୪ଟି ଓ ୱିଆନ ମୁଲ୍ଡର ୩ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୪.୩ ଓଭରରେ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ସମ୍ମାନଜନକ ୫୪ ରନ୍ କରିଥିଲେ। ଜବାବରେ ଆଇଡେନ ମାର୍କରମ ଓ ରିୟାନ ରିକେଲଟନଙ୍କ ଯୋଡି ଥମ ୱିକେଟରୁ ୧୮.୧ ଓଭରରେ ୧୨୧ ରନ୍ ଉଠାଇଥିଲା। ଫଳରେ ଭ୍ରମଣକାରୀ ଦଳ ୨୦.୫ ଓଭରରେ ୩ୱିକେଟ ହରାଇ ବିଜୟୀ ହୋଇଥିଲା। ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣକରିଥିବା ମାର୍କରମ ୫୫ ବଲ୍‌ରେ ୧୩ ଚୌକା ଓ ୨ ଛକା ସହ ୮୬ ରନ୍ କରି ଆଉଟ ହୋଇଥିଲେ। ରିକେଲଟନ ୩୧ ରନ୍‌ରେ ଅପରାଜିତ ଥିଲାବେଳେ ଦକ୍ଷିଣ ଆଫ୍ରିକା ହରାଇଥିବା ୩ଟି ଯାକ ୱିକେଟ ଆଦିଲ ରଶିଦ୍‌ଙ୍କୁ ମିଳିଥିଲା।

# ନୂଆ ପ୍ରାୟୋଜକ ପାଇଁ କଡ଼ା ସର୍ତ୍ତ ରଖିଲା ବିସିସିଆଇ

**ଯୋଗ୍ୟ ସଂସ୍ଥା: କ୍ରୀଡ଼ା ପ୍ରସାଧନ ପ୍ରସ୍ତୁତକାରୀ, ବ୍ୟାଙ୍କ, ବୀମା, ମଦ-ମୁକ୍ତ ଥଣ୍ଡାପାନୀୟ କମ୍ପାନୀ**

**ଅଯୋଗ୍ୟ ସଂସ୍ଥା : ମଦ ଓ ତମାଖୁ ଉତ୍ପାଦକାରୀ, ବେଟିଂ, ଜୁଆ, କ୍ରିପ୍ଟୋକରେନ୍ସି, ଅନଲାଇନ ଗେମିଂ, ପର୍ଣ୍ଣୋଗ୍ରାଫି**

ମୁମ୍ବଇ, ୨।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଜାତୀୟ ଦଳର ମୁଖ୍ୟ ପ୍ରାୟୋଜକ ଖୋଜିବା ଲାଗି ଅଭିଯାନ ଆରମ୍ଭ କରିଦେଇଛି। ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିବା ପାଇଁ ବିସିସିଆଇ ବିଭିନ୍ନ ସଂସ୍ଥାକୁ ବିଡ୍ ଦାଖଲ କରିବାକୁ ନିମନ୍ତ୍ରଣ କରିଛି। ନିକଟରେ ଅନଲାଇନ ଗେମିଂ ବିଲ୍ ଆଇନରେ ପରିଣତ ହେବାପରେ ଏହା ଭାରତରେ ବ୍ୟାନ ହୋଇଥିଲା। ଫଳରେ ଅନଲାଇନ ଗେମିଂ ସଂସ୍ଥା 'ଡ୍ରିମ୍-୧୧' ଚୁକ୍ତି ଶେଷ ହେବା ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକରୁ ଓହରିଯାଇଥିଲା। ଯେଉଁଥି ପାଇଁ ଏବେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ଖାଲି ପଡ଼ିଛି । ନୂଆ ପ୍ରାୟୋଜକ ଲାଗି ବିଡ୍ ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୧୬ ରହିଛି। ବିଡ୍ ଦାଖଲ ଲାଗି ଆଗ୍ରହୀ ସଂସ୍ଥାକୁ ସେପ୍ଟେମ୍ବର ୨ରୁ 'ଆଇଓଇଆଇ ଡକ୍ୟୁମେଣ୍ଟ' ମିଳିବ। ଏହି ଡକ୍ୟୁମେଣ୍ଟରେ ବିଡ୍ ଦାଖଲର ବିସ୍ତୃତ ନିୟମ ଓ ସର୍ତ୍ତାବଳୀମାନ ଉଲ୍ଲେଖ ରହିଛି। 'ଆଇଓଇଆଇ' ଡକ୍ୟୁମେଣ୍ଟ କ୍ରୟ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୨ ରଖାଯାଇଛି। ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ହେବାକୁ ଥିବା ଆଗ୍ରହୀ ସଂସ୍ଥା ୫ ଲକ୍ଷ ଟଙ୍କାର ଅଣଫେରସ୍ତ ଯୋଗ୍ୟ ଫି ଦେଇ ଡକ୍ୟୁମେଣ୍ଟ କିଣିପାରିବେ ବୋଲି ଜଣାପଡ଼ିଛି।



ସେହିଭଳି ବିସିସିଆଇ ଦ୍ୱାରା ଧାର୍ଯ୍ୟ ଆର୍ଥିକ ଯୋଗ୍ୟତା ଅନୁଯାୟୀ, ବିଡ୍ ଦାଖଲକାରୀଙ୍କ ଗତ ୩ ବର୍ଷ ପାଇଁ ହାରାହାରି ବାର୍ଷିକ ଟର୍ଣ୍ଣଓଭର ୩୦୦ କୋଟି ଟଙ୍କା ହୋଇଥିବା ଆବଶ୍ୟକ। ସେହିଭଳି ବିସିସିଆଇ ନୂଆ ପ୍ରାୟୋଜକ ଲାଗି କେତେକ କଡ଼ା ସର୍ତ୍ତ ରଖିଛି। ଯେପରି ବିଡ୍ ଦାଖଲକାରୀ ଠକାମୀ, ଆର୍ଥିକ ଆପରାଧିକ ଆଦି ମାମଲାରେ ଜଡ଼ିତ ନ ଥିବେ। ବିସିସିଆଇ ନିୟମ ଅନୁଯାୟୀ ଦ୍ୱୈତ ସ୍ୱାର୍ଥର ଦ୍ୱନ୍ଦ୍ୱ ନ ଥିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଖିଲାପଧାରୀବର୍ଗରେ ସାମିଲ ହୋଇ ନ ଥିବେ। ଅନ୍‌ଲାଇନ ଗେମିଂ, ବେଟିଂ ସହ ଜଡ଼ିତ ହୋଇ ନ ଥିବେ କିମ୍ବା ଏଭଳି ସଂସ୍ଥାରେ ନିବେଶ କରି ନ ଥିବେ। ସେହିଭଳି ମଦ ଉତ୍ପାଦ, ତମାଖୁ, ବେଟିଂ ଓ ଜୁଆ, କ୍ରିପ୍ଟୋ କରେନ୍ସି, ଅନଲାଇନ ଗେମିଂ, ପର୍ଣ୍ଣୋଗ୍ରାଫି, ସରୋଗେଟ୍ ବ୍ରାଣ୍ଡିଂ ଆଦି ସହ ଜଡ଼ିତ ଥିବା ସଂସ୍ଥାକୁ ମୁଖ୍ୟ ପ୍ରାୟୋଜକ ଲାଗି ଅଯୋଗ୍ୟ ଘୋଷିତ କରାଯିବ। ଯେଉଁ ବିଡର୍ କ୍ରୀଡ଼ା ଓ କ୍ରୀଡ଼ା ପ୍ରଶାଧନ ସାମଗ୍ରୀ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସେବା, ମଦ-ମୁକ୍ତ ଥଣ୍ଡାପାନୀୟ, ବୀମା ଆଦି ସହ ଜଡ଼ିତ ସଂସ୍ଥା ବିଡ୍ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ(ଓସଜା)ର ବାର୍ଷିକ ସ୍ମରଣିକାକୁ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ସଭାପତି ଟଙ୍କଧର ତ୍ରିପାଠୀ କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଆନୁଷ୍ଠାନିକ ଉନ୍ମୋଚନ କରୁଛନ୍ତି।

୧୩ ବର୍ଷର ଲଢ଼େଇ

## ସୁପ୍ରିମକୋର୍ଟରେ ପହଞ୍ଚିଲା ଶ୍ରୀସନ୍ତ-ରାଜସ୍ଥାନ-ଇନ୍ସ୍ୟୁରାନ୍ସ ମାମଲା

ନୂଆଦିଲ୍ଲୀ ୨।୯ (ଏଜେନ୍ସି): ୨୦୧୨ରେ ଏସ୍ ଶ୍ରୀସନ୍ତଙ୍କୁ ନେଇ ଜଡ଼ିତ ଏକ ମାମଲାରେ ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସକୁ ସୁପ୍ରିମ କୋର୍ଟକୁ ଟାଣିଛି ଏକ ବୀମା କମ୍ପାନୀ। ଏହି ଘଟଣାଟି ୧୩ ବର୍ଷ ତଳର। ଆଣ୍ଠୁରେ ଆଘାତଜନିତ ସମସ୍ୟା ଲାଗି ଶ୍ରୀସନ୍ତ ୨୦୧୨ ଆଇପିଏଲ୍‌ରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଥିଲେ। ସେତେବେଳେ ଏହାକୁ ନେଇ ତାଙ୍କ ଦଳ ରାଜସ୍ଥାନ ରୟାଲ୍ସ କ୍ଷତିପୂରଣ ବାବଦକୁ ୮୨ ଲକ୍ଷ ଟଙ୍କା ବୀମା କମ୍ପାନୀ ନିକଟରୁ ଦାବି କରିଥିଲା। କିନ୍ତୁ ବୀମା କମ୍ପାନୀ ଏହି କ୍ଷତିପୂରଣ ଦେବାକୁ ମନା କରିଦେଇଥିଲା। ବୀମା କମ୍ପାନୀ ପକ୍ଷରୁ କୁହାଯାଇଥିଲା କି ଶ୍ରୀସନ୍ତ ଆଇପିଏଲ୍ ସମୟରେ ନୁହେଁ ବରଂ ଏହାର ବହୁ ପୂର୍ବରୁ ଆଘାତ ପାଇଥିଲେ। ପୁରୁଣା ଆଘାତ ସମସ୍ୟା ଲାଗି ସେ ୨୦୧୨ ଆଇପିଏଲ୍ ଖେଳିପାରି ନ ଥିଲେ। ନିୟମ ଅନୁସାରେ ଏହି ଆଘାତ ସମସ୍ୟା ବୀମା କମ୍ପାନୀକୁ ଜଣାଇବାର ଥିଲା। ଅପରପକ୍ଷରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ କୁହାଯାଇଥିଲା କି, ଶ୍ରୀସନ୍ତ ପୂର୍ବରୁ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଥିଲେ। କିନ୍ତୁ ସେ ଆଣ୍ଠୁଜନିତ ଆଘାତ ସମସ୍ୟା ଲାଗି ଆଇପିଏଲ୍ ଖେଳିପାରି ନ ଥିଲେ। ଏହାକୁ ନେଇ ବୀମା କମ୍ପାନୀ ଓ ରାଜସ୍ଥାନ ଫ୍ରାଞ୍ଚାଇଜ ମଧ୍ୟରେ କୋର୍ଟରେ ଲଢ଼େଇ ଲାଗି ରହିଥିଲା। ଶେଷରେ ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନ (ଏନ୍‌ସିଡିଆର୍‌ସି) ରାଜସ୍ଥାନ ରୟାଲ୍ସ ସପକ୍ଷରେ ରାୟ ଶୁଣାଇ ୮୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୀମା କମ୍ପାନୀ ଶେଷରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଏହି ମାମଲାରେ ବୀମା କମ୍ପାନୀକୁ ଅତିରିକ୍ତ ଦସ୍ତାବିଜ ଦାଖଲ କରିବାକୁ ସୁପ୍ରିମ କୋର୍ଟ କହିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶଯୋଗ୍ୟ, ଆଇପିଏଲ୍‌ର ପ୍ରତ୍ୟେକ ଦଳ ସେମାନଙ୍କ ଖେଳାଳିଙ୍କ ଇନ୍ସୁରାନ୍ସ କରିଥାନ୍ତି। ଯଦି ଖେଳାଳି ଆହତ ହୋଇ ବାଦ୍ ପଡ଼ନ୍ତି ତେବେ ଫ୍ରାଞ୍ଚାଇଜ ସେହି ଖେଳାଳିଙ୍କ ଉପରେ ଖର୍ଚ୍ଚ କରିଥିବା ଅର୍ଥରାଶି ବୀମା କମ୍ପାନୀ ନିକଟରୁ ପାଇପାରିଥାନ୍ତି।

ଏସିଆ କପ୍ ପୁରୁଷ ହକି

# ଆଜିଠାରୁ ସୁପର୍-୪ ମୁକାବିଲା




ରାଜଗିର,୨।୯ (ଏଜେନ୍ସି)

ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ବା ସୁପର-୪ ପର୍ଯ୍ୟାୟ ଆସନ୍ତାକାଲି ବା ବୁଧବାରଠାରୁ ଆରମ୍ଭ ହେବ। ୮ଟି ଦଳକୁ ନେଇ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଗ୍ରୁପର ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର-୪'କୁ ଉନ୍ନିତ ହୋଇଛି। ଏଥିରେ ଗ୍ରୁପ୍-ଏ'ରୁ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଭାରତ ଓ ଗୋଲ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଚୀନ୍ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି। ସେହିପରି ଗ୍ରୁପ୍-ବି'ରୁ ମାଲେସିଆ ୩ଟି ଓ ଦକ୍ଷିଣ କୋରିଆ ୨ଟି ଲିଗ୍ ମ୍ୟାଚ୍ ଜିତି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଏହି ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ଏଥିରେ ଗୋଟିଏ ଦଳ ଅନ୍ୟ ସହ ଥରେ ଲେଖାଏଁ ଅର୍ଥାତ୍ ୩ଟି ମ୍ୟାଚ୍ ଖେଳିବ। ଏଥିରେ ଯେଉଁ ଦୁଇଟି ଦଳ ସର୍ବାଧିକ ପଏଣ୍ଟ ହାସଲ କରିବେ ସେହି ଦୁଇ ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

ଗ୍ରୁପ୍-ଏ' ଲିଗ୍ ପର୍ଯ୍ୟାୟରେ ଭାରତ ୩ଟି ଯାକ ମ୍ୟାଚ୍ ଜିତିଥିଲେ ମଧ୍ୟ ଚୀନ ଓ ଜାପାନ ବିପକ୍ଷରେ ସଂଘର୍ଷ କରିଥିଲା। ପ୍ରୋ-ଲିଗ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆରେ ଅଭ୍ୟାସ ଲାଗି ଯିବା ଓ ସମସ୍ତ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ଭାରତ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନାହିଁ। ଏଭଳି ସ୍ଥିତିରେ ଦଳକୁ ସୁପର-୪ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବା ଏକ ଚ୍ୟାଲେଞ୍ଜ ଭାବେ ଦେଖା ଦେଇଛି। ହେଡ୍ କୋଚ୍ କ୍ରେଗ୍ ଫୁଲଟନ ଓ ଅଧିନାୟକ ହରମନପ୍ରୀତ୍ ସିଂ ଏହି ପର୍ଯ୍ୟାୟକୁ କିପରି ମୁକାବିଲା କରିବେ ତାହା ଦେଖିବାକୁ ବାକି ରହିଲା। ଚୀନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରିଛି। ଗ୍ରୁପ୍-ବି'ରେ ମାଲେସିଆ ଓ କୋରିଆ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସରଜିତ ସିଂହ କୁନ୍ଦନଙ୍କ ପ୍ରଶିକ୍ଷଣରେ ମାଲେସିଆ ଏଠାରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛି। ସୁପର-୪'ରେ ଏହି ଦଳ କିପରି ଖେଳିବ ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିବ।

**ସୁପର-୪ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ସମୟ |
|---|---|---|
| ୩।୯ | ମାଲେସିଆ-ଚୀନ | ସନ୍ଧ୍ୟା ୫ଟା |
| ୩।୯ | ଭାରତ-କୋରିଆ | ରାତି ୭.୩୦ |
| ୪।୯ | କୋରିଆ-ଚୀନ | ସନ୍ଧ୍ୟା ୫ଟା |
| ୪।୯ | ଭାରତ-ମାଲେସିଆ | ରାତି ୭.୩୦ |
| ୬।୯ | ମାଲେସିଆ-କୋରିଆ | ସନ୍ଧ୍ୟା ୫ଟା |
| ୬।୯ | ଭାରତ-ଚୀନ | ରାତି ୭.୩୦ |
| ୭।୯ | ଫାଇନାଲ | ରାତି ୭.୩୦ |

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS